# ପଞ୍ଚମୀ

0/774
26.8.62

ଓଡ଼ିଆ କ୍ଷୁଦ୍ର ଗଳ୍ପ ପ୍ରତିଯୋଗିତାରେ ପୁରସ୍କୃତ
ହୋଇଥିବା ପାଞ୍ଚୋଟି ଗଳ୍ପର ସମାବେଶ

ପ୍ରଥମ ସଂସ୍କରଣ

ପ୍ରକାଶକ—ପ୍ରଜାତନ୍ତ୍ର ପ୍ରଚାର ସମିତି

ମୂଲ୍ୟ ଟ ୧୵

ଲେଖିଛନ୍ତି ——————— ——

ଶ୍ରୀମତୀ ଶକୁନ୍ତଳା ଦେବୀ—ବଉଳା

ଶ୍ରୀ ବାମାଚରଣ ମିତ୍ର—ମହାଯୁଦ୍ଧ

ସରସ୍ୱତୀ କାନୁନଗୋ—ଭରସା

ଶ୍ରୀ ରାଜକିଶୋର ମହାନ୍ତି—ଲୁହର ଶିଶୁ

ଶ୍ରୀ ବିଭୂତିଭୂଷଣ ତ୍ରିପାଠୀ—ଶେଷରାତର ଅତିଥି

# ସୂଚନା

ବଶିଷ୍ଟ ଇଂରେଜୀ ସାହିତ୍ୟିକ ଅର୍. ଏଲ୍. ଷ୍ଟିଭେନ୍‌ସନ୍ କ୍ଷୁଦ୍ରଗଳ୍ପ ବିଷୟରେ କଥାବାର୍ତ୍ତା ପ୍ରସଙ୍ଗରେ ଥରେ ମିଃ ଗ୍ରାହାମ ବେଲଫୋରଙ୍କୁ କହିଥିଲେ ଯେ "There are, so far as I know, three ways, and three ways only, of writing a story. You may take a plot and fit characters to it, or you may take a character and choose incidents and situations to develop it, or lastly you may take a certain atmosphere, and get actions and persons to realise." କଥାବସ୍ତୁ ବାଛନେଇ ଆବଶ୍ୟକୀୟ ଚରିତ୍ରର ସମାବେଶ କରିବାକୁ ହେବ । ନୋହିଲେ ନାୟକ ନାୟିକାକୁ ବାଛନେଇ ଚରିତ୍ର ଗଠନପାଇଁ ମନୋମତ ଘଟଣା, ପରିସ୍ଥିତି ବା ସମସ୍ୟାର ସୃଜନ କରିବାକୁ ହେବ । କିମ୍ବା ଏକ ନିର୍ଦ୍ଦିଷ୍ଟ ପରିବେଶ ବା ବାୟୁମଣ୍ଡଳ ସୃଷ୍ଟିକରି ତାହା ଉପଲବ୍ଧି କରିବା ପାଇଁ ମନୋମତ ବ୍ୟକ୍ତି ଓ କାର୍ଯ୍ୟକଳାପର ଅବତାରଣା କରିବାକୁ ହେବ ।

ଉକ୍ତି ଖିତ ଶ୍ରେଣୀ ବିଭାଗ ସଂପୂର୍ଣ୍ଣ ସେକଥା କହୁ ନ ହେଲେ ମଧ୍ୟ କ୍ଷୁଦ୍ରଗଳ୍ପ-କଳାର ବିଶ୍ଳେଷଣ ପକ୍ଷରେ ଏହା ଯଥେଷ୍ଟ ସାହାଯ୍ୟକାରୀ । ବିଶ୍ୱସାହିତ୍ୟରେ ଯେପରି ଆମ ସାହିତ୍ୟରେ ମଧ୍ୟ ସେହିପରି ଏକ ବିଶେଷ ଆବଶ୍ୟକତା ପୂରଣ କରୁଛି କ୍ଷୁଦ୍ରଗଳ୍ପ । ଅତୀତରେ ମାସ ମାସ ଧରି କୌଣସି ବିରାଟକାୟ କାବ୍ୟ ବା ପୁରାଣ ପାଠକରି ଆନନ୍ଦ ବା ସରସତା ଉପଲବ୍ଧି କରିବାର ସମୟ ଓ ସୁବିଧା ଥିଲା ବେଶ୍ । ଆଧୁନିକ ଜୀବନ ପ୍ରତି ମୂହୂର୍ତ୍ତିରେ ନାନା କଳ କୋଳାହଳ, ଦ୍ୱନ୍ଦ୍ୱ ଓ ସଂଘର୍ଷର ସମ୍ମୁଖୀନ । ଆଧୁନିକ ଜୀବନର ନିତ୍ୟ ଉଦ୍‌ବିଗ୍ନତା ଓ ନିତ୍ୟ ଚଞ୍ଚଳତା ମଧ୍ୟରେ ମାସ ମାସ ଧରି କାବ୍ୟ ବା ପୁରାଣ ପାଠକରି ଆନନ୍ଦ ଉପଲବ୍ଧି କରିବାର ଧୈର୍ଯ୍ୟ ଆମର ନାହିଁ । ଅଳ୍ପ ପରିସର, ଅଳ୍ପ ସମୟ, ଅଳ୍ପ

ଘଟଣା, ତାର ଭିତରେ ଦ୍ୱନ୍ଦ୍ୱଗ୍ରସ୍ତ ଓ କ୍ଳାନ୍ତ ପ୍ରାଣ ଓ ମନକୁ ରସାଣିତ କରିବାକୁ ହେବ । ଆମ ଜାତୀୟ ଜୀବନରେ ଏହିଭଳି ଦାୟିତ୍ୱ ନେଇଛି ଆମର ଆଜିର କ୍ଷୁଦ୍ରଗଳ୍ପ । ସେଥିପାଇଁ ଆଧୁନିକ ସାହିତ୍ୟରେ କ୍ଷୁଦ୍ରଗଳ୍ପ ଏତେ ଲୋକପ୍ରିୟ ଓ କ୍ଷୁଦ୍ରଗଳ୍ପ ଲେଖକର ଆଦର ଏତେ ବେଶୀ । ଆମର କ୍ଷୁଦ୍ରଗଳ୍ପ ଲେଖକ ବା ଲେଖିକାମାନେ ଗଳ୍ପ ଲେଖିବାକୁ ଗଲାବେଳେ ଏହି ବିଷୟଟି ସବୁବେଳେ ଖିଆଲ ରଖିବା ଉଚିତ ।

ମିଃ ହଡସନ୍ ତାଙ୍କର "An Introduction to the study of literature ନାମକ ବହିରେ ଲେଖିଛନ୍ତି ଯେ କ୍ଷୁଦ୍ରଗଳ୍ପର ବୈଶିଷ୍ଟ୍ୟ ହେଉଛି Concentration ଅର୍ଥାତ୍ କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣାକୁ କେନ୍ଦ୍ର କରି କ୍ଷୁଦ୍ରଗଳ୍ପ ଗଢ଼ି ଉଠିବ । ଗଳ୍ପର କଥାବସ୍ତୁ ବା ଉଦ୍ଦେଶ୍ୟ ଯାହା ଥାଉ ନା କାହିଁକି ଗଳ୍ପଟି ପାଠକ ପ୍ରାଣରେ ନିଜର କ୍ଷୁଦ୍ର ପରିସର ମଧ୍ୟରେ ଯେପରି ପରିପୂର୍ଣ୍ଣ ଆନନ୍ଦ ସଞ୍ଚାର କରେ । ମିଃ ହଡସନଙ୍କ ଭାଷାରେ ଗଳ୍ପଟି ପଢ଼ି ପାଠକ ଯେପରି ଅନୁଭବ କରେ ଯେ "even if nothing would have been lost, at least nothing wold have been gained, by further elaboration. ଏହା ବୋଲି ଯେ ଗଳ୍ପ କେବଳ ଜୀବନର କୌଣସି ଏକ ଛୋଟିଏ ଘଟଣାକୁ ଚିତ୍ରଣ କରିବ ତାହା ନୁହେଁ । ଗଳ୍ପର ସମୟ ଓ କାଳ-ପରିସର ଜୀବନବ୍ୟାପୀ ଦୀର୍ଘ ମଧ୍ୟ ହୋଇପାରେ । ଏହି ପ୍ରସଙ୍ଗରେ ଓ୍ୱାସିଙ୍ଗଟନ ଇରଭିନ୍‌ଙ୍କ ବିଖ୍ୟାତ କ୍ଷୁଦ୍ରଗଳ୍ପ Ripvan winkle ବିଷୟ ଉଲ୍ଲେଖ କରାଯାଇପାରେ । ଉକ୍ତ ଗଳ୍ପରେ ନାୟକର ଦୀର୍ଘ-ଜୀବନର କାହାଣୀ ଚିତ୍ରିତ ହୋଇଛି । ମାତ୍ର ଗଳ୍ପ ଲେଖକ ଏପରି ଦକ୍ଷତାର ସହିତ ତାହା ବର୍ଣ୍ଣନା କରିଛନ୍ତି ଯେ ରିପ୍‌ଭାନ ଉଇଙ୍କଲର ଶୋଇ ପଡ଼ିବାଠାରୁ ଉଠିବା ମଧ୍ୟରେ ଦୀର୍ଘ ୨୦ ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଇତ୍ୟବସରରେ ଲେଖକ ଅନ୍ୟ କୌଣସି ଘଟଣାବଳୀର ଉଲ୍ଲେଖ କରି ପାଠକପାଠିକାଙ୍କର ଦୃଷ୍ଟିକୁ ବିକ୍ଷିପ୍ତ ଓ ବିଭ୍ରାନ୍ତ କରି ନାହାନ୍ତି ।

ଗୋଟିଏ ଘଟଣାକୁ କେନ୍ଦ୍ରକରି ଗଳ୍ପାଙ୍କୁରର ଅବତାରଣା ଯେପରି ଏକ ବୈଶିଷ୍ଟ୍ୟ, ଗଳ୍ପର ସକଳ ଅଂଶ ମଧ୍ୟରେ ଏକତା ରକ୍ଷା କରିବା ସେହିପରି ଅନ୍ୟ ଏକ ବୈଶିଷ୍ଟ୍ୟ ଓ ତାହା ହେଉଛି unity of motive, unity of purpose, unity of action ଏବଂ unity of impression. କାର୍ଯ୍ୟ କାରଣ ଓ ଉଦ୍ଦେଶ୍ୟ ଏପରି ପରସ୍ପର ସଂଶ୍ଳିଷ୍ଟ ରହିବ, ଯେପରିକି ପାଠକପାଠିକା ମନରେ ଏକ ଅବିଭକ୍ତ ପ୍ରଭାବ ପକାଇବ । ପରସ୍ପର ବିରୋଧୀ ବିଭିନ୍ନ ଘଟଣାର ସମାବେଶରେ ପାଠକ ପ୍ରାଣ ଓ ମନ ଯେପରି ଗୋଳମାଳିଆ ଅବସ୍ଥାରେ ନ ପଡ଼େ, ସେକଥା ବୁଝାଇବାକୁ ଯାଇ ମିଃ ହଡସନ ପୁଣି କହିଛନ୍ତି "Singleness of aim and singleness of effect are therefore the two great canons by which we have to try the value of a short story as a piece of art.

ଏହି ଦୃଷ୍ଟିରୁ ଆମ ସାହିତ୍ୟରେ କ୍ଷୁଦ୍ର-ଗଳ୍ପକଳାର ଉନ୍ନତି କେତେ ଘଟିଛି ତାହା ଆଲୋଚନା କରିବା ଉଚିତ ।

ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ବା ଉପନ୍ୟାସର ଜନକ କଥା କହିବାକୁ ଗଲାବେଳେ ସ୍ୱର୍ଗତଃ ଫକୀରମୋହନଙ୍କ କଥା ମନେ ପଡ଼େ । ଓଡ଼ିଆ ସାହିତ୍ୟରେ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପର ଯେ ଭିତ୍ତି ସେ ପକାଇଥିଲେ ଏବେ ମଧ୍ୟ ମୌଳିକତା, ସାମାଜିକ ଓ ଗ୍ରାମ୍ୟ ଜୀବନ-ଚିତ୍ରଣରେ ଆଧୁନିକ ଗଳ୍ପ ଓ ଉପନ୍ୟାସ ଲେଖକ ପକ୍ଷରେ ତାହା ଅନୁକରଣୀୟ ହୋଇ ରହିଛି । ଫକୀରମୋହନଙ୍କ ସମୟଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ଲେଖକ ଲେଖିକା କ୍ଷୁଦ୍ରଗଳ୍ପ ଲେଖିବା କାର୍ଯ୍ୟରେ ମନୋନିବେଶ କରିଛନ୍ତି । ବସ୍ତୁତଃ ଖବରକାଗଜ ପ୍ରଚାରର ଓ ମାସିକ ପୁସ୍ତକାଦି ପ୍ରକାଶର ଦିନଠାରୁ ଓଡ଼ିଶାର ସାହିତ୍ୟିକ ମହଲରେ ନୂତନ ଉତ୍ସାହ ଓ ଚଞ୍ଚଳତା ଦେଖା ଦେଇଛି । ସେହି ଉତ୍ସାହକୁ ବଢ଼ାଇବା ପାଇଁ ପ୍ରକାଶକ

ପ୍ରଗ୍ରସମିତି ପକ୍ଷରୁ ନୂଆଦିଲ୍ଲୀର ହିନ୍ଦୁସ୍ତାନ ଟାଇମସ୍ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟରେ ଏକ କ୍ଷୁଦ୍ରଗଳ୍ପ ପ୍ରତିଯୋଗିତା କରାଯାଇ ଥିଲା । ଏହି କ୍ଷୁଦ୍ରଗଳ୍ପ ପ୍ରତିଯୋଗିତାରେ ୧୯୦ ଜଣ ଲେଖକ ଲେଖିକା ଅଂଶ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ଯେଉଁ ପାଞ୍ଚୋଟି ଲେଖା ଉପଯୁକ୍ତ ବିବେଚିତ ହୋଇ ପୁରସ୍କାର ଯୋଗ୍ୟ ବିବେଚିତ ହୋଇଛି । ସେହି ପାଞ୍ଚୋଟି ଲେଖାକୁ ନେଇ ପ୍ରଜାତନ୍ତ୍ର ପ୍ରଗ୍ରସମିତି ପକ୍ଷରୁ 'ପଞ୍ଚମୀ' ପୁସ୍ତିକାଟି ପ୍ରକାଶିତ ହେଉଛି । କ୍ଷୁଦ୍ରଗଳ୍ପ ପ୍ରତିଯୋଗିତା ଆରମ୍ଭ କରିବା ଓ ଓଡ଼ିଶାର ଲେଖକ ଲେଖିକାମାନଙ୍କୁ ବିଭିନ୍ନ ଭାବରେ ଉତ୍ସାହିତ କରିବା ଉଦ୍ୟମ ପଛରେ ସବୁବେଳେ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ପ୍ରତ୍ୟକ୍ଷ ପ୍ରେରଣା ରହିଛି । ବର୍ତ୍ତମାନ କ୍ଷୁଦ୍ରଗଳ୍ପ ବିଷୟ ଆଲୋଚନା କରାଯାଉ । ଆମର ବିଭିନ୍ନ ପତ୍ର ପତ୍ରିକାରେ ଯେତେ କ୍ଷୁଦ୍ରଗଳ୍ପ ପ୍ରକାଶିତ ହେଉଛି, ଏବଂ ପ୍ରତିଯୋଗିତା ପାଇଁ ଯେଉଁ ଲେଖା ସବୁ ମିଳିଛି, ସେ ସବୁ ଭଲ ଭାବରେ ପଢ଼ି ଆଲୋଚନା କଲେ ଦେଖାଯାଏ ଯେ, ନଈକୂଳରେ କେଉଁଠି କେଉଁ ତରୁଣୀ ସହିତ କାହାର ପ୍ରଥମ ଦେଖାହୋଇଛି । ତରୁଣୀର ଚିନ୍ତାକୁ ରୂପ ଦେବାକୁ ଯାଇ ଲେଖକ ତରୁଣର ଚିନ୍ତା, ବରଂ ଅସଂଯତ ଚିନ୍ତାକୁ ରୂପଦେଇ ଗୁଳାଉଛି ତାର ଗଳ୍ପରେ । ନିଜ ଜଗତରେ ରହି କିଛି ବାଟ ଲେଖି ଗୁଳାଇବା ପରେ ହୁଏତ ସହସା ମନେ ପଡ଼ୁଛି ଗଳ୍ପଟିର ମୁଖ୍ୟବସ୍ତୁ ସେହି ତରୁଣୀ । ତାପରେ ଆଉ କିଛି ଚିନ୍ତା ମନକୁ ଆସୁନାହିଁ । ସେପରି ସମାବେଶରେ ତରୁଣୀର ସୂକ୍ଷ୍ମ ମନସ୍ତତ୍ତ୍ୱ ଆଲୋଚନାରେ ଲେଖକ ସମର୍ଥ ହୋଇନାହିଁ । ତେଣୁ ସମସ୍ତ ଗଳ୍ପଟି ଶେଷକୁ କେବଳ ନିଜର ଚିନ୍ତାରେ ଭାରାକ୍ରାନ୍ତ ହୋଇ ଉଠିଛି । ହୁଏତ କେଉଁଠି ଲେଖକ କଅଣ ଲେଖିବ ନ ଭାବି ଲେଖା ଆରମ୍ଭ କରି ଦେଉଛି; ଆଉ କେଉଁଠି ହୁଏତ କଅଣ ଭାବି ଲେଖା ଆରମ୍ଭ କରିଛି—ମଝିରେ ହୁଏତ ନିଜର ଆତ୍ମପ୍ରକାଶ କରି ନପାରି ଘଟଣା ସ୍ରୋତରେ କେତେଦୂର ଭାସି ଯାଇଛି । ଯୁକ୍ତିଯୁକ୍ତ ପରିସମାପ୍ତି ଖୋଜି ପାଉନାହିଁ । ଅଥବା କେଉଁଠି ହୁଏତ ଗଳ୍ପର ମୁଖ୍ୟ ବସ୍ତୁକୁ ଛାଡ଼ି ନିଜର ଚିନ୍ତା ସ୍ରୋତରେ ଅନେକଦୂର ଆଗେଇ ଗୁଳାଇବା ପରେ ଗଳ୍ପରୁ ନିଜର ସରସତା ତୁଟି ଯାଇଛି । ପୁଣି ମୂଳବସ୍ତୁ ସହିତ

କ୍ଷିଅ ଯୋଡ଼ି କୌଣସି ରକମ ଗଳ୍ପଟିକୁ ଶେଷ କରି ଦେଉଛି । ଅନ୍ୟ କେଉଁଠି ହୁଏତ ନିଜ ଜୀବନର ଛୋଟ ଓ ବାସ୍ତବ ଅନୁଭୂତିକୁ ଗଳ୍ପରେ ରୂପାୟିତ କରିବାକୁ ଯାଇ ଲେଖକ ବା ଲେଖିକା ପ୍ରଥମେ ଗଳ୍ପ ଆରମ୍ଭ କରିଛି । ଅସ୍ପଷ୍ଟ ପ୍ରକାଶ ଭୟରେ ମଝିରେ ସଂକୋଚ ଅନୁଭବ କରି ଆଉ କାହା ଉପରେ ସେ ସବୁ ଆରୋପ କରିବା ପାଇଁ ଅନ୍ୟ ଚରିତ୍ରକୁ ଗଳ୍ପ ମଝିକୁ ଟାଣି ଆଣିଛି । ଏହିପରି କେଉଁ ଗଳ୍ପର ପ୍ରଥମ ହୋଇଛି ସୁନ୍ଦର । ମଝିରେ ଅସ୍ପଷ୍ଟତା ଓ ଶେଷରେ ବ୍ୟର୍ଥତା । କେଉଁ ଗଳ୍ପର ପ୍ରଥମ ନିରର୍ଥକ । କ୍ରମେ ଚିତ୍ତାକର୍ଷକ ହୋଇ ପୁଣି ଗଳ୍ପର ଗତି ଖସିପଡ଼ିଛି । ଗଳ୍ପର ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପଢ଼ିବାପାଇଁ ପାଠକ ପାଠିକାଙ୍କର ଧୈର୍ଯ୍ୟ ଥାଉ ବା ନ ଥାଉ ଲେଖକ ଓ ଲେଖିକାଙ୍କର ଗଳ୍ପ ଆରମ୍ଭକରି ଶେଷ କରିବା ପର୍ଯ୍ୟନ୍ତ ଧୈର୍ଯ୍ୟ ଓ ସ୍ଥିର ଦୃଷ୍ଟି ରହୁନାହିଁ । ଏ ଗଳ୍ପ ଗଳ୍ପ ସାହିତ୍ୟର ଗୋଟିଏ ଦିଗ ମାତ୍ର । ଆମର ଅନ୍ୟ ତ୍ରୁଟି ହେଉଛି variety ବା ବୈଚିତ୍ର୍ୟର ଅଭାବ । ୧୯୦ଟି ଗଳ୍ପ ମଧ୍ୟରୁ ପ୍ରାୟ ୧୬୦ଟି ଗଳ୍ପ ତରୁଣ-ତରୁଣୀର ସାକ୍ଷାତ, ପ୍ରେମ, ବିରହ, ପ୍ରତାରଣା ଓ ମନୋମାଳିନ୍ୟକୁ କେନ୍ଦ୍ର କରି ଲେଖାଯାଇଛି । ଅଧିକାଂଶ ଗଳ୍ପର ଚରିତ୍ର ପ୍ରାୟ ଶିକ୍ଷିତ ଓ ମଧ୍ୟବିତ୍ତ ଶ୍ରେଣୀର । କେତେକ ଗଳ୍ପରେ ଲେଖକ ସଂପୂର୍ଣ୍ଣ ନିଜର ଦାର୍ଶନିକ ଚିନ୍ତାରେ ନିମଗ୍ନ । ଲେଖକର ନିଜ ଜଗତରେ ବାହାରେ ଯେ ବୈଚିତ୍ର୍ୟ-ପୂର୍ଣ୍ଣ ଜଗତ ପଡ଼ି ରହିଛି ଓ ତାର ଲେଖା ଯେ ବହୁ ପାଠକ ପାଠିକାମାନଙ୍କ ପାଇଁ ଉଦ୍ଦିଷ୍ଟ ଏକଥା ଭୁଲିଗଲେ ହେବନାହିଁ । ବୈଚିତ୍ର୍ୟ ପୂର୍ଣ୍ଣ ଜଗତ ଓ ବୈଚିତ୍ର୍ୟପୂର୍ଣ୍ଣ ଜୀବନର ପ୍ରତି ମୁହୂର୍ତ୍ତର ଘଟଣାକୁ ନେଇ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଅଥଚ ସୁନ୍ଦର କ୍ଷୁଦ୍ରଗଳ୍ପ ରଚନା କରାଯାଇ ପାରେ ।

ଜୀବନ ଓ ସାହିତ୍ୟ ଏହା ଦୁଇଟି ଅଲଗା ନୁହେଁ । ଜୀବନର ରୁଢ଼ ବାସ୍ତବତାହିଁ କେବଳ ସାହିତ୍ୟ ନୁହେଁ । ହୃଦୟର ଦରଦରେ ନିର୍ମମ ବାସ୍ତବତାକୁ ରୂପାନ୍ତରି କରି ଲେଖକ ଜୀବନ ଓ ସାହିତ୍ୟ ମଧ୍ୟରେ ସହଜ ଓ ଅଚ୍ଛେଦ୍ୟ ସଂପର୍କ ସ୍ଥାପନ କରେ । କ୍ଷୁଦ୍ରଗଳ୍ପ କ୍ଷୁଦ୍ର ପରିସର

ମଧ୍ୟରେ ସେହି ଅଭାବ ପୂରଣ କରିବା ଉଚିତ । ଓଡ଼ିଶାରେ କ୍ଷୁଦ୍ରଗଳ୍ପ ସାହିତ୍ୟର ପ୍ରସାର ଦିଗରେ ଯଥେଷ୍ଟ ସୁବିଧା ରହିଛି । ବହୁ ଉପାଦାନ ମଧ୍ୟ ରହିଛି । ଆମ୍ଭର କ୍ଷୁଦ୍ର ଗଳ୍ପ ଲେଖକ ଓ ଲେଖିକାମାନେ ସେ ଦିଗରେ ମନୋନିବେଶ କଲେ ଆମ ଗଳ୍ପ-ସାହିତ୍ୟ ନିଶ୍ଚୟ ଭବିଷ୍ୟତରେ ଉଚ୍ଚସ୍ଥାନ ଅଧିକାର କରିବ ।

ଆମର କ୍ଷୁଦ୍ର ଗଳ୍ପ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଶ୍ରୀମତୀ ଶକୁନ୍ତଳା ଦେବୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଶ୍ରୀ ରାମଚରଣ ମିଶ୍ର । ତୃତୀୟସ୍ଥାନ ଅଧିକାର କରିଛନ୍ତି ସରସ୍ୱତୀ କାଞ୍ଚନ ଦେବୀ, ଚତୁର୍ଥସ୍ଥାନ ଅଧିକାର କରିଛନ୍ତି ଶ୍ରୀ ବ୍ରଜକିଶୋର ମହାନ୍ତି ଓ ପଞ୍ଚମସ୍ଥାନ ଅଧିକାର କରିଛନ୍ତି ଶ୍ରୀ ବିଭୂତିଭୂଷଣ ତ୍ରିପାଠୀ । ଲେଖକ-ଲେଖିକାମାନଙ୍କୁ ପ୍ରତିଯୋଗିତାରେ ପୁରସ୍କାର ଦେବା ଉଦ୍ୟମ ଓଡ଼ିଶାରେ ଏହା ପ୍ରଥମ । ପୁରସ୍କାର ଦେବା ସଙ୍ଗେ ସଙ୍ଗେ ଅଧିକ ଉତ୍ସାହିତ କରିବା ପାଇଁ ତାହା ପୁସ୍ତକ ଆକାରରେ ପ୍ରକାଶିତ ହେଉଛି । ଆମର ବିଶ୍ୱାସ ସାହିତ୍ୟିକ ମଣ୍ଡଳୀ ଏହା ସାଦରେ ଗ୍ରହଣ କରିବେ ।

ଚନ୍ଦ୍ରମଣି ପାଣିଗ୍ରାହୀ
ସମ୍ପାଦକ, ପ୍ରଜାତନ୍ତ୍ର

ନଂ ୧/774
ତା 26.1.62

# ବଉଳା

ଶ୍ରୀମତୀ ଶକୁନ୍ତଳା ଦେବୀ

ରାତି ପାହେ । ସ୍ୱେର୍ ଯାଇ ଖସି ଅସେ । ସନାମା' ଘର ପଛପଟ ପଦା ଉପରେ ବଉଳା ବେକରୁ ପଘା ଫିଟାଇ ଦେଇ କହେ "ସୁନାଟି ପରା, ଯା ବୁଲି ଚରି ଆସିବୁ । କାହା ବାଡ଼ିରେ ପଶିବୁ ନାହିଁ । ବୁଝିଲୁ ନାଁ.....ଅଏଁ ?" ଏତିକି କହି ବୁଢ଼ୀ ତା'ର ବେକଟିକୁ ଆଉଁସି ଦିଏ । ଲମ୍ବ ମୁହଁଟିକୁ ଉପରକୁ ଟେକି ସଞ୍ଜୁଳେଇ ପୁଣି କହେ, "ଅ—ହା— ସୁବୁମାସି ! ତୋର ଅବୋଉଁ ମନ ନାହିଁ ଯିବାକୁ—ଜୁହେଁ ନା !" ଗାଈ ମଉନ ହୁଏ । କେତେବେଳେ ବା ଅନୁଚ୍ଚ ସ୍ୱରରେ ଗୋଟିଏ ଶବ୍ଦ କରେ । ବୁଢ଼ୀ ପୁଣି କହେ "କଣ କହିମି କହନା ଲୋ ବଉଳା ! ତୁ ଜଗନେ ହେବ ଭେମିଛ ? ମୁଁ ପରା ଗଈବ ! ଘରେ ମୋର କଣ ଅଛି ଯେ ତତେ ବସିବାର ଭଣ୍ଡି ଖାଇଛେ ଦେମି !" ଏତିକି କହି ସାରିବା ପରେ ଅଉଥରେ ସେ ମୁହଁଟିକୁ ଗୁହିଁ ଚାଲିଅସେ । ବଉଳା ଅସ୍ତେ ଅସ୍ତେ ଚାଲିବାକୁ ଲାଗେ ଭଲ ଘାସର ସନ୍ଧାନରେ । ସନାମା ଚାହିଁ ରହେ ବଉଳାର ଯିବା ବାଟକୁ । ବଉଳା ଅଦୃଶ୍ୟ ହୋଇଗଲେ ଉଜମୋହ ହୋଇ ହେଇଁ କହେ "ଯାଏଁ ଲୋ ମା—ଭେଣେ ବେଳେବୀମ ପହଁଚ !"

ଦିନସାରା ସେ ଲାଗେ କାମରେ । ଜମି ମଞ୍ଜି ସାଉଁଟିବା, ଘର ଗାଡ଼ିବା; ଜାଲ କାଠ ଶୁଖେଇବା, ଖତଗଣ୍ଡେ ଫୁଟେଇବା, ଦୁହା କଣ୍ଡା କରିବା, ସାଗ ମାଚିଆ ଗଛ ଲଗେଇବା ଇତ୍ୟାଦି କେତେ କାମ ପଛକୁ ପଛ ଯୁଟିଯାଏ । କିନ୍ତୁ ତାର ପିଲାଛୁଆ ନାହାନ୍ତି । ଯେଉଁଠି ସେ ଥାଉନା କାହିଁକି, ଯେ କୌଣସି କାମ କରୁଥାଉ ନା କାହିଁକି ବଉଳାର ଭାବନା ତା ମନରୁ ଯାଏ ନାହିଁ । କେତେବେଳେ ଅଉ କେଉଁ ଗାଈର ପାଟି ଶୁଣିଲେ କାମଧନ୍ଦା ଛାଡ଼ି ଦେଇ ପଦାକୁ ଆସି ଅନେଇ ଯାଏ ।

ସଞ୍ଜ ଥିବ ତେର ତେର । ସୂର୍ଯ୍ୟଙ୍କ କିରଣଟା ନାଲି ପଡ଼ି ଆସୁଥିବ । ରେ ଯେତେ କାମ ଥାଉ ପଛେ ସନାମା ଗୁଳି ଆସିବ ପଦାକୁ । ବଉଳା ଆସି ନ ଥିଲେ ଖୁବ୍ ଉଚ୍ଚ ସ୍ୱରରେ ଡାକିବ "ବଉଳା ଲୋ ବଉଳା—" ବଉଳାର ଉତ୍ତର ନ ପାଇଲେ ବିରକ୍ତ ହୋଇ କହିବ, "ହୁଁ ଅଲେଖ ଗାଈ କି ଜାକୁଣୀଟା ଏତେବେଳଯାଏଁ । ସଞ୍ଜ ହେଲଣି ଆସି । ତା'ର ଦେହେ କି ଚମ୍ପ ସବୁ ନାହିଁ !" ପୁଣି ଡାକିବ । ଦିନେ ଦିନେ ଡାକି ଡାକି ଝଣ୍ଟି ପଡ଼ଯାଏ, ତଥାପି ଡାକେ । ଠିକ୍ ସଞ୍ଜ ହୋଇ ଆସିଲା ବେଳକୁ ଶୁଭିବ ବଉଳାର ପାଟି । ସନାମା କହିବ "ଚଞ୍ଚଳ ଅ—" ଗୁହିରଡ଼ିକ ତାହାର ଅଡ଼କୁ ଏକ ଦୃଷ୍ଟିରେ । ବଉଳା ଲମ୍ବର ପସର ହୋଇ ଧାଇଁ ଆସିବ । ଆସି ପ୍ରତ୍ୟୁଷଲକ୍ଷଣି ସନାମା ଦେହରେ ଏପଟ ସେପଟ ଘସିହେବ । ବୁଢ଼ୀ ତାର ମୁହଁଟିକୁ ଟିକେ ଟେକିଧରି ସାଉଁଳି ଦେବ । ତାପରେ ତା ପେଟରେ ହାତ ମାରି କହିବ—"ପେଟ ପୂରିଚି, ନା ?" ନିଜେ ନିଜେ ଉତ୍ତର ଦେଇ କହିବ "ନା, ପୂରିନି ତ ! ହଉ ଚାଲ୍ ଚାଲ୍, ଘରେ ଫେଜ ତୋରଣି ଅଛି, ପିଇବୁ ।" ବଉଳା ଚାଲିବ ଆଗେ ଆଗେ । ସନାମା ଚାଲିବ ପଛରେ । ବଡ଼ବଡ଼ ସେ ଅନାଇଥିବ ବଉଳା ଦେହକୁ । କେଉଁଠି ଧୂଳି-ଟିକେ ଲାଗିଥିଲେ ଝାଡ଼ି ପୋଛି ଦେବ । ଗୋବର ଲାଗି ଶୁଖି ଯାଇଛି ତ ଜଳରେ ଓଦା କରି ସଫା କରିଦେବ । ବଉଳା ଘରକୁ ଆସିବା ପରଠୁଁ ସନାମା ମନରେ ଭାରି ଆନନ୍ଦ, ଭାରି ଫୁର୍ତ୍ତି ।

ବଉଳ ଅମାବାସିଆରେ ଜନମ ବୋଲି ନାମ ତାର ବଉଳା । ଯୁଆଡ଼ି ଦିନରୁ ଅଣ୍ଡ ଗୋଲବସ୍ତରେ ବନ୍ଧି ଅଛନ୍ତି । ସନାମାର ଘରକୁ ସେ ନିଜେ, ଷାଠିଏ ବର୍ଷର ଗୋଟିଏ ପୁଅ, ଆଉ ଏଇ ଗାଈ । ଆଗରୁ ତା ଘରେ ଥିଲେ ପାଞ୍ଚୋଟି ଗାଈ । ସେମାନଙ୍କର ତଦାରଖ୍ କରିବା ତା ପକ୍ଷରେ ବଡ଼ ଅସମ୍ଭବ ହୋଇ ପଡ଼ିଲା । ଗରିବ ଘର । ଅଖପାଖରେ ଘାସ ନାହିଁ । ଖାଇବେ କଣ ? ଏଣୁ ସମସ୍ତଙ୍କୁ ଗୋଟି ଗୋଟି କରି ବିକି ଦେଇ ରଖିଲେ କେବଳ ଏଇ ଗୋଟିକୁ । ବଉଳାକୁ ଯିଏ ଗାଈ ବୋଲି ନ ଜାଣିଛି ସେ ସନାମାର କଥାବାର୍ତ୍ତାରୁ ବୁଝେ ବଉଳା ତାଙ୍କ ଝିଅ । ତା କହିବାର ଭଙ୍ଗୀରୁ କେହି କେବେ ଠଉରାଇ ପାରିବ ନାହିଁ ଯେ, ବଉଳା ଗୋଟିଏ ଗାଈ । ସେ କହିଚାଲେ, କମିତି ତା ଦୁଃଖରେ ବଉଳା କାନ୍ଦେ, ଯାହା ଦେଲେ ସେ କମିତି ଉତ୍ତର ଦିଏ, ସେ ଲୋକଙ୍କ ସ୍ୱଭାବ...... ଇତ୍ୟାଦି, ଇତ୍ୟାଦି । ଏହିସବୁ କଥା କହୁଁ କହୁଁ ତା ଆଖିରୁ ଲୁହ ଗଡ଼ିବାର ବି ଲୋକେ ଦେଖିଛନ୍ତି । ଏହି କାନ୍ଦିବା ଭିତରେ ସେ କହି ଚାଲେ ବଉଳା ଜୀବନର ଦୁଃଖ ; ତାର ଗୋଟିଏ ବାଛୁରୀକୁ ବାଘ ଖାଇଦେଲା ଆଉ ଗୋଟିଏ କି ଅଜଣା ରୋଗରେ ମରିଗଲା । ଗାଈଟିର ଦୁଃଖ କଥା କହୁ କହୁ ସେ ନିଜର ଦୁଃଖକଥା କହି ଚାଲେ । ଲୋକେ ଭାବନ୍ତି ଯେ, ଗାଈର ଜୀବନ ସନାମା ଜୀବନ ସହିତ ଅନେକ ପରିମାଣରେ ଖାପ୍ ଖାଇଯାଏ । ଏହି ସାମଞ୍ଜସ୍ୟଟା ବୁଝିବ ଏ ଗାଈ ଭଲ ପାଇବାରୁ ସୃଷ୍ଟି ହୋଇଛି କି ଏ ସାମଞ୍ଜସ୍ୟରୁ ଭଲ ପାଇବାଟା ଜନ୍ମିଛି ଠିକ୍ କରିବା ବଡ଼ କଠିନ ହୋଇପଡ଼େ ।

ବେଳେ ବେଳେ ବଉଳା ପାଖରେ ଗୁହାଳଟାରେ ବସି ସନାମା ନିଜ ଜୀବନର କାହାଣୀ ସବୁ ବଖାଣି ଚାଲେ । ସେ କହେ—ବଉଳା ଶୁଣେ । କଥା ମଝିରେ ବଉଳା ଅଦ୍ଭୁତ ସ୍ୱରରେ ରଡ଼ି କରେ । ସନାମା ସମର୍ଥନ ପାଇ ମନେ ମନେ ବେଶ୍ ଖୁସି ହୁଏ ।

ବେଳେ ବେଳେ ଦୁଏକ ଲୋକ ବଉଳାକୁ ଅବଜ୍ଞା ବାହାର ଆଖିରେ କହୁଥିଲେ । କହୁଁ କହୁଁ ବଉଳା ଜାଣିପାରିଲେ ତା

ମୁହଁଠାରୁ ଅଣି ସନାମାର କାନ୍ଧ ଉପରେ ଥୋଇଦିଏ, ସନାମା ଭୁଲେ ବଉଳା ପ୍ରାଣର ବେଦନା । ସବୁ ବୁଝିଲା ପରେ କହେ "ତୋ କପାଳକୁ ମୋ କପାଳ ଲେଖି ବଉଳା । ଦିହେଁ ନାହେ ହୀନମାନୀ ।"

ଅଉ ଲୋକଙ୍କ ପରି ସନାମାର ଗାଁ ଗଣ୍ଡା ସହିତ ବେଶିତ ସମ୍ପର୍କ ନଥାଏ । ନିଜ ଧନ୍ଦାରେ ଲାଗିଥାଏ ସବୁବେଳେ । ପୁଅଟି ଜଣକର ଅଧା-ମୂଲିଆ । ଆଉ ଅଧିକ ନିଜ ଗୃହସ୍ଥର ଲାଗେ ବା କେଉଁଦିନ ଉପୁରି-ଖାଏ । କଷ୍ଟେ ସୃଷ୍ଟେ ଦିହେଁ ଚଳନ୍ତି । ପୁରେ ବୋଲି ଘର । କୋଠରୀ ସେଥିରେ ମୋଟେ ଗୋଟିଏ । ସେହି କୋଠରୀରେ ପୁଅଟି ଶୁଏ । ପିଣ୍ଡାର ଗୋଟିଏ କୋଣକୁ ଗାଈ ରହେ । ସେହି ଗାଈ ପାଖରେ ଶୁଏ ସନାମା ପିଣ୍ଡାର ଅନ୍ୟ ଗୋଟିଏ କୋଣରେ ବାହୁଣି ରଖିବା ପାଇଁ ସାନ କୋଠରୀ ଟିଏ । ପିଣ୍ଡାରେ ହାଣ୍ଡି ଶାଳ । ଶାଗ ପଖାଳ ଗଣ୍ଡେ [illegible] ଦିହେଁ ଦୁଃଖେ ସୁଖେ କାଳ କଟାଇ ଯାଆନ୍ତି । ତା'ର ଗାଁ ଗଣ୍ଡାକୁ ନ ମିଶିବାର କାରଣ ବିଷୟରେ କେହି ପଚାରିଲେ ସେ କହେ—"ହଁ—ଆଉ ବଳ ବଅସ ଅଛି ଯେ ମିଶି ସାହି ବୁଲିବା ପାଇଁ । ଧନ ଥିଲା ଯେତେ-ବେଳେ କି କେତେ ମୋ ପାଖକୁ ନିତି ଦଉଡ଼ୁଥିଲେ । ଆଉ ଏବେ ଦେଖ ! ଗଛରୁ ପତର ଝଡ଼ିଗଲେ କି କଉଁ ଚଢ଼େଇ ସେଠି ବସା ବାନ୍ଧେ ।" ତା'ର ସମସ୍ତ ସମ୍ପର୍କ ବଉଳା ସହିତ । ବଉଳା ଓ ସନାମା, ସନାମା ଓ ବଉଳା—ଦୁହେଁ ଯେପରି ଦୁହିଁଙ୍କଠାରୁ ଏକବାରେ ଅଭିନ୍ନ ।

ଦିନପରେ ଦିନ କଟେ ।

କିନ୍ତୁ ସବୁଦିନ ଏକାପରି କଟେନା ।

ବଉଳାର ଲିପିଲା ପୋଛିଲା ପରି ଦେହ, ଦେହର ସବଳତା, ତା'ର ଗୃହଚାଳନା କେତେକଙ୍କ ପକ୍ଷରେ ବଡ଼ ଚକ୍ଷୁଶୂଳ ହେଲା । ଈର୍ଷାରେ ଜରଜର ହୋଇ ଜନସନ୍ଧ ସେମାନେ ଭାବିବାକୁ ଲାଗିଲେ କପରି ଏ ଖାଇ ଯିବ ସନାମାକୁଁ । ସେଥିପାଇଁ କେତେ ଉପାୟ ଚିନ୍ତା

କରିବାକୁ ପଡ଼ିଲା, କେତେ ମନ୍ତ୍ରଣା ସଭା ବସିଲା, ସୀମା ନାହିଁ । କାହିଁକି ଏ ଈର୍ଷା, କାହିଁକି ଅପକାର ଚିନ୍ତା, କାହିଁକି ବା ଏସବୁ ମନ୍ତ୍ରଣା ? ମଣିଷର ପ୍ରକୃତି ଏପରି ବିଚିତ୍ର ଯେ, ଏ ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ନିରାଶ ହେବାକୁ ପଡ଼େ । କେବଳ ବୈଚିତ୍ର୍ୟର ରହସ୍ୟରେ ବୁଡ଼ି ରହିବା ହୁଏ ସାର ।

ଏହା ସାଙ୍ଗକୁ ବଦଳିଲା ବଉଳାର ପ୍ରକୃତି । ଖାଇବାକୁ ନ ପାଇଲେ ସାଧୁ ବି ଅନେକ ସମୟରେ ଅସାଧୁ ହୋଇଯାଏ । ତା ସାଧୁତାର ନୂଆ ସଂଜ୍ଞା ବାହାରେ ଯାହା ଅସାଧୁ, ଯାହା ଅନାଚରଣୀୟ ତାହାକୁ ହିଁ କରେ । ଅନାବାଦୀ ଜମି ସବୁ କୃଷିଜମି ହୋଇଯିବା ଯୋଗୁଁ ଗାଁରେ ଗୋଚରର ଅଭାବ, ପୁଣି ଯେ ପଡ଼ିଆ ଟିକକ ବା ଅଛି ସେଥିରେ ଘାସର ଅଭାବ । ଏଥିରେ ବଉଳାର ପେଟ ପୂରିବ କିପରି ? ଭୋକରେ ପେଟ ଯନ୍ତ୍ର । ଏଣୁ ସେ ଦ୍ୱିଧା ନ କରି ଲଙ୍ଘିଲା ବାଡ଼, ପେଟ ଭରିବାରେ ପଶି ଖାଇଲା ଫସଲ । ଥରେ ଅଧେ ନୁହେଁ ବହୁ ଏ କାମ ତା'ର ଏକ ଅଭ୍ୟାସରେ ପରିଣତ ହେଲା ।

ଈର୍ଷାପରାୟଣ ଲୋକଙ୍କୁ ସୁଯୋଗ ଜୁଟିଲା । ସବୁବେଳେ ଗାଳି, ସବୁବେଳେ ବେଇଜ୍ଜତି । ଏପରିକି ଲୋକେ ସାମନାସାମନି ସନାମାକୁ ସାବଧାନ କରିଦେଲେ, ନାନା ପ୍ରକାର ଧମକ ଦେଲେ ।

ସନାମା ଜାଣିଶୁଣି ଚୁପ୍ ରହିଲା । ବଉଳା ଏପରି କାମ କରିବ ?— ସନାମା ବିଶ୍ୱାସ କରେନା । ପଡ଼ୋଶୀ ଗାଳିଦେଲେ ସେ ଗାଳିଦିଏ । ଅଳ୍ପାରେ ଲୁଗା ଗୁଡ଼ାଇ କଳିକରେ । ଲୋକେ ଧମକ ଦେଲେ କହେ "ହିଁ—ଯ—ଯ—କଣ କରିବ କର—"

ଧନଙ୍କର କଥା—

ସଞ୍ଜ ହୋଇ ଆସିଲା । ବଉଳାର ଫେରିବା ସମୟ ଗଡ଼ିଗଲା । ଯାଇ ଆସିଲା । ପଦାରେ ଆସି ଠିଆ ହୋଇ 'ବଉଳା' 'ବଉଳା' ଡାକ

ପକାଇଲା ସନାମା । ବଉଳା କାହିଁ ? ଅନାଇ ଅନାଇ ବୁଢ଼ୀ ଥକି ପଡ଼ିଲା । ତେବେ ବି ବଉଳା ଆସିଲା ନାହିଁ । ସମସ୍ତଙ୍କ ଗୋରୁ ଫେରିଲେ ରାସ୍ତାରେ ଧୂଳି ଉଡ଼ାଇ । ସେମାନଙ୍କ ମେଳରେ କାଳେ ବା ରହି ଯାଇ-ଥିବ ! ଏଇଥିପାଇଁ ବୁଢ଼ୀ ଅଧିକ ଜୋର୍ ରେ ଡାକିବାକୁ ଲାଗିଲା । ହେଲେ ବଉଳାକୁ ଆଉ ଆସେ ? ସଞ୍ଜ ହେଲା । ଅନ୍ଧାର ମାଡ଼ି ଆସିଲା । ସନାମା ଡାକି ଡାକି ଥକି ପଡ଼ିଲା । ବଉଳା ଫେରିଲା ନାହିଁ । କେତେ ଲୋକଙ୍କୁ ସେ ତାହାର କଥା ପଚାରିଲା । ଯେଉଁମାନେ ନ ଜାଣନ୍ତି ସେମାନେ ଭ ନାହିଁ କଲେ, ଆଉ ଯେଉଁମାନେ ଜାଣିଥିଲେ ସେମାନେ ବି କହିଲେ, "ଆମେ ତ ଦେଖିନାହୁଁ ।" ସନାମା ଆଉ ଯାଏ କୁଆଡ଼େ ? କାନ୍ଦି କାନ୍ଦି ସେହି ଦେହଟା ଉପରେ ବସି ପଡ଼ିଲା ।

ବୋଉ ଏତେବେଳ ଯାଏଁ ଗଲା କୁଆଡ଼େ ? ପୁଅଟି ତାହାର ଘରୁ ଆସିଲା ଖୋଜି ଖୋଜି । ଶେଷରେ ଦେଖିଲା ମା'କୁ ପଡ଼ାରେ । ଦଣ୍ଡିକ ଭିତରେ ସବୁ ହାଲଚାଲ ବୁଝିନେଇ କହିଲା, ବୋଉ ତୁ ଘରକୁ ଚାଲ, ମୁଁ ଯାଇଁ ଖୋଜି ଆଣିବି । ସେ କେଉଁଠି ଶୋଇଥିବ କି କାଞ୍ଜିଅ-ହାଉଡ଼ାକୁ ଯାଇଥିବ । ତୁ ଇମିତି ବେସ୍ତ ହଉଚୁ କାହିଁକି ?" ସନାମା କହିଲା, "ସେ କାହିଁକି କେଉଁଠି ଶୋଇବ ? କିଏ କାହିଁକି ତାକୁ ଖୁଆଡ଼ ଘରକୁ ନବ ?" ଏମିତି କାନ୍ଦୁନା କାନ୍ଦୁନା ସେ କାନ୍ଦିବାକୁ ଲାଗିଲା କେବଳ ସନା ଏଣେ ତେଣେ ଖୋଜି ଶେଷରେ ସନ୍ଧାନ ପାଇଲା ଯେ କାଞ୍ଜିଅ-ହାଉଡ଼ାରେ ଅଛି ବଉଳା । ସେହି କଥା ଆସି କହିଲାକ୍ଷଣି ବୁଢ଼ୀର ଆଉ ଆନନ୍ଦରେ ଲୁହେ ମୋଠ ହୋଇଗଲା । ସନା ଗୋଟିଏ ପଇସା ଦେଇ ବଉଳାକୁ ମୁକୁଳାଇ ଆଣିଲା । ଯେତେବେଳେ ବଉଳା ଆସି ପହଞ୍ଚ ସେତେବେଳେ ବୁଢ଼ୀର ଆନନ୍ଦ କିଏ ଦେଖିବ ! ସେ ଖାଲି ବଉଳାର ବେକଟିକୁ କୁଣ୍ଢାଇ ମୁହଁଟାକୁ ନିଜ କାନ୍ଧ ଉପରେ ରଖିଦେଇ କାନ୍ଦି କାନ୍ଦି କହିବାକୁ ଲାଗିଲା, "ଅହା, ସେ କିଏ ଏଡ଼େ ଦୋଷୀରେ ! ତୋ ପରି ଜୀବକୁ ନେଇ ଦେଇ ଦେଲା ଖୁଆଡ଼ରେ । ଧରମ କି ଏଡ଼ା ସହିବ ।" ଏହାପରେ କହି ଚାଲିଲା ପାଟିକୁ ଅଜସ୍ର ଗାଳି ।

ଦିନକୁ ଦିନ କଥା ବଢୁଛି ।

ଗୋଟିଏ ଲୋକ ବନ୍ଧୁଙ୍କରେ ସନ୍ଦେହ ଲୋକ । ଏକାମ ଆଉ ସହି ଧାଇଲା ନାହିଁ । ଶେଷରେ ସେ ଠିକ୍ କଲେ, ଗାଈକୁ ବିକିଦେବେ; ଗାଁ ଜଣାକୁ ଜାଣୁ ଥାଇବ । ସନା ମନା କଲା । ମାଡ଼ ବୁଢ଼ୀର ଏଇକଥା— ଗାଈର ମୁହଁ ଚାହିଁବ ନାହିଁ—ତାକୁ ବିକିକି ଦେବେ ।”

ବୁଢ଼ୀ ନିଜେ ଗଲା ହାଟକୁ । ନିଜ ହାତରେ ଠଣ୍ ଠଣ୍ କରି ପଚାଶଟି ଟଙ୍କା ଗଣି ନେଇ ନିଜ ହାତରେ ଦେଲା ହଛ ।

“ଦେଇକି ଯାଇଛି” କହିଲା ସନାମା ।

ଗାଁବାଲା ଖୁସି ହେଲେ, ବଗୁଲିଆ ଟୋକାଏ ଜାଇ ମାଡ଼ିଲେ ।

ତାହାଙ୍କୁ କିଛି ନ କହି ସନାମା ଫେରିଲା ଘରକୁ । ଭାଙ୍ଗି ପଡ଼ିଲା ମନ, ଭାଙ୍ଗି ପଡ଼ିଲା ଦେହ, ଭାଙ୍ଗି ପଡ଼ିଲା ସବୁକିଛି, ତଥାପି ଜୀଇ ରହିଲା ସେ ।

ଗାଁ ବାଲା ଆଉ ସନାମାକୁ ଦେଖିଲେ ନାହିଁ, କ ଦେଖିଲେ କାହିଁ କଉଲାକୁ ।

ମା ବୁଢ଼ୀକୁ ସାନ୍ତ୍ୱନା ଦେବା ସନା ପକ୍ଷରେ ହେଲା ଏକାନ୍ତ ଅସମ୍ଭବ । ସେ କଣ କରିବ କିଛି ଠିକ୍ କରିପାରିଲା ନାହିଁ । ଏହା ଉପରକୁ ପୁଣି ନିଜ ଭବିଷ୍ୟତ ଚିନ୍ତା । ହାତକୁ ଦହାତ ହୋଇନାହିଁ— ଜୀବନର ସୁଆଦ କଣ ଜାଣି ନାହିଁ । କୌଣସି କୂଳ କିନାରା ନ ପାଇ ସେ ଦୀର୍ଘଶ୍ୱାସ ଛାଡ଼ିଲା ।

ଏଇମିତି କଟିଗଲା ଅଠଦିନ ।

ନଅଦିନ ସଞ୍ଜ ।

ସନ୍ଧ ପାହାନ୍ତାରୁ ସନା ଚମକି ଉଠିଲା ଯେତେବେଳେ ସନାମା ଧଡ଼ପଡ଼ କରି ଉଠି ଡାକିଲା "ବଉଳା ଲୋ ବଉଳା..." ସନା ଉଠିଯିବା-ବେଳକୁ ମାଆ ଡାକି ଡାକି ଦୁଆର ମୁହଁରେ ହାଜର।

ସନା କହିଲା "ବୋଉ ଲୋ, ବଉଳା ବଉଳା କାହିଁକି ହଉଚୁ? ବଉଳାକୁ ପରା ବିକି ଦେଇଚୁ!"

ସନାମା କିନ୍ତୁ ପୁଅର କଥା କାନକୁ ନ ନେଇ ଡାକିଲା—"ବଉଳା ଲୋ ବଉଳା......"

ଜହ୍ନ ପଡ଼ିଥାଏ ବେଶ୍ ସୁନ୍ଦର। କିନ୍ତୁ ପଶ୍ଚିମ ଦିଗକୁ କଳାମେଘ ଖଣ୍ଡିଏ ଭାସି ବୁଲୁଥାଏ।

ସନାମା ବୁଲୁଥାଏ ଡାକି ଡାକି 'ବଉଳା ଲୋ ବଉଳା, ବଉଳା—"

ତା'ର ଶବ୍ଦ ଜହ୍ନ କିରଣ ଭିତରେ ଯେପରି ଆଶ୍ରୟ ନପାଇ ମିଶିଯାଉଥାଏ ସେଇ କଳା ବଉଦ ସାଙ୍ଗରେ!

ସନା ଚଲୁଥାଏ ପଛେ ପଛେ।

ଯେଉଁଠି ସେ ଜଇନ୍ତ ଛିଡ଼ା ହୋଇ ଡାକେ, ସେଇଠି ସେ ଡାକ ଶୁଭଇ, "ବଉଳା ଲୋ ବଉଳା......ବଉଳା ଲୋ........."

ପଛଆ ସେପାଖରୁ ଭାସି ଆସିଲା ବଉଳାର ଶବ୍ଦ।

ସନା ଆଶ୍ଚର୍ଯ୍ୟ ହେଲା।

"ଅ—ଆ—ଅ—ବଉଳା ଲୋ ବଉଳା—" ସନାମା ଡାକ ଶୁଭିଲା........

ସନା ଦେଖିଲା, ବଉଳା ଧାଇଁ ଧାଇଁ ଆସୁଛି ।

ବଉଳା ପାଖ ହୋଇ ଆସିଲା ।

ସନାମ ଡାକିଲା "ବଉଳା ଲେ ବଉଳା । ଆଗକୁ ଧାଇଁ ଯାଉଁ ଯାଉଁ ଗଛ କାଟିଲା ପରି ପଡ଼ିଗଲା ତଳେ । ଅସ୍ଫୁଟସ୍ୱରରେ ଶୁଭିଲା— "ବଉଳା ଲେ—"

ବଉଳା ଆସି ବୁଢ଼ୀର ଦେହ ମୁଣ୍ଡରେ ଖୋଇ ଲମ୍ବା ମୁହଁଟାକୁ ଘଷିବାକୁ ଲାଗିଲା । କିନ୍ତୁ ସନାମାର ହାତ ଉଠି ପାରିଲା ନାହିଁ ବଉଳାର ବେକକୁ ନିଜ ଛାତି ଉପରେ ଆଉଜେଇ ନେବାପାଇଁ ।

# ମହାଯୁଦ୍ଧ

ଶ୍ରୀ ଉମାଚରଣ ମିଶ୍ର

ଦୁର୍ଗାପ୍ରସାଦ ତାର ପଢ଼ା ବହିକୁ ଚାହିଁ ବସିଥିବା ସମୟରେ ତାର ଜୀବନର ପ୍ରଥମ ସତରଟି ଅଷାଢ଼ କେତେବେଳେ ମୁଣ୍ଡ ଉପର ଦେଇ ଚାଲିଗଲା, ତାର ଖିଆଲ ନଥିଲା। ତାର ପିତା ବିଷ୍ଣୁପ୍ରସାଦ ବାବୁ ତାକୁ ଗଢ଼ୁଥିଲେ ନିଜର ଆଦର୍ଶରେ। ସେ ଥିଲେ ଅତି ତୀକ୍ଷ୍ଣ ବୁଦ୍ଧି-ସମ୍ପନ୍ନ, କିନ୍ତୁ ଦରିଦ୍ର। ସମାଜରେ ଗଣ୍ୟ ମାନ୍ୟ ହୋଇ ଚିରସ୍ମରଣୀୟ ରହିବାକୁ ତାଙ୍କର ଆଶା ଥିଲା। ଉଚ୍ଚ ହେଲେହେଁ ଅତି ସାଧାରଣ ଏବଂ ସ୍ୱାଭାବିକ ଆଶା। କିନ୍ତୁ ଆର୍ଥିକ ଓ ପାରିପାର୍ଶ୍ୱିକ ଇତ୍ୟାଦି ନାନା କାରଣରୁ ତାଙ୍କ ଜୀବନରେ କୌଣସି ଗୋଟିଏ ଆଶା ସେ ଫଳବତୀ କରିଇ ପାରି ନାହାନ୍ତି। କରିବାର ସାମର୍ଥ୍ୟ କିମ୍ବା ସମୟ ମଧ୍ୟ ଆଉ ନାହିଁ। ତାଙ୍କର ଶେଷ ଆଶା, ଗୋଟିଏ ପୁତ୍ରକୁ ଗଣ୍ୟ ମାନ୍ୟ କରିଇ ଅମୁକର ପିତା ବୋଲି ଚିରସ୍ମରଣୀୟ ରହିବାକୁ। ପୁତ୍ର ଆଶାରେ ଯେତେବେଳେ ମଧ୍ୟଜୀବନର ତିନିଭାଗ ଚାଲିଗଲା ପୁତ୍ର ଆଶା ତ୍ୟାଗ କରି ମୃତ୍ୟୁ ଅପେକ୍ଷାରେ ସେ ଥିଲେ। ତାଙ୍କର ସ୍ତ୍ରୀ ବରଦା ସୁନ୍ଦରୀ ଦେବୀ ଅତିଶୟ ଭୀରୁ ସ୍ୱଭାବର। ବାସ୍ତବ ଏବଂ କାଳ୍ପନିକ ନାନା ଭୟରେ ସେ ସର୍ବଦା ତ୍ରସ୍ତ। ଗୋଟିଏ ପୁତ୍ର ବିନା ପୁତ୍ ନରକରୁ କିପରି ତ୍ରାଣ ପାଇବେ ଏହି ଚିନ୍ତାରେ ସେ ସର୍ବଦା ବ୍ୟାକୁଳ। ପରେ ପରେ ପାଞ୍ଚୋଟି କନ୍ୟା ଜନ୍ମ ଦେଇ ସେ ମଧ୍ୟ ପୁତ୍ରର ଆଶା ତ୍ୟାଗ କରିଥିଲେ। ଷଷ୍ଠ ବାର ଗର୍ଭବତୀ ହେବା ସମୟରେ ସମସ୍ତେ ଯଥାରୀତି ଧରି ନେଲେ ଯେ ଏଥର ମଧ୍ୟ ଗୋଟିଏ କନ୍ୟା ହେବ।

ବେଦନା ଆରମ୍ଭ ହେବା ସଙ୍ଗେ ସଙ୍ଗେ ସେ ପ୍ରସୂତି ଘରକୁ ଗଲେ ଏବଂ ବ୍ୟାକୁଳ ସ୍ୱରରେ ଗୋଟିଏ ପୁଅ କଥା ପୁଣି ଥରେ ଦେବକୀଦେବୀଙ୍କୁ ମନେ ପକାଇ ଦେଲେ । ଅନ୍ଧାରିଆ ସନ୍ତସନ୍ତିଆ ଦଶା । ଘରର ଘନୀଭୂତ ଅନ୍ଧକାର ଭିତରେ ଗୋଟିଏ କ୍ଷୁଦ୍ର ଦୀପର ଅସହାୟ କ୍ଷୀଣ ଆଲୋକ କେବଳ ନିଜକୁହିଁ ଆଲୋକିତ କରିବା ଛଡ଼ା ଅନ୍ୟ କିଛି କରିବାର ଉପାୟ ନ ଥିଲା । ଘରର ମୁହଁବାକୁ ପକାଇ ଧରି ସେ ଭଗଣ ଗଣିବାକୁ ଲାଗିଲେ । ପ୍ରତ୍ୟେକ ଥର ଫଳ ଆସିଲେ 'ନା'—ଅର୍ଥାତ୍ ପୁତ୍ର ହେବ ନାହିଁ । ଦ୍ୱିଗୁଣ ହତାଶାରେ ସେ ଭଗବାନଙ୍କୁ ଡାକିବାକୁ ଲାଗିଲେ । ସନ୍ତାନଟି ଜାତ ହେବା ମାତ୍ରକେ ସେ ମୂର୍ଚ୍ଛା ଗଲେ । ବସ୍ତୁ ପ୍ରସାଦ ବାବୁ ବାହାର ପିଣ୍ଡାରେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ । ବରଦାଦେବୀଙ୍କ ଜନନୀ ଅଶ୍ରୁଳ ପୋଛି ସନ୍ତାନଟିକୁ ଘୃଣାରେ ଠେଲି ଦେଇ କନ୍ୟାର ମୁହଁ ଚାହିଁ ଲାଗିଲେ । ଗୋଟିଏ କ୍ଷୀଣ ଶରୀର ଟିକିଏ ଶୀତଳତା ଲାଗି ନିର୍ବିବାଦରେ ପଡ଼ି ରହିଲା ଅନ୍ଧକାରର ଗହ୍ୱରରେ । ପ୍ରାୟ ଅଧଘଣ୍ଟା ପରେ ବରଦା ଟିକିଏ ସୁସ୍ଥ ହୋଇ କହିଲେ "ମାଆ, ଝିଅ ହେଉ ପଛକେ, ଟିକିଏ ଦେଖ, କାହିଁକି ଏତେବେଳେ ଯାଏ କାନ୍ଦୁନି" । ବରଦା ଦେବୀଙ୍କ ଜନନୀ ସନ୍ତାନଟିକୁ ପରୀକ୍ଷା କରିବାକୁ ଯାଇ ପାଟି କରି କହିଲେ "ଆଲୋ ଦୂତ (ଧାଈ), ଚାପୁଡ଼ା ଅଣିଲୁ ଜଙ୍ଘ ମଝିରେ କଅଣ ଗୋଟାଏ ପେଣ୍ଠା ପରି ଦଶୁଛି ।"

ନିମେଷକେ ବିଷାଦ ମେଘ ଦୂରେଇଗଲା । ଆନନ୍ଦର ଆଲୋକ ଖେଳିଗଲା । ବରଦା ଦେବୀଙ୍କ ପିତା ଆନନ୍ଦରେ କହିଲେ "ମୋର ହରି କୌତୁକ ଜାଣେ ତ !" ବସ୍ତୁ ପ୍ରସାଦ ବାବୁ ଏହି ଆନନ୍ଦର ଗୋଳମାଳରେ ଯେ କୁଆଡ଼େ ଗଲେ କେହି ଜାଣି ପାରିଲେ ନାହିଁ । କିଛି କ୍ଷଣ ପରେ ସେ ଫେରିଲେ । ହାତରେ ତାଙ୍କର ବଡ଼ ହାଣ୍ଡିଏ ହାଣ୍ଡିଏ ଲଡ଼ୁ । ଆଜି ତାଙ୍କର ଆଶାର ବର୍ତ୍ତିରେ ଉଜ୍ଜ୍ୱଳ ।

× × × ×

× × × ×

ଦୁର୍ଗାପଦକୁ ଯେତେବେଳେ ମାତ୍ର ଛ ବର୍ଷ ସେତେବେଳେ ବସନ୍ତ ବାବୁ ତାକୁ ଗାଁରୁ କଟକକୁ ନିଜ ପାଖକୁ ନେଇ ଆସିଲେ । ତାଙ୍କର ଭୟ ଗାଁ ପିଲାମାନଙ୍କ ସହିତ ମିଶି ସେ ଖରାପ ହୋଇଯିବ । ବେଶି ଖର୍ଚ୍ଚ ହୋଇଯିବା ଭୟରେ ବରଦା ଦେବୀ ସର୍ବଦା ଗାଁରେ ରୁହନ୍ତି । କଟକରୁ ପଶ୍ଚିମକୁ ପଚିଶ ମାଇଲ ଦୂର ଯିବା ଆସିବା ପାଇଁ ରେଲ, ମଟର, ନୌକା ବଳଦ ଗାଡ଼ି ସବୁ ବ୍ୟବହାର କରିବାକୁ ହୁଏ । ଏତେ ଅଳ୍ପ ବୟସରେ ଏତେ ଦୂରକୁ ଛାଡ଼ିବାକୁ ତାଙ୍କର ଆଦୌ ଇଚ୍ଛା ନଥିଲା । ସ୍ୱାମୀଙ୍କ ପ୍ରସ୍ତାବରେ ସେ ଅଧୀର ହୋଇ କାନ୍ଦ ପକାଇଲେ । କିନ୍ତୁ ବସନ୍ତ ବାବୁଙ୍କ ଅଣା ନିର୍ମମ । ଦୁର୍ଗାପଦର ପ୍ରଥମେ କଟକକୁ ଯିବାକୁ ଭାରି ଉତ୍ସାହ ଥିଲା । ନୂଆ ଜାଗା, ମଟର ଘୋଡ଼ାଗାଡ଼ି, ଖେଳନା ଦୋକାନ କଥା ସେ ତାର ବନ୍ଧୁ ଭୂନା ପାଖରୁ ଶୁଣିଥିଲା । ପୁଅର କଟକ ଯିବାର ଉତ୍ସାହ ଦେଖି ବସନ୍ତ ବାବୁ ସଗର୍ବେ ସ୍ତ୍ରୀଙ୍କୁ କହିଲେ "ଦେଖ ହେ, ପୁଅ ମୋ ପାଖରେ ରହିବାକୁ ଚାହେଁ; ତୁମକୁ ତାର ମୁଖ ଲାଗେ ନାହିଁ ।" ଦାମ୍ପତ୍ୟ ପରିହାସ ହେଲେହେଁ ପୁଅକୁ ଭଲ ପାଇବା ନେଇ ଦୁହିଁଙ୍କ ମଧ୍ୟରେ ଈର୍ଷା ଭାବ ଯେ ନଥିଲା, ତାହା ନୁହେଁ । ବରଦା ଦେବୀ ଟିକିଏ ମ୍ଳାନ ହସ ହସିଲେ । ବସନ୍ତ ବାବୁ ଯେତେବେଳେ ଦୁର୍ଗାପଦକୁ ବଳଦ ଗାଡ଼ିକୁ ଉଠିବାକୁ କହିଲେ ସେତେବେଳେ ସେ ମା ଆଡ଼କୁ ଅନାଇ କେବଳ ନୀରବରେ କାନ୍ଦିବାକୁ ଲାଗିଲା । ବରଦା ଦେବୀ ପୁଅକୁ ବୁଝାଇ କହିଲେ "କଟକ ଯିବୁ, ପାଠ ପଢ଼ିବୁ, ବଡ଼ ମଣିଷ ହେବୁ, ମଟର କିଣିବୁ" ଇତ୍ୟାଦି । ଛଅ ବର୍ଷର ଶିଶୁ ଏ ପ୍ରଲୋଭନରେ ପଡ଼ିଲା କି ନାହିଁ କେଜାଣି କିନ୍ତୁ ଦ୍ୱିରୁକ୍ତି ନକରି ଅତି ଦୀନ ଅସହାୟ ଭାବରେ ମା ଆଡ଼କୁ ଚାହିଁ ଗାଡ଼ିରେ ଉଠିଲା । ବସନ୍ତ ବାବୁ ଜୟ ଯାନାରେ ବାହାରିବା ଭଳି ଗାଡ଼ିରେ ବସିଲେ । ବରଦା ଦେବୀ ଏହା ପରେ ସାତ ଦିନ ପର୍ଯ୍ୟନ୍ତ ଅନ୍ନ ଜଳ ଛୁଇଁଲେ ନାହିଁ ।

ସହରର ନାନା ଆକର୍ଷଣରେ ଦୁର୍ଗାପଦର ମନ ଭୁଲିଗଲା । କେବଳ ଶୋଇବା ବେଳେ ମା କୋଳ ମନେ ପଡ଼ି ଆଖିରୁ ପାଣି

ଝଡ଼ରେ । ବସନ୍ତ ବାବୁଙ୍କର ସବୁ ଲକ୍ଷ୍ୟ କରିବାର ବେଳ ନାହିଁ । ଛଅ ବର୍ଷର ଶିଶୁକୁ କେନ୍ଦ୍ର କରି ସେ ସେତେବେଳେ ଆଶାର ସୌଧ ଗଢ଼ି ଯାଉଥିଲେ—ତାକୁ ସଜାଇବାରେ ସେ ବ୍ୟସ୍ତ ଗାଁରେ ରହିଥିବାରୁ ପୁଅର ବିକ୍ଷିପ୍ତ କଳ୍ପନାପ୍ରବଣ ମନକୁ ପଢ଼ା ପଢ଼ିରେ ଲଗାଇବାକୁ ଗାଁର ପିଲାମାନଙ୍କ ସହିତ ମିଶି ଥିବାରୁ—ବସନ୍ତ ବାବୁଙ୍କ ଆଖିରେ—ଅନେକ ଖରାପ ଗୁଣକୁ ଭଲଅଡ଼େ ନବାକୁ ଏବଂ ଭବିଷ୍ୟତରେ କଟକରେ କୌଣସି ବଜାର ପିଲାମାନଙ୍କ ସହିତ ଯେପରି ନ ମିଶେ ଏଥିପାଇଁ ସେ ପ୍ରତ୍ୟହ ସକାଳେ ନିୟମିତ ଭାବରେ ଛଅ ବର୍ଷର ଶିଶୁକୁ ବୁଝାଇବାକୁ ଓ ପ୍ରହାର କରିବାକୁ ଲାଗିଲେ ଏବଂ ପୁରାଣର ପିତୃ ଭକ୍ତର ନାନା ଗଳ୍ପ କହି ପୁଅର ମନ ଆକୃଷ୍ଟ କରିବାକୁ ଲାଗିଲେ । କ୍ରମେ କ୍ରମେ ଦୁର୍ଗାପ୍ରସାଦ ବଢ଼ି ଉଠିଲେ ପିତାଙ୍କ ଆଶୀର ଆଶାର ତାଡ଼ନାରେ । ପିତାଙ୍କୁ ହିଁ ସେ ଆଦର୍ଶ ସ୍ଥାନୀୟ କଲେ । ବାଳ ରାତି ପଢ଼ି ସତର ବର୍ଷ ବୟସରେ ପ୍ରଥମ ହୋଇ ସେ ମେଟ୍ରିକୁଲେସନ୍ ପାଶ କଲେ । ଯେଉଁଦିନ ପରୀକ୍ଷା ଫଳ ବାହାରିଲା, ସେ ଦିନ ବସନ୍ତ ବାବୁ ଆନନ୍ଦରେ ଛିଡ଼ା ହେଲେ ଲଡ଼ୁ ହାଣ୍ଡି ଧରି । ଆଖି ତାଙ୍କର ସେ ଦିନ ପରି ମଧ୍ୟ ଆଶାର ବହ୍ନିରେ ଉଜ୍ଜ୍ୱଳ ହୋଇ ଉଠିଥିଲା ।

× × × ×

ଜୀବନର ସତରଟି ଅଷାଢ଼ ଏହିପରି ଯିବା ପରେ ଅଠରବର୍ଷ ଅଷାଢ଼ଟି ଆଣି ଦେଲା ତା ଜୀବନରେ ଭୂମିକମ୍ପ । ଏତେ ଦିନ ଗୁପ୍ତରେ ତା ମନ ଭିତରେ କି ପ୍ରକ୍ରିୟା ଚାଲିଥିଲା କିଏ ଜାଣେ, ହଠାତ୍ ତାର ସବୁ ଓଲଟ ପାଲଟ ହୋଇଗଲା ।

ସେ ଦିନ ଆଷାଢ଼ର ପହିଲି ମେଘ ଆକାଶରେ ଆଲୋକ ଓ ଅନ୍ଧକାରର ଅପୂର୍ବ ମାୟାଜାଲ ସୃଷ୍ଟି କରିଥାଏ । କଳା ବାଦଲର ଗୁରୁ ଗୁରୁ ଗର୍ଜନ ଓ ବିଜୁଳିର ଅପୂର୍ବ ଛଟା ଦେଖି ଦୁର୍ଗାପ୍ରସାଦର ମନେ ହେଲା ପୂର୍ବେ ଏପରି କେବେହେଁ ହୋଇ ନ ଥିଲା । ହଠାତ୍

ପାଖରେ ଛିଡ଼ା ହୋଇ ସେ ଏହି ସମ୍ପୂର୍ଣ୍ଣ ନୂତନ ଶୋଭା ଉପଭୋଗ କରୁଥିଲା । ଧାଡ଼ିଏ ଦୁଗ୍ଧ-ଧବଳ ବଗ କଳା ନୀରଦ ଦେହରେ ଉଡ଼ିଗଲେ । କାଠଯୋଡ଼ୀ ନଈର ଅରଣ୍ୟାଣିକୁ ବର୍ଷା ନୃତ୍ୟର ଛନ୍ଦରେ ମାତି ଆସିଲା । ଘରର ଟିଣ ଉପରେ ବର୍ଷା ପଡ଼ିବାର ଶବ୍ଦ ସେଦିନ ଦୁର୍ଗାପଦର ମନେ ହେଲା ଅପୂର୍ବ ସଙ୍ଗୀତ ପରି । ହଠାତ୍ ତାର ମନଟା ବ୍ୟାକୁଳ ହୋଇ ଉଠିଲା ଗୋଟାଏ ଅପୂର୍ବ ଆନନ୍ଦରେ । ଦେହ ମନରେ ଅପୂର୍ବ ଶିହରଣ ଜାତ ହେଲା । ହୃଦୟ ଭିତରଟି ଶୂନ୍ୟ ପରି ମନେ ହେଲା । କଅଣ ଗୋଟାଏ ଅଭାବ । ତାର ମନଟା ଘାରି ହେଲା । ତାର ମନେ ହେଲା କାହାରି ଟିକିଏ ସ୍ନେହ ପାଇଲେ ଯେପରି ହୃଦୟର ଏ ଶୂନ୍ୟତା ପୂରଣ ହୋଇଯିବ । ଏହି ସ୍ନେହ ପାଖରେ ପିତା ମାତାଙ୍କ ସ୍ନେହ ମନେ ହେଲା ତୁଚ୍ଛ, ସ୍ୱାର୍ଥପୂର୍ଣ୍ଣ । ଏହି ସ୍ନେହ ପାଇଁ ସେ ପୃଥିବୀରେ ସବୁ ଦୁଃଖ କଷ୍ଟ ସହ୍ୟ କରିବାକୁ ପ୍ରସ୍ତୁତ । କଳ୍ପନାରେ ସେ ଦେଖି ପାରିଲା କିଏ ଯେପରି ଏହି ପ୍ରେମ ଦେବାକୁ ଅପେକ୍ଷା କରି ବସିଛି । ଦୁର୍ଗାପଦ ଆଉ ଘରେ ରହି ପାରିଲା ନାହିଁ । ସାଇକେଲ୍ ଧରି ବାହାରି ଗଲା ତାର ଅନୁସନ୍ଧାନରେ —ରୂପ କଥାର ରାଜପୁତ୍ର ଯେପରି ହଠାତ୍ ଦିନେ ସ୍ୱପ୍ନରେ ଦେଖା ରାଜକୁମାରୀର ଅନୁସନ୍ଧାନରେ ପକ୍ଷୀରାଜ ଘୋଡ଼ାରେ ଚଢ଼ି ବାହାରି ପଡ଼େ ଝଡ଼ିତରେ ସନ୍ଧିର ଅନ୍ଧକାରରେ । ପ୍ରଚଣ୍ଡ ବର୍ଷା, କିନ୍ତୁ ଦୁର୍ଗାପଦର ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ସେ ଆଜି ପାଇଛି ଗୋଟାଏ ନୂତନ ଆନନ୍ଦ । ସେହି ଆନନ୍ଦରେ ସେ କେତେକ ସମୟ ଯାଏ ବୁଲିଲା— କସ୍ତୁରୀ ମୃଗ ଯେପରି ନିଜର ଗନ୍ଧରେ ମାତି ବୁଲେ । ଫେରିଲା ଦୁଇଘଣ୍ଟା ପରେ ଗୋଟାଏ ବ୍ୟର୍ଥତାର ବେଦନା ନେଇ ।

ପୁଅର କ୍ଷୀଣ ଶରୀର ସାମାନ୍ୟ ଟିକିଏ ଅସୁସ୍ଥ ହେଲେ ବିଷ୍ଣୁ ବାବୁ ଆତଙ୍କିତ ହୋଇ ପଡ଼ନ୍ତି । ପ୍ରଥମ ବର୍ଷାରେ ଦୁର୍ଗାପଦ ଘରେ ନ ଥିବାର ଦେଖି ପ୍ରଥମେ ତାଙ୍କର ଖୁବ ଭୟ ହେଲା । ଫେରିବାର ସେତେ ଡେରି ହେଲା, ଭୟ କମିଗଲା କ୍ରୋଧରେ ପରିଣତ ହୋଇ ବର୍ଦ୍ଧିଗଲା

ଲାଗିଲା । ସେ କାହାକୁ ଅପେକ୍ଷା କରିଥିଲେ ସବୁକଥା ଶୁଣି ଦେବାକୁ । ଯେଉଁବା ମାନେ ସେ ଭୁଲା ଜାଣି ବ୍ୟସ୍ତ ହୋଇ ଉଠି ଦେବାକୁ ଲାଗିଲେ । ଏହା ପୂର୍ବରୁ ଦୁର୍ଗାପଦ ପିତାଙ୍କଠାରୁ ଅନେକ ଥର ଚିତ୍କାର ଶୁଣିଛି, କେବେହେଁ ଅପମାନିତ ବୋଧ କରି ନାହିଁ । ଆଜି ତାର ବ୍ୟକ୍ତିତ୍ୱରେ ଆଘାତ ଲାଗିଲା । ସ୍ୱତନ୍ତ୍ର ଗୋଟାଏ ଘର ନ ଥିବାରୁ ସେ ନିର୍ଜନରେ ବସି ମନଟା ହାଲୁକା କରି ଦେବ । ଘର ଭିତରକୁ ଆସି ସେ ଅଶ୍ରୁ ସମ୍ବରଣ କରି ପାରିଲା ନାହିଁ । ଭୁଲାଇ କାନ୍ଦିଲା କାନ୍ଦିଲା—ଗୋଟାଏ ଅନାକାଂକ୍ଷିତ ବେଦନାରେ ।

ଏହି ଚେତନା ଭିତରେ ମଧ୍ୟ ସେ ଗୋଟାଏ ଉଦାରତା ଅନୁଭବ କଲା । ଆଜି ତାର ମନେ ହେଲା ପୃଥିବୀର ସବୁ ସୁନ୍ଦର । ଭୂମି ବସୁନ୍ଧରା ବର୍ଣ୍ଣେ ହୋଇ ରହିଛନ୍ତି । ଘୃଣାରେ ସେ ଦିନେ ବି ତା ଭଉଣୀକୁ ହାତ ଦେଇ ନାହିଁ । ଆଜି ସେ ତାକୁ ଆଦରରେ କୋଳକୁ ଟାଣି ନେଲା । ଦୁର୍ଗାପଦର ଏ ହଠାତ୍ ପରିବର୍ତ୍ତନ ଜଣା ନାହିଁ । ପ୍ରେମ ଦମ୍ଭରେ ଦୁର୍ଗାପଦର ହାତ ଚୁମ୍ବନ ଦେଲା । ଅନ୍ୟ କୌଣସି ଦିନ ହୋଇଥିଲେ ତାହାର ସ୍ଥାନ ନ ଥାନ୍ତା । କିନ୍ତୁ ଆଜି ତାର ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ଆଜି ତାକୁ ଯିଏ ଯେତେ ଆଘାତ କରୁ ନା କାହିଁକି ସେ ପ୍ରେମ ଦେବାକୁ ପ୍ରସ୍ତୁତ । ଦୁର୍ଗାପଦ ଟିକିଏ ଅଧିକ ସ୍ନେହରେ ଟାଣି ନେଲା । ଭଗବାନଙ୍କୁ ପୂଜା କରିବା ଏତେଦିନ ଗୋଟାଏ ଅର୍ଥହୀନ ସାମାଜିକ ପ୍ରଥା ବୋଲି ସେ ଜାଣିଥିଲା । ଆଜି କିନ୍ତୁ ତାର ମନେ ହେଲା ଭଗବାନ୍ ଅଛନ୍ତି ପ୍ରେମିକ । ତାର ବେଦନାର ସମସ୍ତ ଅଶ୍ରୁ ସେ ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି କହିଲା "ଭଗବାନ୍, ଏପରି କର ଯେ ତୁମରି ପ୍ରେମରେ ମୁଁ ସର୍ବଦା ବିଭୋର ରହେ । ତୁମର ପ୍ରେମ ପାଇଁ ସବୁ ଦୁଃଖ କଷ୍ଟ ବରଣ କରିବାକୁ ସାହସ ଦିଅ । ମୋର ଅଶ୍ରୁ ଶତ୍ରୁ ମଧ୍ୟ ସୁନ୍ଦର ହେଉ ।" ସେଦିନ ସେ ବୁଝିପାରି ନଥିଲା ଯେ ଏହି ବ୍ୟର୍ଥତାର ଭିତରେ ଲୁଚି ରହିବ ନାହିଁ ।

ଜୀବନର ଗୋଟାଏ ନିର୍ଦ୍ଦିଷ୍ଟ ବୟସ ବା ମନର ଗୋଟାଏ ନିର୍ଦ୍ଦିଷ୍ଟ ଅବସ୍ଥା ପର୍ଯ୍ୟନ୍ତ ମନୁଷ୍ୟ ବଢ଼େ ଅନ୍ୟର ଆଦର୍ଶରେ ଅନ୍ୟ କେହି ତାର ପ୍ରେରଣାର ଉତ୍ସ ଥାଏ । ସାଧାରଣତଃ ପିତା ମାତା ହିଁ ଏହି ଆଦର୍ଶର ସ୍ଥାନ ନିଅନ୍ତି । ତେଣୁ ଏହି ବୟସରେ ଲାଗିଯାଏ, ସନ୍ତାନମାନଙ୍କ ମଧ୍ୟରେ ତୀବ୍ର ଦ୍ୱନ୍ଦ୍ୱ ପିତା ମାତାର ସ୍ନେହ ପାଇବା ପାଇଁ କିନ୍ତୁ ତା ପରେ ନିଜର ଶିକ୍ଷା, ଦୀକ୍ଷା, ମନ ଅନୁସାରେ ଗଢ଼ି ଉଠେ ନିଜର ଆଦର୍ଶ । ସେତେବେଳେ ସେ ବଞ୍ଚିବାକୁ ଚାହେଁ ନିଜର ତୃପ୍ତି ପାଇଁ । ଠିକ୍ ଏହି ସମୟରେ ନିଜର ବ୍ୟକ୍ତିତ୍ୱ ଫୁଟାଇବା ପାଇଁ ଗୋଟାଏ ଅଦମ୍ୟ ଆଗ୍ରହ ହୁଏ । ଯାହାର ଏହି ଆଗ୍ରହଟି ବିକାଶ ପାଇ ନାହିଁ ସେ ଚିରଜୀବନ ରହିଯାଏ ବାଳକ । ଏହି ଆଗ୍ରହ ଭିତରେ ଥାଏ ପୁଣି ପ୍ରକୃତିର ସୃଜନ ପ୍ରବୃତ୍ତିର ଗୁପ୍ତ ସଙ୍କେତ । ନିଜକୁ ସର୍ବାଙ୍ଗସୁନ୍ଦର କରିବାକୁ ସେ ପ୍ରାଣପଣେ ଚେଷ୍ଟା କରେ । ଦୁଃସାହସିକ ଏବଂ ବୀରୋଚିତ କାମ କରିବାରେ ସେ ଅପୂର୍ବ ଆନନ୍ଦ ପାଏ । ଅଳ୍ପ ଦିନ ଭିତରେ ଦୁର୍ଗାପଦର ଅଦ୍ଭୁତ ପରିବର୍ତ୍ତନ ହୋଇଛି । ଦେଖିବାକୁ ସୁଶ୍ରୀ ନ ହେଲେହେଁ ତାକୁ କୁଶ୍ରୀ କହିବା ଚଳେ ନାହିଁ । ଶରୀରର ପ୍ରଧାନ ଦୋଷ ଭିତରେ ମୁହଁଟି ଟିକିଏ ଅସ୍ୱାଭାବିକ ଲମ୍ବା—ତାର ପିତାଙ୍କ ପରି । ଏଥିପାଇଁ ସେ ଖୁବ୍ ଚିନ୍ତିତ ହୋଇ ଅନେକ ସମୟ ଦର୍ପଣ ସାମନାରେ ଅଧକାଳ କଟାଏ । ପୈତୃକ କ୍ଷୀଣ ଶରୀରଟିକୁ ସୁସ୍ଥ କରିବା ପାଇଁ ନିୟମିତ ବ୍ୟାୟାମ ଓ ଖେଳ ଆରମ୍ଭ କରିଛି । କିନ୍ତୁ ପୋଷାକ ପରିଚ୍ଛଦ ତାର ଚିନ୍ତାର ବିଶେଷ କାରଣ । ବସନ୍ତ ବାବୁଙ୍କ ମତରେ ଛାତ୍ର ଜୀବନରେ ଭଲ ପୋଷାକ ପରିଚ୍ଛଦ, ଖେଳ କସରତ୍ ଛାତ୍ରର ମନକୁ ପଢ଼ା ପଢ଼ିରୁ ବିଳାସ ଆଡ଼କୁ ଟାଣି ନିଏ । ଦୁର୍ଗାପଦର ବ୍ୟବହାର ପାଇଁ ସପ୍ତାହକୁ ଖଣ୍ଡେ ମୋଟ ଧୋତି ଓ ଖଣ୍ଡେ ସାଧାରଣ କମିଜ, ଯା ନ ହେଲେ ନ ଚଳେ । ଏହାକୁ ପିନ୍ଧି କଲେଜ ଯିବାକୁ ଦୁର୍ଗାପଦର ଖୁବ୍ ଲଜ୍ଜା ହୁଏ । ହେଉ ନା ସେ ଦରିଦ୍ର, କିନ୍ତୁ ଏ ରିକ୍ତତା ଢାଙ୍କିବ । ଅନ୍ତରାଳ ସେ ପିତାଙ୍କୁ ଲୁଚାଇ ସାବୁନରେ ଲୁଗା ପରିଷ୍କାର କରି ନିଏ । ପୂର୍ବର ଅବିନ୍ୟସ୍ତ ତୈଳହୀନ ବଡ଼ ବଡ଼

ସ୍କୁଲର ବାଳନୃତ୍ୟକର ମଧ୍ୟ ଅମୂଲ୍ୟ ଅବଦାନ ହୋଇଛି । ସେ ଯଥା ସମ୍ଭବ ପିତାଙ୍କୁ ଲୁଚି ଯାଏ । ତାର ମନେ ହୁଏ ତାର ବଡ଼ଭାଇ [illegible] ମନ ଉପରେ ପିତା ଗୋଟିଏ ବଡ଼ ପଥର । ସ୍କୁଲର [illegible] ଯେତେବେଳେ ବସନ୍ତବାବୁଙ୍କ ଆଖିରେ ପଡ଼େ, ସେତେବେଳେ ସେ ତାକୁ ତୀବ୍ର ଭର୍ତ୍ସନା କରନ୍ତି । ଖେଳ ଖେଳି ପାରି ମଧ୍ୟ ଦୁର୍ଗଚନ୍ଦ୍ରକୁ କମ୍ ଅପମାନ ସହ୍ୟ କରିବାକୁ ପଡ଼େ ନାହିଁ । ସେ ପତ୍ର ପତ୍ରିକାରେ ମଧ୍ୟ କବିତା ଦେବାକୁ ଆରମ୍ଭ କରେଣି । କିନ୍ତୁ ସାହସ କରି କେବେହେଁ ନିଜର ନାମ ଦେଇ ନାହିଁ । "ପ୍ରେମର କବିତା ଯଦି ପିତା ଦେଖନ୍ତି .. ..." ଭୟରେ ତାର ଆଖି ବୁଜି ହୋଇଯାଏ । ବସନ୍ତବାବୁ ଅନେକ-ଥର ବୁଝାଇ କହନ୍ତି, "ଆଗେ ପଢ଼ା ପଢ଼ି ସରୁ, ତା ପରେ ସବୁ" । କିନ୍ତୁ ଦୁର୍ଗପଦ ଗୋଟାଏ ନୂତନ ଜଗତର ଆନନ୍ଦରେ ପାଗଳ । ପିତାଙ୍କର ଆଦର୍ଶ ତାର କଣ୍ଠରୋଧ କଲେହେଁ ମାରି ଦେବାକୁ ଅକ୍ଷମ ।

କିନ୍ତୁ ନାନା ଦୁଃସାହସିକ କାର୍ଯ୍ୟ କଲେ ମଧ୍ୟ ଦୁର୍ଗପଦ ସ୍କୁଲମାଷ୍ଟରର ସମ୍ମାନ ପାଏ ନାହିଁ । ମଝିରେ ମଝିରେ ତାର ହୃଦୟ ହାହାକାର କରି ଉଠେ । ତାର ସାଙ୍ଗ ଅନେକ ଅଛନ୍ତି କିନ୍ତୁ [illegible] କହିଲେ ଯାହା ବୁଝେ ଏ, ସେପରି କେହି ନାହାନ୍ତି । ପିତାଙ୍କୁ ତାର ଭୟ । ମା ବା ଭଉଣୀଙ୍କୁ ହୃଦୟର ଏ ବ୍ୟାକୁଳତା ଜଣାଇବାକୁ ଲଜ୍ଜା ହୁଏ । ମନକୁ ମନରେ ମାତ୍ର ଦୁର୍ଗାପଦ ପ୍ରତୀକ୍ଷାରେ ଦିନ କଟାଏ । ଏ ପ୍ରତୀକ୍ଷା ଯେତେବେଳେ ତାର କଣ୍ଠରୋଧ କରେ ସେତେବେଳେ ଜଗତଟା ମିଥ୍ୟା ମନେ ହୁଏ । ଶଙ୍କରାଚାର୍ଯ୍ୟ ବୁଦ୍ଧଙ୍କର ପନ୍ଥାହିଁ ଠିକ୍-ଭାବି କେତେବାର ସେ ସନ୍ନ୍ୟାସୀ ହେବାକୁ ଭାବିଛି । କିନ୍ତୁ ପାରିନାହିଁ ।

ଅଳ୍ପଦିନ ଆଗେ ଦୁର୍ଗାପଦ ସମଗ୍ର ଓଡ଼ିଶାର ସନ୍ତରଣ ପ୍ରତି-ଯୋଗିତାର ପ୍ରଥମ ହୋଇଛି । ପିତାଙ୍କର ଏଥିରେ ଆନନ୍ଦ ନାହିଁ । ଦୁର୍ଗାପଦର ଏ ସବୁ ଯେତେ ବଢ଼ୁଛି, ତାଙ୍କର ଆଶା ସେତିକି କ୍ଷୀଣ ହୋଇ ଆସୁଛି । ତାଙ୍କର ଧାରଣା ଥିଲା କାଳେ ଦୁର୍ଗାପଦ ପଢ଼ାପଢ଼ି [illegible]

ଅନ୍ୟ ସାଧାରଣ ପିଲାଙ୍କ ଭଳି ଏଥିରେ ସେ ମାତେନ । ଦୁର୍ଗାପଦର ମଧ୍ୟ ମନରେ ସୁଖ ନାହିଁ । ଗୋଟାଏ ଅସ୍ଥିର ଭାବ ତାର ମନକୁ ସର୍ବଦା ଅଶାନ୍ତ କରି ରଖିଥାଏ । ସେଦିନ ମନର ଏହିପରି ଅବସ୍ଥାରେ ସେ କାଠଯୋଡ଼ି କୂଳରେ ଛିଡ଼ା ହୋଇ ଥିଲା । ନଦୀରେ ଆସିଛି ପ୍ରବଳ ବନ୍ୟା । ନଈ ବାନ୍ଧ ଅର୍ଦ୍ଧ ବୃତ୍ତାକାରରେ ଯେଉଁଠି ନଈ ଭିତରକୁ ପଶି ଯାଇଛି ପାଣିର ଧକ୍କାଲାଗି ସେଠାରେ ଭୟଙ୍କର ଭଉଁରୀ ହୁଏ । କଟକରେ ଏହି ଭଉଁରୀ ଭିତରେ ପହଁରିବାକୁ କେବଳ ଦୁର୍ଗାପଦ ସକ୍ଷମ । ସେ ଯେତେବେଳେ ଏହି ଭଉଁରୀ ଭିତରେ ପହଁରେ, ନଈ ବନ୍ଧରେ ଲୋକଙ୍କର ଭିଡ଼ ହୁଏ ତାର ଅଦ୍ଭୁତ ସନ୍ତରଣ କୌଶଳ ଦେଖିବାକୁ । ପଶ୍ଚିମ ଆକାଶରେ ଅସ୍ତଗାମୀ ସୂର୍ଯ୍ୟ ଯେଉଁ ଅପୂର୍ବ ଶୋଭମାନ ସୃଷ୍ଟି କରୁଥିଲା, ସେଥିପ୍ରତି ତାର ଲକ୍ଷ୍ୟ ନାହିଁ । ସେ ଭାବୁଥାଏ ନାନା କଥା । ହଠାତ ଦେଖି ପାଇଲା ଗୋଟିଏ ବାଳିକା ବୁରୁଜ ଉପରେ ଛିଡ଼ା ହୋଇ ପାଣିର ଭୟଙ୍କର ଦୃଶ୍ୟ ଉପଭୋଗ କରୁଅଛି । କିଏ ଜାଣିବାର ଅବସର ବା ଆବଶ୍ୟକତା ନାହିଁ । ସେ ସାଙ୍ଗେ ସାଙ୍ଗେ ଘରକୁ ଯାଇ ଲୁଗା ବଦଳାଇ ଆସି ଭଉଁରୀ ଭିତରେ ପହଁରିବାକୁ ଲାଗିଲା ଏବଂ ଗର୍ବର ସହିତ ଅନାଇ ଦେଖିଲା ଭୟ ଓ ଆଶଙ୍କାରେ ବାଳିକାର ଆଖି ଯୋଡ଼ିକ କପର ବସ୍ତ ଗତ । ସେ ଅଧିକ ଉତ୍ସାହରେ ନାନା କୌଶଳ ଦେଖାଇବାକୁ ଲାଗିଲା । କିନ୍ତୁ ଘଟଣାସ୍ଥଳରେ ଉପସ୍ଥିତ ହେଲା ଗୋପାଳ—ତାର ସାଙ୍ଗ । ସୁନ୍ଦର ସୁଶ୍ରୀ ଚେହେରା, ଅସାଧାରଣ ବାକ୍ପଟୁ । ପାଣିକୁ ତାର ଛେଳି ପରି ଭୟ ହେଲେହେଁ ପଶ୍ଚାତ୍ପଦ ହେବାର ପିଲା ସେ ନୁହଁ । ଜମରେ ଛିଡ଼ା ହୋଇ ସେ ଦୁର୍ଗାପଦକୁ ନାନା ଉପଦେଶ ଦେବାକୁ ଲାଗିଲା । ତାର କଥାବାର୍ତ୍ତାରେ ସେ ଏମିତି ପରିସ୍ଥିତି ସୃଷ୍ଟିକଲା ଯେ, ସମସ୍ତେ ଭାବିଲେ ସେ ଦୁର୍ଗାପଦର ସନ୍ତରଣ ଶିକ୍ଷକ । ଅବସ୍ଥାଟି ବୁଝିପାରି ସେ ଅଧିକ ଭୟପ୍ରଦ କୌଶଳମାନ ଦେଖାଇବାକୁ ଲାଗିଲା । ଗୋଟିଏ ବଡ଼ ଭଉଁରୀରେ ବୁଡ଼ଯାଇ ଦୁର୍ଗାପଦ ତା ଭିତରେ ଅନେକ କ୍ଷଣ ରହିଲା । ସମସ୍ତେ ଭୟରେ ସ୍ତବ୍ଧ ରହିଲେ । ଦୁର୍ଗାପଦ ସଗର୍ବେ ଅଉ ଗୋଟାଏ ଭଉଁରୀ ଭିତରେ ପାଣି ଭିତରୁ ବାହାରିଲା ଏବଂ ଅନାଇ ଦେଖିଲା

ଭଲକୁମାରୀ ଅସହାୟା । ଲୁଗାଲଗା ଆଖି ଦେଖିଲେ ବୋଧହୁଏ ବାଉଳା ସହର ହସି ହସି କଥା ଭାଙ୍ଗୁଥାନ୍ତା ।

ସେଦିନ ରାତିରେ ତାର ଭାରି ଜ୍ୱର ହେଲା । ହୃଦୟର ସେଇ ଶୂନ୍ୟତା ଯେପରି ତାର କଣ୍ଠରୋଧ କରିବାକୁ ଲାଗିଲା । ମନ କଥା କାହାକୁ ନ କହିବା ଯାଏଁ ମନ ଭିତରେ ଲାଗି ରହିଲା । କୋଉଠାଏ ଅସହ୍ୟ ଅସ୍ୱସ୍ତି । କାନ୍ଥରେ ଟଙ୍ଗାହୋଇଥିବା ଶ୍ରୀକୃଷ୍ଣଙ୍କ ଛବି ତାର ନଜରରେ ପଡ଼ିଲା । ମୁହଁରେ ଲାଗି ରହିଛି ଗୋଟିଏ କ୍ଷୁଦ୍ର ହସ । ଏହି କ୍ଷୁଦ୍ର ହସ ଯେପରି ପୋଛି ଦେଲା ତାର ବେଦନାର ସମସ୍ତ କାଳିମା । ତାର ମନେ ହେଲା ଭଗବାନ୍ ତାର ଦୁଃଖ ବୁଝି ଧରିଛନ୍ତି । ଠିକ୍ ସାମନାରେ ଥୋଇ ଦୁର୍ଗାପଦ ତାର ବ୍ୟର୍ଥ ହୃଦୟକୁ ଅଞ୍ଜଳି ଦେଲା । ଅନେକଟା ହାଲୁକା ଲାଗିଲା । ସେଇଦିନଠୁଁ ଆରମ୍ଭ ହେଲା ତାର ମୂର୍ତ୍ତି ପୂଜା ।

× × × ×

କିନ୍ତୁ ଯେଉଁ ତୃଷ୍ଣାର ବହ୍ନି ତାର ଅନ୍ତରକୁ ଜାଳିବାକୁ ଆରମ୍ଭ କରିଛି, ତା ସେଥିରେ ଲିଭିବାର ନୁହେଁ । ଦୁର୍ଗାପଦ କାଞ୍ଚନ କୋଡ଼ିଏ ବର୍ଷର ଯୁବକ । ଯୌବନର ଆରମ୍ଭରେ ପ୍ରକୃତିର ସଙ୍କେତ ଅସ୍ପଷ୍ଟ ହେଲେହେଁ ବଳବତୀ । ଭାବପ୍ରବଣ ମନ ଏହି ସମୟରେ ଗୋଟିଏ ମାତ୍ର ଅବଲମ୍ବନକୁ କେନ୍ଦ୍ର କରି ଜୀବନ ଗଢ଼େ । ନଶ୍ୱର ହେଉନା କାହିଁକି ମନ ବୁଝେନି ନାରୀର ପ୍ରେମ ଓ ସ୍ନେହ ପୁଣି ଦୁ ଥରେ ଅଭାବ ପାଇଁ ନୁହଁ । ଏଣୁ ପରମ-ବ୍ରହ୍ମଙ୍କର ଅବ୍ୟକ୍ତ ପ୍ରେମରେ ସାନ୍ତ୍ୱନା ମିଳିଥାଏ, ଅନୁଭବର ମାଦକତା ନାହିଁ ।

ଏଣେ, ସ୍କୁଲପାଠରେ ଦୁର୍ଗାପଦର ଦ୍ୱିବର୍ଷ ସରିଗଲା । ଏଥର ଛିଡ଼ାଏ ଅସାର ଜୋର୍ ତାର ବନ୍ଧୁ ଦଳରେ ସାମ୍ନା ଦୁର୍ଗାପଦ ମନେ

ହେଲା । ଯାହା ପାଇଁ ସେ ଘର ସୁନ୍ଦର କରିବେ ବୋଲି ଭାବି
ଲାଗିଥିଲେ ସେ ଆସିଲା ନାହିଁ । ଶୂନ୍ୟତାରେ, ବେଦନାରେ ତାଙ୍କ ମନ
ମଝିରେ ମଝିରେ ବ୍ୟାକୁଳ ହୋଇଉଠେ । ଦୁର୍ଗାପଦ ଯେଉଁଦିନ
ଅନର୍ସ ସହିତ ବି. ଏ. ପାଶ୍ କଲା, ସେଦିନ ମଧ୍ୟ ବସ୍ତୁବାବୁ
ହାତରେ ଲଡ଼ୁ ହାଣ୍ଡି ଧରି ଅଗଣାରେ ଛିଡ଼ା ହେଲେ । ତାଙ୍କର
ଆଶା ପୂର୍ଣ୍ଣ ହେବାକୁ ଆଉ ବେଶି ଡେରି ନାହିଁ । ଉତ୍ତେଜନାରେ
ତାଙ୍କର ଅଙ୍ଗ ଯୋଡ଼ିକ ସେଦିନ ମଧ୍ୟ ଉଜ୍ଜ୍ୱଳ ହୋଇ ଉଠିଥିଲା ।

ଦୁର୍ଗାପଦର ଇତି ମଧ୍ୟରେ କିଛି ଅନେକ ପରିବର୍ତ୍ତନ ହୋଇଛି ।
ନିଜର ଜଗତ ଗଢ଼ନ କଥା ଭାବୁ ଭାବୁ ଦୁର୍ଗାପଦ ବଳେ ଚମକି
ଉଠିଲା । ଏତେ ଦିନ ସେ କଠୋର ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲା ।
ପିତାଙ୍କର ଓ ନିଜର ଅତ୍ୟଧିକ ଯତ୍ନ ଯୋଗୁଁ ଧୀରେ ଧୀରେ ତା
ଭିତରେ ଯୌନ ଶକ୍ତିର ସଙ୍ଗେ ନାନା ମାନସିକ ବିକୃତି ମୁଣ୍ଡ
ଟେକିବାର ଦେଖି ଦୁର୍ଗାପଦ ହତୋତ୍ସାହ ହୋଇ ପଡ଼ିଲା । ଆଗର
ସହଜ ସରଳ ମନ ଆଉ ତାର ନାହିଁ । ହିଂସା, ଅବଶ୍ୟ, କଳଙ୍କ-
ପ୍ରିୟତା, ଈର୍ଷା, ଆଳସ୍ୟ, ଲୋଭ ଆଦି ଧୀରେ ଧୀରେ କେତେବେଳେ
ଯେ ପ୍ରବେଶ କଲେ ସେ ଏପର୍ଯ୍ୟନ୍ତ ବୁଝି ପାରି ନଥିଲା । ସେ ଚମକି
ଯେତେବେଳେ ନିଜର ସ୍ୱରୂପ ଦେଖିଲା, ସେତେବେଳେ ସେ ଗୋଟି
ଗୋଟି କରି ମନର ସବୁ ଦୁଆର ବନ୍ଦ କରି ଦେବାକୁ ଚେଷ୍ଟା କଲା ।
ମନର ସରଳ ସହଜ ଗତିକୁ ସେ କଣ୍ଠରୋଧ କରି ମାରିଦେବାକୁ
ବସିଲା । ଯେଉଁ କାର୍ଯ୍ୟ ତାର ପିତା ଏତେ ଯତ୍ନ କରି ଆସୁଥିଲେ
ନିଜ ଅଜାଣତରେ ସେ କାର୍ଯ୍ୟଗୁଡ଼ିକୁ ନଷ୍ଟ କରିବାକୁ ଆରମ୍ଭ କଲା ।
ବାହାର ସହିତ ଆଉ କୌଣସି ସମ୍ପର୍କ ରଖିଲା ନାହିଁ । ମୁଣ୍ଡର ବାଳ
ଗୁଡ଼ିକ ଲମ୍ବା କରି ସେ ପିନ୍ଧିଲା ଖଣ୍ଡେ ମୋଟ ଧୋତି ଓ ମଇଳା
ଚଦର । ବସ୍ତ୍ରରେ ସମସ୍ତ ବିଳାସ ସେ ତ୍ୟାଗ କଲା । ମନରୁ
କୁଟିଳତା ଯେତେ ଛାଡ଼ିବାକୁ ଲାଗିଲା, ତାର ଅନୁଷ୍ଠାନ ସେତେ
ବଢ଼ିବାକୁ ଲାଗିଲା । ବସ୍ତୁବାବୁ ପୁଅର ପରିବର୍ତ୍ତନ ଦେଖି ଅନବରତ

ହେଲେ । କିନ୍ତୁ ବରଦାଦେବୀ ଶକ୍ତରେ କହିଲେ "ହଉ, ପୁଅକୁ ବାହା କରିଦିଅ, ନ ହେଲେ ସେ ଦଣ୍ଡ କମଣ୍ଡଳୁ ଧରି ବାହାରିଯିବ ।" ବଙ୍କୁବାବୁ ହସି କହିଲେ, "ପ ଗଲ ହେଲା । ପଢ଼ାପଢ଼ି ସମ୍ପୂର୍ଣ୍ଣ ମନ ଏସବୁ ଅଡ଼େ ଯିବା ଭଲ । ପଢ଼ ପଢି ସରିଲେ ସେଇଗାରି ଭଳେ ମନ ଫେରାଇବାକୁ କେତେକ୍ଷଣ ଲାଗିବ ।"

ଏତେ କରି ମଧ୍ୟ ଦୁର୍ଗାପ୍ରସାଦ ନିଜ ଅନ୍ତରର ଇଚ୍ଛାକୁ ଦମନ କରି ପାରିଲା ନାହିଁ । ଗୋଟିଏ ଇଚ୍ଛା କହୁ ଇଚ୍ଛା ହୋଇ ବହୁତ ରୂପ ଧରି ସୃଷ୍ଟିବିକ କରିବାକୁ ଲାଗିଲା । ଦୁର୍ଗାପ୍ରସାଦର ମନ ଉପରେ ଭୀଷଣ ଘୃଣା ଜାତ ହେଲା ଏବଂ ଏହା ପ୍ରତିଫଳିତ ହେଲା ପୃଥିବୀ ଉପରେ । ବିଫଳ ହୋଇ ସେ କହିଲେ ଏବେ ସବୁ ବହୁତ ଖରାପ ହେଲା । ନିଜର ଅବସ୍ଥା ସେ ପ୍ରତିଷ୍ଠାକୁ ପ୍ରକାଶ କଲା । ବରଦାଦେବୀ ହସିଲେ ସମ୍ଭାବତଃ ସ୍ୱାମୀଙ୍କ ଅପରେ ଦେଖାଇଲେ ଏବଂ ବହୁ ଯନ୍ତ୍ରଣା ସହ୍ୟ କରି ଫେରିଲେ । ଦୁର୍ଗାପ୍ରସାଦକୁ ମଧ୍ୟ ଅନେକ ଅପମାନ ସହି "ବାହାଘର" ଦୁର୍ନାମ ସହ୍ୟ କରିବାକୁ ପଡ଼ିଲା ।

କାରଣ ହୋଇ ସେ ସ୍ଥାନ ପରିବର୍ତ୍ତନ ପାଇଁ ବ୍ୟାକୁଳ ହୋଇ-ଉଠିଲା । ପିତାଙ୍କୁ ଅନେକ ବୁଝାଇ ସେ ଗଲା ଗାନ୍ଧୀ ଏମ୍. ଏ. ବି. ଏଲ୍. ପଢ଼ିବାକୁ । ବଙ୍କୁବାବୁ ନିଜର ଓ ପରିବାରର ସମସ୍ତଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ତାଙ୍କର ସାମାନ୍ୟ ଅନୁଭବ ଦାନ କରିବାକୁ ବୁଝାଇ ପଠାଇଲେ ପୁଅ ପାଖକୁ । ଘଟନା ଅଧିକ ଭଲ ହେଉଥିଲା ଅବଶ୍ୟ ଭଲ ଲାଗିଲା, କିନ୍ତୁ ଅଳ୍ପଦିନ ପରେ ତାର ଅନ୍ତରର ଦ୍ୱନ୍ଦ୍ୱ ପୁଣି ଦେଖା ଦେଲା । ଏତେ ଦିନ ନିଜ ଘରେ ସୁଖ ଭୋଗ କରି ତାର ଶରୀର ଭଙ୍ଗି ପଡ଼ିଥିଲା । ଅଭ୍ୟାସ କରିବାର ତାର ଶକ୍ତି ଓ ପ୍ରେରଣା ସେ ହରାଇଲା । ଏଥର ସେ ନିଜକୁ ଜଗାଇ ଦେବା ଦୁର୍ବଳ ସ୍ରୋତରେ ତାର ମନ ଭାସି ଗଲା, ଅଶାନ୍ତ ହେଲା, ପୁଣି ଓ

ତୃଷ୍ଣା ହେଉ ଗୋଟିଏ ଶାରୀରିକ ପ୍ରବୃତ୍ତି । ପ୍ରେମ ଏହି ପ୍ରବୃତ୍ତିର ନାମାନ୍ତର ମାତ୍ର । ଅତଏବ ଏ ମୌଳିକ ପ୍ରବୃତ୍ତିଟି ଚରିତାର୍ଥ ହେଲେ ତାହାର ଏ ନର୍ମମ ଦୁର୍ବଳତା ଚାଲିଯିବ ।”

ଦିନେ ଗୋଟିଏ ସାଙ୍ଗ ସହିତ ସେ ଗଲା ବେଶ୍ୟା ଘରକୁ । ଅପରିଷ୍କାର, ଅସ୍ୱାସ୍ଥ୍ୟକର ପରିସ୍ଥିତି ମଧ୍ୟରେ ଗୋଟିଏ ପ୍ରୌଢ଼ା ବେଶ୍ୟା । କିନ୍ତୁ ବୟସ ହିସାବରେ ପରିବାକୁ ବେଶ୍ୟାଟି ଯାହା କଲା ସେଥିରେ ଅତି ବଡ଼ କାମୁକର ମଧ୍ୟ ବିତୃଷ୍ଣା ହେବ । ବେଶ୍ୟାଟି ନିଜର ବକ୍ଷ ଉନ୍ମୁକ୍ତ କରି ପ୍ରମାଣ କରିବାକୁ ଚାହିଁଲା ବୟସ ସବୁ ନୁହେଁ । ଦୁର୍ଗାପଦ ମୁଣ୍ଡ ପୋତି ଭାବିବାକୁ ଲାଗିଲା “ଏହା ପାଇଁ ଦାୟୀ କିଏ ? ସମାଜ ନା ଏମାନଙ୍କର ଯୌନାଭିଳାଷ, ନା ଉଭୟ ?” କିନ୍ତୁ ଯେଉଁ ଘଟଣାଟି ତା ମନକୁ ବିତୃଷ୍ଣା ଆଣିଦେଲା, ତାହା ପୁଣି ବନ୍ଧୁର ଅଧିକ ଲାମ୍ପଟ୍ୟ କଲା । କିଛିକ୍ଷଣ ପରେ ସେ ଚମକି ପଡ଼ି ଶୁଣିଲା, “ଛି ଯିବୁ ନାହିଁ ?” ‘ନା’—ଦୁର୍ଗାପଦ ଘୃଣାରେ ଆଉ କିଛି କହି ପାରିଲା ନାହିଁ । ନିର୍ଲଜ୍ଜ ଭାବରେ ତାର ବନ୍ଧୁ ହସି କହିଲା, “ପ୍ରଥମରେ ଏହିପରି ହୁଏ । ଆଉ ଦୁଇ ତିନିଥର ଆସିଲେ ଠିକ୍ ହୋଇଯିବ ।” ଦୁର୍ଗାପଦ ସେଦିନ ଘୃଣାରେ ମୁହଁ ଘୂରାଇ ନେଇଥିଲା । ସେଦିନ ସେ ବୁଝିପାରି ନ ଥିଲା ଯେ ଏ ଘଟଣାଟି ତାର ଅଜ୍ଞାତରେ ଶିକ୍ଷା ଓ ରୁଚିର ବାହ୍ୟ ଆବରଣ ଭେଦ କରି ସ୍ପର୍ଶ କରିଛି ମନର ଗୋଟାଏ ନିଗୂଢ଼ ସ୍ତରକୁ । ମନର ଗହ୍ୱରରେ ଥିବା ଇଚ୍ଛା ଗୁଡ଼ିକ ପ୍ରଚଣ୍ଡ ଶକ୍ତିରେ ସବୁ ବାଧା ଠେଲି ବାହାରକୁ ବାହାରି ଆସିଲେ । ଦୁର୍ଗାପଦ ନାନା ବିଳାସରେ ନିଜକୁ ବୁଡ଼ାଇ ଦେଲା । ଯେଉଁ ଯୌନ ଜ୍ଞାନ ତାର ପାଇବାର ଉଚିତ ଥିଲା ସୁନ୍ଦର ସ୍ୱାସ୍ଥ୍ୟକର ପରିସ୍ଥିତିରେ, ତାହା ସେ ପାଇଲା ଅତି ଅସ୍ୱାସ୍ଥ୍ୟକର ପରିସ୍ଥିତିରେ । ଏହି ଯୌନକ୍ରିୟା ପ୍ରତି ତାର ଯେଉଁ କୁତ୍ସିତ ଧାରଣା ଜନ୍ମିଲା, ତାହା ଚିରଦିନ ରହିଗଲା ।

ଦୁର୍ଗାପଦର ଚିନ୍ତା ପିଲାଦିନରୁ ଅନ୍ତର୍ମୁଖୀ । ଦିନେ ଗଙ୍ଗା କୂଳରେ ଏକା ବସି ଭାବୁଭାବୁ ସେ ପୁଣି ଚମକି ଉଠିଲା । ଭଗବାନଙ୍କୁ ଭାବିବା

ପ୍ରାର୍ଥନା କରେ ସେ ଅନ୍ଧକାର ଖାଲ୍ଲୁ ଜା ପାଏ ନାହିଁ । ତାଙ୍କ ଦୁଃଖ ବଢ଼ିଲେ ଚନ୍ଦ୍ରି ଭଗବାନ ବ୍ୟର୍ଥ ଏବଂ ସ୍ୱାର୍ଥ ମାନଙ୍କର କଲନା । ସେ ପାଠନାକୁ ପୁଣି ବଢ଼ିବ ପଳାଇ ଅଫ୍ରିଶ୍ରୀ । ଦୁର୍ଗାପଦର ମାମୁଁ ଆନ୍ତ୍ରି ପାଠକୋଣରେ । ବଣ୍ଟୁବାବୁ ତାଙ୍କଠାରୁ ସବୁ ଶୁଣି ସାରିଥିଲେ । ସ୍ଥିର ଦୃଷ୍ଟିରେ କେବଳ ଶୁହିଁ ରହିଲେ । କ୍ରୋଧ ଏବଂ କ୍ଷୋଭାଶାରେ ତାଙ୍କ ମୁହଁରୁ କଥା କ ହ୍ୱାବଲା ନାହିଁ । ଥରେ ଭାବଲେ ଅଶା ଯେତେବେଳେ ଗଲା ସେତେବେଳେ ପୂର୍ବରେ ପ୍ରୟୋଜନ କଅଣ । କନ୍ତୁ ଭଗଣ ଭ ମୁଅନ୍ତ ଅଶାବାୟୁଃ । ଉଦ୍ୟତ କ୍ରୋଧକୁ ବ୍ରିପିଦଣ୍ଡି ଦୁର୍ଗାପଦକୁ ପୁଣି ବୁଝାଇବାକୁ ଲାଗିଲେ । ଦୁର୍ଗାପଦ ଯେ କୁହୁଲା ଭା କୁହଁ । ପିତାଙ୍କର ଅଶା ଭଣ୍ଡ ଉପରେ ତାର କଷ୍ଟ ହେଲା । ନଜର ବ୍ୟର୍ଥତା ପାଇଁ ମରଣୋନ୍ମୁଖୀ ପିତାଙ୍କୁ କଷ୍ଟ ଦେଇ ଲାଭ କଅଣ ? ପୁଣି ସେ ପଢ଼ା ପଢ଼ିରେ ମନ ଦେଲା, ନଜକୁ ଭୁଲାଇ ରଖିବାକୁ । ସେ ନଜକୁ ହଜାଇଦେଲା ନାନା କର୍ମରେ । ସାହାଯ୍ୟ ସମିତି, ସାହିତ୍ୟ ସମିତ, ବ୍ୟାୟାମ ବିଦ୍ୟାଳୟ ଅଦ ନାନା କର୍ମରେ ସେ ନଜକୁ ବୁଡ଼ାଇ ରଖିଲା । ବଣ୍ଟୁବାବୁଙ୍କୁ ଏସବୁ ଭଲ ଲାଗୁ ନଥିଲେ ମଧ ସେ ବୁଝିପାରି ଥିଲେ ପୁଅର ଯଥେଷ୍ଟ ବୟସ ହୋଇଛ । ଓକାଲତି ପାଶ୍ ହେଲା । କନ୍ତୁ ବଣ୍ଟୁବାବୁ ଅଉ ବଞ୍ଚିଲେ ନାହିଁ । ବୟସ ତାଙ୍କର ଯଥେଷ୍ଟ ହୋଇଥିଲା । ତାଙ୍କର ଅଶା ନାନା ବ୍ୟର୍ଥତାରେ ଭାଙ୍ଗି ପଡ଼ିଥିବା ଶରୀରକୁ ଅଉ ବେଶି ଦନ ଟାଣି ନେଇ ପାରିଲା ନାହିଁ । ଯେଉଁ ଦନ ପରୀକ୍ଷା ଫଳ ବାହାରିଲା, ସେ ଦନ ଖବର ପାଇବା ପରେ ସେ ପ୍ରାଣ ତ୍ୟାଗ କଲେ । ମୃତ୍ୟୁ ସମୟରେ ତାଙ୍କର ଅଙ୍ଗ ଦଶଟି ଅସମ୍ଭବ ଅଶାରେ ଉଜ୍ଜ୍ୱଳ ହୋଇ ଉଠିଥିଲା । ସେ ଦୁର୍ଗାପଦ ମୁହଁକୁ ଚାହିଁ ଚାହିଁ ଶେଷ ନିଃଶ୍ୱାସ ଛାଡ଼ିଲେ । ମରିବା ଅଗରୁ ସେ ଦୁର୍ଗାପଦ ଉପରେ ଅଶୀର୍ବାଦର ବୋଝ ଲଦ ଦେଇଗଲେ ।

ଅଶୀର୍ବାଦ ସହିତ ଯେଉଁ ଋଣର ବୋଝ ମଧ୍ୟ ଲଦା ହେଲା, ସେଥିରେ ଦୁର୍ଗାପଦର ଅଉ ଓକାଲତି କରିବା ହେଲା ନାହିଁ । ଋଣର

ଅଧିକାଂଶ ଖରଚ ହୋଇଥିଲା ଦୁର୍ଗାପଦ ଉପରେ । କେବଳ ରୋଗ ଓ ପିତାର ଜଣେବିଶିଷ୍ଟ ଗୋଟିଏ ପରିବାରର ଭାର ପଡ଼ିଲା ଦୁର୍ଗାପଦର ଦୁର୍ବଳ ଓ ଅନଭିଜ୍ଞ କାନ୍ଧ ଉପରେ । ନିଜର ସେ ସ୍ୱାସ୍ଥ୍ୟ ଓ କର୍ମପ୍ରେରଣା ନାହିଁ । ସେଥିରେ ଯୋଗ ହେଲା ଅର୍ଥ ଚିନ୍ତା । ତାର ହୃଦୟରେ ଯେଉଁ ନିଆଁ ଜଳୁଥିଲା, ତାହା ତାକୁ ତଳେ ତଳେ ଦଗ୍ଧ କରୁଥିଲା । ଏହି ସମୟରେ ଦାରିଦ୍ର୍ୟର ବିକଟ ରୂପ ଆଖି ସାମନାରେ ଦେଖି ସେ ଆତଙ୍କିତ ହୋଇ ଉଠିଲା । ପିତାଙ୍କ ମୃତ୍ୟୁର ମାସକ ଭିତରେ ତାର ବୟସ ଦଶ ବର୍ଷ ଆଗେଇ ଯାଇଛି । ଦର୍ପଣ ସାମନାରେ ଛିଡ଼ା ହୋଇ ଅଣେଇଶ ବର୍ଷର ଯୌବନ ଦେଖି ତାହାର ଲଜ୍ଜା ହେଲା । ପ୍ରକୃତି କେଡ଼େ ନିର୍ମମ । ଏବେ କଷ୍ଟରେ ମଧ୍ୟ ତାହାର ନାକ ଦାଢ଼ି ଫୋପଲ ହୋଇ ନାହିଁ । ସ୍ୱପ୍ନରେ ସେ ତାର କାର୍ଯ୍ୟ କରି ଚାଲିଛି । ଦୁର୍ଗାପଦ ବର୍ତ୍ତମାନ ବୈଶିଷ୍ଟ୍ୟ ଖୋଜିବାକୁ ଲାଗି ପଡ଼ିଲା ତାର ଜୀବନରେ । ଲେଖାଲେଖି ସେ ଅନେକ ଦିନ ଆଗରୁ ଛାଡ଼ି ଦେଇ ଥିଲା । ପୁଣି ଆରମ୍ଭ କଲା । ନାନା ବହି ପଢ଼ି ସେ ଜ୍ଞାନ ବୃଦ୍ଧି କରିବାକୁ ଲାଗିଲା, ତାହାର ଜ୍ଞାନ ଓ ସ୍ୱାଧୀନ ଚିନ୍ତା ଧାରା ପାଇଁ ସେ କିଛି ସୁଖ୍ୟାତି ମଧ୍ୟ ଲାଭ କଲା । କ୍ରମେ କ୍ରମେ ଏହି ସୁଖ୍ୟାତି ପ୍ରତି ତାର ଗୋଟାଏ ମୋହ ଜାତ ହେଲା । ସଭା ସମିତିରେ ବକ୍ତୃତା ଦେଇ କରତାଳି ଉପଭୋଗ କରିବାରେ ସେ ଗୋଟାଏ ମାଦକତା ଅନୁଭବ କଲା । ଯେଉଁ ବୈଶିଷ୍ଟ୍ୟ ଫୁଟାଇବାରେ ତାର ଗୋଟିଏ ନାରୀକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟ ଥିଲା, ତାହା ବିକୃତ ହୋଇ ବର୍ତ୍ତମାନ ବ୍ୟାପକ ଜନସଂଖ୍ୟା ଏବଂ ବହୁଲୋକ ଉପରେ ପ୍ରଭାବ ବିସ୍ତାର ପ୍ରତି ମୋହରେ ପରିଣତ ହେଲା ।

ଭାରତର ସ୍ୱାଧୀନତା ସଂଗ୍ରାମ ସେତେବେଳେ ତୀବ୍ର ଆକାର ଧାରଣ କରିଥାଏ । ଦ୍ୱିତୀୟ ମହାଯୁଦ୍ଧରେ ପଶ୍ଚିମ ପକ୍ଷେ ଇଂରେଜମାନଙ୍କର ପରାଜୟ ଯେତେ ହାସ୍ୟକର ହେଉଥାଏ, ଭାରତରେ ସେମାନଙ୍କ ଶାସନ ସେତେ ନିର୍ମମ ହେଉଥାଏ । ଶାସନ ଚାଲିଥାଏ ସେତେବେଳେ

ଚକ୍ରୁ ମୁକ୍ତ ଓ ଅର୍ଦ୍ଧାଳରେ ହ୍ରାସ । ଏହୁ ନେତାମାନେ ଯାଉଛନ୍ତି ଟେଜଲରେ । ସ୍ୱରାଜ୍ୟମାନଙ୍କ ଅପମାନ ଏହିପୁଣି ଏ ଚଉଳ ଶୀଘ୍ରଲେ । ଦୁର୍ଗାପଦଙ୍କୁ ଏ ଅପମାନ ଯେତେବେଳେ ଅସହ୍ୟ ବୋଧହେଲା ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାକୁ ଗୃହିଲେ । ଘରେ ତାହା ଜଣେଇ ଜଣାଇଲେ । ସମସ୍ତେ ସମସ୍ୱରେ କ୍ରନ୍ଦନ କରି ଉଠିଲେ । ବରଦା ଦେବୀ ଖୁସି ଖୁବ୍ । ଦୁର୍ଗାପଦ ପିତାର ଗାମ୍ଭୀର୍ଯ୍ୟ ବୁଝି ସହଜ ଶାନ୍ତ ମାତାର ଝୁରୁଣା । ବରଦା ଦେବୀ କାନ୍ଦି କାନ୍ଦି କହିଲେ "ଆମ ଏକଥା ନ ବୁଝି ତୋର ବାପା ଯେ ଏବେ ଖର୍ଚ୍ଚ କଲେ, ତାହା କଅଣ ଏଇଥିପାଇଁ ? ଯାହାର ଏତକ ଟିକିଏ କର୍ତ୍ତବ୍ୟବୋଧ ନାହିଁ । ସେ କଅଣ ଯିବ ଦେଶର କାମ କରିବାକୁ !" ଦୁର୍ଗାପଦ ନୀରବ ହେଲେ । ତା'ର ଅକ୍ଷମତା ଉପରେ ସ୍ୱଗୋଦନେ ସେ ଗୋଟାଏ ଚାକିରି କରି ବସିଲେ । ଯାହାର କାରଣରେ ସେ ଜଣେ ଉଚ୍ଚପଦସ୍ଥ ଇଂରେଜ କର୍ମଚାରୀଙ୍କ ପ୍ରଭାବ ଥିଲା, ଅବଶ୍ୟ ଦୋଷ ଥିଲା କର୍ମଚାରୀଙ୍କର । ଯେତେବେଳେ ଅନ୍ୟ ସନ୍ଦେହ ଓ ଦୁର୍ଗାପଦ ଜାଣିଲେ ଯେ ଭବିଷ୍ୟତ୍ ନଷ୍ଟ ହୋଇଗଲା, ସେତେବେଳେ ସେ ପାଇଲେ ସେହି କର୍ମଚାରୀଙ୍କଠାରୁ କ୍ଷମାପ୍ରାର୍ଥନାର ଚିଠି । କିନ୍ତୁ ଏହି ଘଟଣା ପାଇଁ ଦୁର୍ଗାପଦର ଚାକିରି ମିଳିବା ଅସମ୍ଭବ ହୋଇଗଲା । କୌଣସି ଭାରତୀୟ—ସରକାରୀ ବା ବେସରକାରୀ କର୍ମଚାରୀ ତାକୁ ସାମାନ୍ୟ ଖଣ୍ଡେ ଚାକିରି ଦେଲେ ନାହିଁ । ଘରର ଆର୍ଥିକ ଅବସ୍ଥା ଏପରି ଯେ ଭଡ଼ା ବୃତ୍ତି କରିବାକୁ ଆଉ କେହି ନ ଥାଏ । ସ୍ତ୍ରୀ ଓ ବାଳକ ବାଳିକା ନେଇ ପନ୍ଦର ଜଣ ବଞ୍ଚିଛନ୍ତି ଗୋଟିଏ ପରିବାର । ସ୍ତ୍ରୀମାନଙ୍କର ଏପରି କୌଣସି ଗୁଣ ନାହିଁ ଯେ ଅର୍ଥୋପାର୍ଜନରେ ସାହାଯ୍ୟ କରିବେ । ଦୁର୍ଗାପଦ ସମସ୍ତ ଲଜ୍ଜା ଓ ଇଚ୍ଛା ତ୍ୟାଗ କରି ଚାକିରି ଅନୁସନ୍ଧାନରେ ବୁଲିବାକୁ ଲାଗିଲେ । ସବୁଠୁଁ ବଳି ତାକୁ ଅପମାନ ଲାଗିଲା ଏକଥା ଦେଖି ଯେ ଯେଉଁ କନ୍ୟା ପିତାମାନେ ବହୁ ପ୍ରସାଦ ଦାରୁ ବଞ୍ଚିଥିବା ସମୟରେ ବାରମ୍ବାର ବିବାହ ପ୍ରସ୍ତାବ ସହ ନାନା ପ୍ରଲୋଭନ ଦେଖାଉଥିଲେ, ସେମାନେ ଏ ଦୁର୍ଦ୍ଦିନରେ ଥରେ ବୁଝିଲେ ବି ନାହିଁ । ସମାଜ ଓ ଦେଶର ନେତାମାନଙ୍କ ଛଡ଼ା ତାର ଯେଉଁ ବନ୍ଧୁଗଣ ନାହାନ୍ତି କେହି, ତାହା [illegible]

ବଡ଼ କରି ଦେଖାଇବାକୁ ଯାଇ ତାହାରେ ଯେତେ ଦେଶ-ପ୍ରେମିକତା ଦେଖାଇ ବା ଭାରତୀୟମାନଙ୍କର ପ୍ରଶଂସା କରୁନା କାହିଁକି, ଶେଷରେ ଚାକିରି ଦେଲେ ଜଣେ ଇଂରେଜ ।

ସାମାନ୍ୟ ପଚିଶତିରିଶ ଟଙ୍କାର ଚାକିରି ହେଉ ପଛେ ଘରେ ସମସ୍ତେ ନିଃଶ୍ୱାସ ମାରିଲେ । ଦୁର୍ଗାପଦ କିନ୍ତୁ ଭାଙ୍ଗି ପଡ଼ିଲା । ମଇଦା ସହିତ ତେନ୍ତୁଳି ମଞ୍ଜିର ଗୁଣ୍ଡ, ଚିନି ସହିତ କାଚ ଗୁଣ୍ଡ, ତେଲ ସହିତ ପାଣି, ଘିଅ ସହିତ ଚର୍ବି ଓ ଅନ୍ୟାନ୍ୟ ନାନା ନୂତନ ଆବିଷ୍କାରରେ କୋଟି କୋଟି ଟଙ୍କା ଲାଭ କରି ମଧ୍ୟ ବ୍ୟବସାୟୀମାନଙ୍କର ପିପାସା ମେଣ୍ଟୁ ନ ଥାଏ । ଜିନିଷର ମୂଲ୍ୟ ସହିତ ଅନେକେ ଯେତେବେଳେ ଉର୍ଦ୍ଧ୍ୱଗାମୀ ହେଉଥାଆନ୍ତି, ସେତେବେଳେ ବ୍ୟବସାୟୀମାନେ ମନ୍ଦିର, ଧର୍ମଶାଳା ଓ ଦାନ ଆଦି ନାନା ଅନୁଷ୍ଠାନ ଦ୍ୱାରା ଧାର୍ମିକତାର ପ୍ରମାଣ ଦେଇ ଦେଶରେ ପୂଜ୍ୟ ହେଉଥାଆନ୍ତି । ଘରେ ଯାହା ସାମାନ୍ୟ କେତେଟଣ୍ଡ ଅଳଙ୍କାର ଓ ଜମି ଥିଲା, ତାହା ବିକ୍ରୟ ହୋଇଗଲା । ଦୁର୍ଗାପଦ ତଥାପି ଆଦର୍ଶଭ୍ରଷ୍ଟ ହୋଇ ନାହିଁ । କିନ୍ତୁ ଋଣଦାତାମାନେ ଯେତେବେଳେ ଦାଣ୍ଡରେ ଅପମାନ କରିବାକୁ ଛାଡ଼ିଲେ ନାହିଁ ସେତେବେଳେ ଦୁର୍ଗାପଦ ଟିକିଏ ଭାବି ବସିଲା । ଯେଉଁଠି ତାର ଚାକିରି ସେଠି ଘୁଷ୍ ନେବାର ଯଥେଷ୍ଟ ସୁବିଧା ଥିଲେ ମଧ୍ୟ ସେ ଦିନେ ହେଲେ ଲୋଭ କରି ନାହିଁ । କିନ୍ତୁ ଅବସ୍ଥା ଏପରି ହେଲା ଯେ, ମାତ୍ର ଦୁଇଅଣା ନେବାକୁ ସୁଦ୍ଧା ତା ର ବାଧିଲା ନାହିଁ । ମନ ତାର ଯୁକ୍ତି କଲା, 'ଆଦର୍ଶ ବୋକାମିର ନାମାନ୍ତର ମାତ୍ର । ତାର ମଧ୍ୟ ବଞ୍ଚିବାର ଅଧିକାର ଅଛି । ଏ ଯୁଗରେ ଯଦି ବଞ୍ଚିବାର ଉପାୟ ଏହାହିଁ ହୁଏ, ସେ କାହିଁକି ସେ ଉପାୟ ନ କରିବ ।'

କିନ୍ତୁ ପୁଣି ଦିନେ ସବୁ ଓଲଟ ପାଲଟ ହୋଇଗଲା ଯେତେବେଳେ ବିମଳାକାନ୍ତବାବୁ ତାଙ୍କର ସୁନ୍ଦରୀ କନ୍ୟାକୁ ଦୁର୍ଗାପଦର ଘରର ଗୋଟିଏ ପାଖରେ ଭଡ଼ା ନେଇ ରହିଲେ । ବାଣୀର ଉଚ୍ଚ କୁଚ, ବଙ୍କିମ ନିତମ୍ବ ଉପରେ ନଇଁଲ କେଶ ଗୁଚ୍ଛ, ଅପାଙ୍ଗ ଚାହାଣୀ, ଲାସ୍ୟମୟ ଗମନ

କୁ ଦୁବାର ଶବ୍ଦରେ ଆକର୍ଷଣ କରିବାକୁ ଲାଗିଲା । ତାର ସ୍ପର୍ଶ ପ୍ରକ୍ଷେପରେ ଦୁର୍ଗାପଦର ପ୍ରତ୍ୟେକ ଧମନୀରେ ରକ୍ତ ଉତ୍ତପ୍ତ ହୋଇ ଉଠିଲା । ସେ ଅନୁଭବ କଲା ଯେପରି ତାର ମସ୍ତିଷ୍କ ଉପରେ ଉଲ୍କାର ବୃଷ୍ଟି ହୋଇ ପାରୁଛି । ଯୌବନର ପ୍ରାରମ୍ଭରେ ହୃଦୟରେ ଏହିପରି ବେଦନା ସେ ଅନୁଭବ କରିଥିଲା । ତାର ସୁପ୍ତ କାମନା ଜାଗ୍ରତ ହେଲା ସ୍ପନ୍ଦନ ବୁଭୁକ୍ଷା ନେଇ । ଅଳ୍ପ ଯାହା କିଛି ବାକି ଥିଲା ବାଣୀର ମୁହଁରୁ ଡକ୍ଟର ଲଙ୍କର ପ୍ରଶଂସା ଶୁଣି ମୁହୂର୍ତ୍ତ ଏକଦମ୍ ଦୂରେଇଗଲା । ବାଣୀର କଣ୍ଠରୁ ଶୁଣା । ଦୁର୍ଗାପଦ କାହାରିକୁ ନ ପଚାରି ଗୃହକରୁ ଅଦୃଶ୍ୟ ହେଲା । ଭିତରର ସମସ୍ତ ପୁଣି ସମସ୍ୱରେ କ୍ରନ୍ଦନ କରି ଉଠିଲେ । ଦୁର୍ଗାପଦ ଘରର ବାହାରେ ବାଣୀର ମୁହଁରୁ ଗୃହିଣୀର ପ୍ରଶଂସା ପାଇଁ ବାଣୀର ପାତଳା ଅଧରରେ ଖେଳିଗଲା ମୋନାଲିସାର ରହସ୍ୟମୟୀ ହସ । ଦୁର୍ଗାପଦ ତାହାକୁ ଉପେକ୍ଷା ମନେ କଲା । ଯାହାର ପ୍ରତୀକ୍ଷାରେ ସେ ଯୌବନର ଦିନଗୁଡ଼ିକ କଟାଇ ଦେଇଛି, ସେ ଆଜି ଦୁଆରେ । ଦୁର୍ଗାପଦର ଜୀବନଧାରା ବଦଳି ଗଲା । ତାର ଲୁପ୍ତ ପ୍ରେରଣା ଓ ଆଦର୍ଶ ଫେରି ଆସିଲା । ସାମାନ୍ୟ ଟିକିଏ ଦକ୍ଷିଣା ପବନରେ ଆକାଶର ଭୟଙ୍କର କଳାମେଘ କ୍ଷଣକପରେ ଅନ୍ତର୍ହିତ ହୋଇ ଯାଇ ତାର ସବୁ ଶକ୍ତି ଉଦ୍‌ବେଳିତ ହେଲା । ଦୁର୍ଗାପଦ ପୁଣି ଲାଗିପଡ଼ିଲା ବ୍ୟାୟାମ ଓ ଲେଖା ପଢ଼ାରେ । ଅଳ୍ପଦିନ ଭିତରେ ତାହାର ଚେହେରାର ଅନେକ ପରିବର୍ତ୍ତନ ହୋଇଗଲା । ଦେହ ଓ ମନରେ ସେ ଅପୂର୍ବ ରୋମାଞ୍ଚ ଅନୁଭବ କଲା ।

ଓକାଲତି ଆରମ୍ଭ କଲା । କିନ୍ତୁ ବାଣୀ ତାର ସମ୍ପୂର୍ଣ୍ଣ ତାହା ନ ଜାଣିବା ପର୍ଯ୍ୟନ୍ତ ସେ ସେଥିରେ ମନ ଲଗାଇ ପାରିଲା ନାହିଁ । ଅପେକ୍ଷା କରିବାର ତାର ଧୈର୍ଯ୍ୟ ନାହିଁ । ବର୍ଷ ବର୍ଷ ଧରି ଗୁପ୍ତ ପ୍ରଣୟ କରିବାକୁ ତାର ସମୟ ନାହିଁ । ତାର ପ୍ରତିଦ୍ୱନ୍ଦୀ ଗଣନାଥ ଦେଖିବାକୁ ସୁନ୍ଦର । ନିଜ ସମ୍ପର୍କରେ ନାନା ଅଦ୍ଭୁତ କଥା ସୁନ୍ଦର ବିଶ୍ୱାସଯୋଗ୍ୟ ଭାବରେ କହି ସେ ବାଣୀକୁ ମନ ଜୟ କରିବାକୁ ଚେଷ୍ଟା କରୁଛି । ବାଣୀର ସାମାନ୍ୟ ଇଚ୍ଛା ସେ ସାଙ୍ଗେ ସାଙ୍ଗେ ପୂରଣ କରେ । ଦୁର୍ଗାପଦ ଭାବେ ଏ କାଳର ଶିକ୍ଷିତା ବାଣୀ

ଉଣ୍ଟସ୍ୱ ଘୃଣା କରୁଛ । ନିଜର ନାନା ଗୁଣ ଓ ପୌରୁଷ ଦେଖାଇ ଦୁର୍ଗାପଦ ବାଣୀକୁ ଅକୃଷ୍ଟ କରିବାର ଚେଷ୍ଟା କରେ । କିନ୍ତୁ ତାର ଅନ୍ତରର ଭୟ ଶ୍ରୀନିବାସ ପ୍ରତି । ଥରେ ଶ୍ରୀନିବାସର ଏହି ନିର୍ଲଜ୍ଜତା ପାଇଁ ଦୁର୍ଗାପଦ ତାକୁ ଅପମାନ କରି କହେ । ଶ୍ରୀନିବାସ ଗୋଟାଏ ଅବଜ୍ଞାରୁ ହସି ହସି କହେ "ଏଥିରେ ଲଜ୍ଜା କରିବାର କଅଣ ଅଛି । ବଗ ବା ମୟୂର ବଗୁଲି ବା ମୟୂରୀକୁ ଅକୃଷ୍ଟ କରିବାପାଇଁ ନାନାପ୍ରକାର ନୃତ୍ୟର ପ୍ରଦର୍ଶନୀ ଦେଖାଏ । ଏ ଦୃଷ୍ଟାନ୍ତ ପ୍ରାଣୀ ଜଗତରେ ବହୁଳ । ତୋ ମତରେ ଏ ମଧ୍ୟ ନିର୍ଲଜ୍ଜତା । କିନ୍ତୁ ଏହାହିଁ ପ୍ରକୃତିର ନିୟମ । ସମାଜର ଅସ୍ୱାଭାବିକ ନିୟମ ଓ ଆଦର୍ଶ ଯୋଗୁଁ କେତେକ ବ୍ୟର୍ଥ ଯୁବକ ସାହିତ୍ୟରେ ନାରୀ ପ୍ରତି ଔଦାସୀନ୍ୟ ବା ଅବଜ୍ଞାର ଭାବ ଦେଖାଇ ତାଙ୍କୁ ଅକୃଷ୍ଟ କରିବା ନ ଯେଉଁ ପନ୍ଥା ଦେଖାଇ ଅଛନ୍ତି, ତାହା ଅନ୍ୟ ବ୍ୟର୍ଥ ଯୁବକର ମନକୁ ଭଲ ଲାଗି ପାରେ, କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ଅଚଳ । ତା ଛଡ଼ା ସମାଜ ପକ୍ଷରେ ତାହା ଅସ୍ୱାସ୍ଥ୍ୟକର ମଧ୍ୟ ।" କେତେଥର ନଈ କୂଳରେ ବାଣୀ ସହିତ ଏକା ବସିଥିବା ସମୟରେ ଦୁର୍ଗାପଦ ଚାହିଁଛି ତାର ମନ ଖୋଲିଦେବାକୁ । କିନ୍ତୁ ସ୍ଥିର ହୋଇ ଚୁପ୍ ରହିବା ଛଡ଼ା ସେ ଆଉ କିଛି କରି ପାରି ନାହିଁ । ବ୍ୟର୍ଥତାର ଗୋଟାଏ ଅଯଥା ଗର୍ବ ଅଛି । ସେହି ଗର୍ବରେ ଦୁର୍ଗାପଦ ଇଚ୍ଛାକରେ ବାଣୀ ଆଗେ ଏ ଦୁର୍ବଳତା ପ୍ରକାଶ କରିବ—ଯେଉଁ ଅଗ୍ନି ତାକୁ ତିଳେ ତିଳେ ଦଗ୍ଧ କରୁଥିଲା, ତାହା ଅନୁଭବ କଲେ ମଧ୍ୟ ଦୁର୍ଗାପଦ ଏହାକୁ ଦୁର୍ବଳତା ବୋଲି ମନକୁ ଭୁଲାଇବାର ଚେଷ୍ଟା କରିଛି । ନିଜର ମନ ଖୋଲି ସବୁ କହିବାକୁ ଚେଷ୍ଟା କଲେ ମଧ୍ୟ ସେ କେବେହେଁ ତାହା କରି ପାରିନାହିଁ । ନିଜର ଏ ଅକ୍ଷମତା ଯେତେବେଳେ ତାର ଅସହ୍ୟ ବୋଧହୁଏ, ସେତେବେଳେ ତାର ଆଖିରୁ ପାଣି ଝରି ପଡ଼େ । ଦିନେ ସେ ସବୁ ଦୁର୍ବଳତା ଠେଲି ବାଣୀକୁ ତାର ମନକଥା କହିବାକୁ ତାର ଘରକୁ ଗଲା । ସେ ଦିନ ବାଣୀ ଘରେ ଏକା । ଘରକୁ ଯାଇ ସେ ଯାହା ଦେଖିଲା ସେଥିରେ ସେ ନିଶ୍ଚଳ ହୋଇ ଛିଡ଼ା ହୋଇ ରହିଲା । ବାଣୀ ଯାହାକୁ ଘୃଣାକରେ ବୋଲି ସେ ଭାବିଥିଲା ସେହି

ଜଗତ କରି ରହିଛି ବାଣୀକୁ—ବାଣୀ ତାର ଗଳାରେ
ରୁ ରଙ୍ଗ ଛଡ଼ା ହୋଇ ରହିଛି । ଦୁର୍ଗାପଦର ମୁଣ୍ଡ ବୁଲାଇ
ଗଲା । ସେ କୌଣସି ମତେ ନିଜକୁ ସମ୍ଭାଳି ...
ଫିଟାଇଦେବାର ଅଦମ୍ୟ ଇଚ୍ଛାକୁ ଚାପି ଧୀରେ ଧୀରେ ...
ସିଲା । ସମସ୍ତ ନାରୀ ଜାତି ପ୍ରତି ଘୃଣାରେ ତାର ...
ଉଠିଲା । କୌଣସି ନାରୀର ମସୃଣ ସୁନ୍ଦର ଦେହ ଚାପି ମାରିଦେବାର
ଲ୍ପନାରେ ସେ ଗୋଟାଏ ଆନନ୍ଦ ଅନୁଭବ କଲା । ସେଇଥି ...
ଥା କାରଣରେ ସେ ତାର ସାନ ଭଉଣୀକୁ ଘୃଣା କଲା । ...
ସ୍ପର୍ଶ ହୋଇ ଅନାଇ ରହିଲେ । ଦୁର୍ଗାପଦ ଶାରଦାରେ ବସି ...
ନାରୀ ସ୍ୱାଧୀନତା ଉଚ୍ଛୃଙ୍ଖଳତାର ନାମାନ୍ତର । ଆଜିକାଲି ତାହାର
ଯମ ନାହିଁ । ଏହି ଅସଂଯତକୁ ପ୍ରଶ୍ରୟ ଦେବା ପାଇଁ ଗୋଟାଏ ମତ
ଠିଚ ନାରୀକୁ ସ୍ୱାଧୀନତା ଦେବା । ମୁଁ ଯଦି କ୍ଷମତା ପାଆନ୍ତି .....
ଗତ ନାରୀ । ବାହାରର କ୍ଷଣିକ ସୌନ୍ଦର୍ଯ୍ୟ ତଳେ ପୂଜ, କ୍ଷତି, ...
ଡ଼, ମିଥ୍ୟା, ଛଳନା, ବ୍ୟଭିଚାର, ନରକ । ଭୂତ ଶଙ୍କରଙ୍କର
ଥାଇଁ ଠିକ୍ ।"

ପରଦିନ ତାର ଭୀଷଣ କମ୍ପ ସହ ଜ୍ୱର ଆସିଲା । ଏ ଜ୍ୱର ଛାଡ଼ିବାକୁ
ଗିଲା ତାର ତିନି ମାସ । ଚିକିତ୍ସା ଫଳରୁ ମରୁ ମରୁ ଦୁର୍ଗାପଦ ବଞ୍ଚି
ଉଠିଲା କିନ୍ତୁ ନିଃଶ୍ୱାସ ମାରିବାକୁ ତାର ବେଳ ନାହିଁ । ଏତେ ଦିନ
ଉତ୍ତେଜନାରେ ଘରର ଦାରିଦ୍ର୍ୟ କଥା ତାର ଖିଆଲ ନ ଥିଲା ।
ସାମାନ୍ୟ ଟିକିଏ ସୁସ୍ଥ ହୋଇ ସେ ଗୃହର ଦୈନ୍ୟରେ ବାନ୍ଧାରିଲା ।
ଅନ୍ନ କଷ୍ଟରେ ହେଲେ ମଧ୍ୟ ଅଳ୍ପଦିନ ଭିତରେ ସେ ଖଣ୍ଡେ ଚାକିରି
ପାଇଲା । ବିବାହର ଉପଯୁକ୍ତ ବୟସ ତାର ଅତିକ୍ରମ କରି ଯାଇଛି ।
ଘରର ସମସ୍ତେ ପୁଣି ଥରେ ସମସ୍ୱରେ କ୍ରନ୍ଦନ କରି ଉଠିଲେ । ପ୍ରଥମ
ଯୌବନ ବ୍ୟର୍ଥତାରେ କଟିଗଲା । ପରେ ବିବାହ ଗୋଟାଏ ଦୁଃସାହସିକ
କାର୍ଯ୍ୟ ମନେ ହୁଏ । କିନ୍ତୁ ସମ ବୟସ୍କ ...ଙ୍କ ଚାପରେ ସେ ଏଡ଼େଇ ପାରିଲା
ନାହିଁ । ସେ ଭାବିଲା "ପୂଜା ଅ ନିଷ୍ପତ୍ତି ... କାର୍ଯ୍ୟ । ତା ସହିତ ଅନ୍ୟ
କରଣ ... ହେବ ? ... ଓ ଧର୍ମାଦିର ମଙ୍ଗଳ ପାଇଁ ମୁଁ ଅବଶ୍ୟ

ତାଙ୍କୁ ଘୃଣା କରୁଥି । ନିଜର ନାନା ଗୁଣ ଓ ପୌରୁଷ ଦେଖାଇ ଦୁର୍ଗାପଦ ବାଣୀକୁ ଆକୃଷ୍ଟ କରିବାର ଚେଷ୍ଟା କରେ । କିନ୍ତୁ ତାର ଅନ୍ତରର ଭକ୍ତି ଶ୍ରୀନିବାସ ପ୍ରତି । ଥରେ ଶ୍ରୀନିବାସର ଏହି ନିର୍ଲ୍ଲଜତା ପାଇଁ ଦୁର୍ଗାପଦ ତାକୁ ଅପମାନ କରି କୁହେ । ଶ୍ରୀନିବାସ ଗୋଟାଏ ଅବଜ୍ଞାର ହସି ହସି କହେ "ଏଥିରେ ଲଜ୍ଜା କରିବାର କଅଣ ଅଛି । ବଗ ବା ମୟୂର ବଗୁଲି ବା ମୟୂରୀକୁ ଆକୃଷ୍ଟ କରିବାପାଇଁ ନାନାପ୍ରକାର ନୃତ୍ୟର ପ୍ରଦର୍ଶନୀ ଦେଖାଏ । ଏ ଦୃଷ୍ଟାନ୍ତ ପ୍ରାଣୀ ଜଗତରେ ବହୁଳ । ତୋ ମତରେ ଏ ମଧ୍ୟ ନିର୍ଲ୍ଲଜତା । କିନ୍ତୁ ଏହାହିଁ ପ୍ରକୃତିର ନିୟମ । ସମାଜର ଅପ୍ରାକୃତିକ ନିୟମ ଓ ଆଦର୍ଶ ଯୋଗୁଁ କେତେକ ବ୍ୟର୍ଥ ଯୁବକ ସାହିତ୍ୟରେ ନାରୀ ପ୍ରତି ଔଦାସୀନ୍ୟ ବା ଅବଜ୍ଞାର ଭାବ ଦେଖାଇ ନାରୀକୁ ଆକୃଷ୍ଟ କରିବାର ଯେଉଁ ପନ୍ଥା ଦେଖାଇ ଅଛନ୍ତି, ତାହା ଅନ୍ୟ ବ୍ୟର୍ଥ ଯୁବକର ମନକୁ ଭଲ ଲାଗି ପାରେ, କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ଅଚଳ । ତା ଛଡ଼ା ସମାଜ ପକ୍ଷରେ ତାହା ଅସ୍ୱାସ୍ଥ୍ୟକର ମଧ୍ୟ ।" କେତେଥର ନଈ କୂଳରେ ବାଣୀ ସହିତ ଏକା ବସିଥିବା ସମୟରେ ଦୁର୍ଗାପଦ ଚାହିଁଛି ତାର ମନ ଖୋଲିଦେବାକୁ । କିନ୍ତୁ ସ୍ଥିର ହୋଇ ଗୃହିଁ ରହିବା ଛଡ଼ା ସେ ଆଉ କିଛି କରି ପାରେ ନାହିଁ । ବ୍ୟର୍ଥତାର ଗୋଟାଏ ଅଯଥା ଗର୍ବ ଅଛି । ସେହି ଗର୍ବରେ ଦୁର୍ଗାପଦ ଇଚ୍ଛାକରେ ବାଣୀ ଆଗେ ଏ ଦୁର୍ବଳତା ପ୍ରକାଶ କରିବ—ଯେଉଁ ଅଗ୍ନି ତାକୁ ତିଳେ ତିଳେ ଦଗ୍ଧ କରୁଥିଲା, ତାହା ଅନୁଭବ କଲେ ମଧ୍ୟ ଦୁର୍ଗାପଦ ଏହାକୁ ଦୁର୍ବଳତା ବୋଲି ମନକୁ ବୁଝାଇବାର ଚେଷ୍ଟା କରିଛି । ନିଜର ମନ ଖୋଲି ସବୁ କହିବାକୁ ଚେଷ୍ଟା କଲେ ମଧ୍ୟ ସେ କେବେହେଁ ତାହା କରି ପାରିନାହିଁ । ନିଜର ଏ ଅକ୍ଷମତା ଯେତେବେଳେ ତାର ଅସହ୍ୟ ବୋଧହୁଏ, ସେତେବେଳେ ତାର ଆଖିରୁ ପାଣି ଝରି ପଡ଼େ । ଦିନେ ସେ ସବୁ ଦୁର୍ବଳତା ଠେଲି ବାଣୀକୁ ତାର ମନକଥା କହିବାକୁ ତାର ଘରକୁ ଗଲା । ସେ ଦିନ ବାଣୀ ଘରେ ଏକା । ଘରକୁ ଯାଇ ସେ ଯାହା ଦେଖିଲା ସେଥିରେ ସେ ବିହ୍ୱଳ ହୋଇ ଛିଡ଼ା ହୋଇ ରହିଲା । ବାଣୀ ଯାହାକୁ ଘୃଣା କରେ ବୋଲି ସେ ଭାବିଥିଲା ସେହି

ଇଗଣ କରି ରହିଛି ରାଣୀକୁ—ରାଣୀ ତାର ...
ଙ୍କୁ ଭଳି ଛଡ଼ା ହୋଇ ରହିଛି । ଦୁର୍ଗାପଦର ମୁଣ୍ଡ ବୁଲାଇ
ଦେଇଗଲା । ସେ କୌଣସି ମତେ ନିଜକୁ ସମ୍ଭାଳି ...
ଣ୍ଡ ଫିଙ୍ଗାଇଦେବାର ଅଦମ୍ୟ ଇଚ୍ଛାକୁ ଚାପି ଧୀରେ ଧୀରେ ...
ସିଲା । ସମସ୍ତ ନାରୀ ଜାତି ପ୍ରତି ଘୃଣାରେ ତାର ...
ର ଉଠିଲା । କୌଣସି ନାରୀର ମସୃଣ ସୁନ୍ଦର ଦେହ ଚାପି ମାରିଦେବା
ଳ୍ପନାରେ ସେ ଗୋଟାଏ ଆନନ୍ଦ ଅନୁଭବ କଲା । ସବୁ ...
ଥା କାରଣରେ ସେ ତାର ସାନ ଭଉଣୀକୁ ପ୍ରହାର କଲା । ...
ସ୍ପର୍ଶ ହୋଇ ଅନାଇ ରହିଲେ । ଦୁର୍ଗାପଦ ଶାରଦାରେ ବସି ...
ନାରୀ ସ୍ୱାଧୀନତା ଉଚ୍ଛୃଙ୍ଖଳତାର ନାମାନ୍ତର । ...
ଯମ ନାହିଁ । ଏହି ଅହଂକାରକୁ ପ୍ରଶ୍ରୟ ଦେବା ପାଇଁ ଗୋଟାଏ ମନ
ଠିତ ନାରୀକୁ ସ୍ୱାଧୀନତା ଦେବା । ମୁଁ ଯଦି କ୍ଷମତା ପାଆନ୍ତି ....।
ଳିତ ନାରୀ । ବାହାରର କ୍ଷଣିକ ସୌନ୍ଦର୍ଯ୍ୟ ତଳେ ପୂଜ, ରକ୍ତ, ...
ାଡ଼, ମିଥ୍ୟା, ଛଳନା, ବ୍ୟଭିଚାର, ନରକ । ବୁଦ୍ଧ ଶଙ୍କରଙ୍କର
ହାହିଁ ଠିକ୍ ।"

ପରଦିନ ତାର ଝାଡ଼ା କମ୍ପ ସହ ଜ୍ୱର ଆସିଲା । ଏ ଜ୍ୱର ଛାଡ଼ିବାକୁ
ଗିଲା ତାର ତିନି ମାସ । ଚିକିତ୍ସା ବିନା ମରୁ ମରୁ ଦୁର୍ଗାପଦ ବଞ୍ଚି
ଉଠିଲା କିନ୍ତୁ ନିଃଶ୍ୱାସ ମାରିବାକୁ ତାର ବେଳ ନାହିଁ । ଏତେ ଦିନ
ଉତ୍ତେଜନାରେ ଘରର ଦାରିଦ୍ର୍ୟ କଥା ତାର ମନରେ ନ ଥିଲା ।
ସାମାନ୍ୟ ଟିକିଏ ସୁସ୍ଥ ହୋଇ ସେ ଚାକିରି ଉଦ୍ଦେଶ୍ୟରେ ବାହାରିଲା ।
ବହୁ କଷ୍ଟରେ ହେଲେ ମଧ୍ୟ ଅଳ୍ପଦିନ ଭିତରେ ସେ ଖଣ୍ଡେ ଚାକିରି
ପାଇଲା । ବିବାହର ଉପଯୁକ୍ତ ବୟସ ତାର ଅତିକ୍ରମ କରି ଯାଉଛି ।
ଘରର ସମସ୍ତେ ପୁଣି ଥରେ ସମସ୍ବରେ କନ୍ଦନ କରି ଉଠିଲେ । ପ୍ରଥମ
ଯୌବନ ବ୍ୟର୍ଥତାରେ କଟିଗଲା । ପରେ ବିବାହ ଗୋଟାଏ ଦୁଃସାହସିକ
କାର୍ଯ୍ୟ ମନେ ହୁଏ । କିନ୍ତୁ ସମସ୍ତଙ୍କ ଜିଦ୍ ଆଗରେ ସେ ଏଡ଼ି ପାରିଲା
ନାହିଁ । ସେ ଭାବିଲା "ପୃଥିବୀ ଠିକ୍ ... ଚାଲିଛି । ତା ସହିତ ଅ...
... କଅଣ ହେବ ? ... ସମାଜର ମଙ୍ଗଳ ପାଇଁ ମୁଁ ...

ବିବାହ କରିବ ।" ଯେଉଁ ସାମାଜିକ ଅଟ୍ଟାଳିକା ବିବାହ ଉପରେ ପ୍ରତିଷ୍ଠିତ ତାର ଭିତ୍ତି ମନର ସ୍ୱାସ୍ଥ୍ୟକର ଆନନ୍ଦରେ । ଦୁର୍ଗାପଦ ମନର ସେ ସ୍ୱାସ୍ଥ୍ୟ ହରାଇଛି । ସମାଜରେ ଯେତେବେଳେ ଯୌତୁକ ପ୍ରଥା ଘୃଣ୍ୟ ଆକାର ଧାରଣ କରିଥାଏ, ଦୁର୍ଗାପଦ ବିବାହ କଲା ଗୋଟିଏ ଅତି ଦରିଦ୍ର ପରିବାରର ସୁନ୍ଦରୀ କନ୍ୟାକୁ ବିନା ଯୌତୁକରେ । ଘରର ସମସ୍ତେ ଅଗତ୍ୟା ଏ ପ୍ରସ୍ତାବକୁ ସମର୍ଥନ କଲେ । ଏ ବିବାହ ଯୋଗୁଁ ସେ ସମାଜରେ ପାଇଲା ସମ୍ମାନ ।

ପ୍ରତିମା ସୁନ୍ଦରୀ ହେଲେହେଁ ଏତେ ବୟସ ପର୍ଯ୍ୟନ୍ତ ତାର ବିବାହ ହୋଇ ନଥିଲା । ପିତାର ଦାରିଦ୍ର୍ୟ ଯୋଗୁଁ । ଏଥି ସକାଶେ ପିତାଙ୍କଠାରୁ ବହୁ ଗଞ୍ଜନା ସେ ପାଇଛି । ପିତା ପ୍ରକାରାନ୍ତରେ ତାକୁ ଆତ୍ମହତ୍ୟା କରିବାକୁ ମଧ୍ୟ କହି ଅଛନ୍ତି । ନିଜର ବ୍ୟର୍ଥ ଜୀବନ ବିସର୍ଜନ ଦେବା ପାଇଁ ମନସ୍ଥ କଲାବେଳେ ସେ ପାଇଲା ଦୁର୍ଗାପଦ ଭଳି ସ୍ୱାମୀ—ଯାହାର ବାହାରେ ବେଶୀ ସୁନାମ । ବାସର ରାତିରେ ପ୍ରତିମା ତାର ବଡ଼ ବଡ଼ ସୁନ୍ଦର ଆଖି ଦର୍ପଣରେ କୃତଜ୍ଞତା ଭରି ଦୁର୍ଗାପଦକୁ ଚାହିଁ ରହିଲା । ଦୁର୍ଗାପଦ ଆଖିରେ ଫୁଟି ଉଠିଲା ଦୟା କରିବାର ଗର୍ବ ।

ବାର୍ଦ୍ଧକ୍ୟ ବିନା ଆୟୁସରେ କିଛି ପାଇଲେ ସୌଭାଗ୍ୟ ମନେ କରେ । ଯେତେକ୍ଷୁଦ୍ର ହେଉ ନା କାହିଁକି ଯୌବନ ପ୍ରତ୍ୟେକ ଜିନିଷକୁ ଜୟ କରି ଲାଭ କରିବାରେ ଆନନ୍ଦ ପାଏ । ଏହି ଜୟରେ ଲାଭଠୁଁ ଗର୍ବ ଅଂଶ ବେଶୀ । ପ୍ରତିମାକୁ ଦୁର୍ଗାପଦ ପାଇଛି—ଜୟ କରିନାହିଁ । ତାହାର ଏ ଆଦର୍ଶ ବିବାହ ସମାଜରେ ସମ୍ମାନ ଆଣି ଦେଇଛି—ଜୀବନରେ ପୁଲକ ଆଣି ଦେଇ ନାହିଁ । ଏହିଠାରେ ଦୁର୍ଗାପଦର ବ୍ୟର୍ଥତା । ଏହି ବ୍ୟର୍ଥତା ଉପରେହିଁ ଭବିଷ୍ୟତ୍ ଜୀବନର ମୂଳ ଦୁଆ ପକାଇବାକୁ ହେବ । ବିବାହ ଅନେକ ବର୍ଷ ହେବ ହୋଇଗଲେ ମଧ୍ୟ ଦୁହେଁ ଦୁହିଁଙ୍କଠାରୁ ଅଛନ୍ତି ବହୁ ଦୂରରେ । ସମସ୍ତଙ୍କର ସେବା ଶୁଶ୍ରୂଷା ସାରି ପ୍ରତିମା ଯେତେବେଳେ ସମସ୍ତଙ୍କର ଧନ୍ୟବାଦ ଓ ଆଶୀର୍ବାଦ ନେଇ ଶୋଇବାକୁ ଆସେ, ସେତେବେଳେ ସେ ସ୍ୱାମୀର ସେବା ସାରି ଦେଖେ ଓ ମନର କ୍ଲାନ୍ତିରେ

ସେ ଇଞ୍ଜିନିୟର । ଏକାକୀତା ଦୁର୍ଗାପଦଙ୍କୁ ଅଭିଭୂତ କରିପାରିନାହିଁ । ସେ ଜାଣନ୍ତି ବା କିଏ ? ଦୁର୍ଗାପଦ ଆପଣାର ଚେଷ୍ଟାରେ ମନ ଭିତରେ ପ୍ରେମର ଫୁଲଟି ଜାତ କରିଥିବାରୁ । ସେ ଭାବନ୍ତି "ପ୍ରତିମା ଅପୂର୍ବ ସୁନ୍ଦରୀ । ମନଟି ମଧ୍ୟ ତାର ସରଳ । ମୋର ଓ ଅନ୍ୟର ତୃପ୍ତିପାଇଁ ସେ ସର୍ବଦା ବ୍ୟସ୍ତ । ମୋର ଭାଗ୍ୟ ମୁଁ ପ୍ରତିମାକୁ ସ୍ତ୍ରୀ ରୂପେ ପାଇଛି ।" ପ୍ରତିମା ମଧ୍ୟ ଭାବେ, "ମୋର ଭାଗ୍ୟ ମୁଁ ଏଭଳି ସ୍ୱାମୀ ପାଇଛି । କେତେ ଭଲ ଓ ଦୟାଳୁ । ଏ ବିବାହ ହୋଇ ନ ଥିଲେ ମୁଁ ଆତ୍ମହତ୍ୟା କରିଥାନ୍ତି କିମ୍ବା କେଉଁ ଅପଦାର୍ଥର ହାତ ଧରି ଥାଆନ୍ତି ।" ଦୁହେଁ ଆପଣ ଚେଷ୍ଟାରେ ହୃଦୟରେ ସେହି ଫୁଲ ଜାତ କରାଇବାକୁ ଯାହାର ପ୍ରଭାବରେ ସମସ୍ତ ଦୁଃଖ କଷ୍ଟ ତୁଚ୍ଛ ମନେ ହୁଏ । କିନ୍ତୁ ଦୁହିଁଙ୍କର ସେ ଉତ୍ସ ବନ୍ଦ ହୋଇ ଯାଇଛି । ହୃଦୟରେ ଗୋଟାଏ ଯନ୍ତ୍ରଣା ପାଇବା ଛଡ଼ା ଅଉ କିଛି ଲାଭ ହୁଏ ନାହିଁ । ମନର ଏହି ଅସହ୍ୟ ଅଚଳ ଅବସ୍ଥା ପାଇଁ ଦୁର୍ଗାପଦ ମଝିରେ ମଝିରେ ନିଜ ଉପରେ ଖିଅ ରାଗି ଭାବେ ଏହି ସାମାନ୍ୟ ପ୍ରେମର ଫୁଲ ଟିକକ ମୁଁ ଆଣି ପାରୁନାହିଁ । । କେବେ ମୋର ପ୍ରତିମା ପ୍ରତି ନିର୍ମଳ ପ୍ରେମ ଆସିବ । ଏହି ଛତିଶ ବର୍ଷ ବୟସରେ ଏହି ବାର୍ଦ୍ଧକ୍ୟର ଧ୍ୱନି । ନାଃ—ପିଲାପିଲି ହେଲେ ସବୁ ପାଇବ ।" ପ୍ରତିମା ମଧ୍ୟ ଭାବେ "ଏଇ ତ ଜୀବନ । ଏହାତ ସମସ୍ତଙ୍କ ଭାଗ୍ୟରେ ହୁଏ । ଆଉ କିଛି କ ଚିନ୍ତା ଦୁଃଖ କଷ୍ଟ ତ ନାହିଁ । ପିଲାଛୁଆ ହେଲେ ସବୁ ପାଇବ ।" ମନ ଭିତରେ ଯାହା ଥାଉ ବାହାରେ ଏମାନେ ଆଦର୍ଶ ଦମ୍ପତି । ଦୁହିଁଙ୍କ ଭିତରେ ସାମାନ୍ୟ ମନାନ୍ତର କେହି କେବେହେଁ ଦେଖି ନାହାନ୍ତି । ଏ ସୁଖ୍ୟାତି ତଳେ ଅଛି ଅଭିନୟ ଏବଂ ଏହି ଅଭିନୟ ତଳେ ଅଛି ପୁଣି ନିଜ ସହିତ ଅବିରତ ଯୁଦ୍ଧ ।

ଦୁର୍ଗାପଦର ଜନ୍ମଠାରୁ ଆଜି ପର୍ଯ୍ୟନ୍ତ ଦୁଇଟି ମହାଯୁଦ୍ଧ ଶେଷ ହୋଇ ତୃତୀୟଟିର ସୂତ୍ରପାତ ହୋଇ ସାରିଛି । ବିଭିନ୍ନ ଦେଶର ଓ ନେତାଙ୍କର ଶାନ୍ତି ଚେଷ୍ଟା ପୁଣି ଯୁଦ୍ଧର ନୂଆ କାରଣ ରୂପେ ଦେଖା ଦେଉଛି । କିନ୍ତୁ ବ୍ୟକ୍ତିର ଜୀବନରେ ଏହି ମହାଯୁଦ୍ଧ, ବାହ୍ୟ ସଫଳତା ସତ୍ତ୍ୱେ ବ୍ୟକ୍ତିର

ଏହି ବାକ୍ୟ ବହୁତ, ସୁଅଧ୍ୟ ସନ୍ତାନଙ୍କର କାରଣ କୁହଁ ହୋଇ ଉଠେ କହୁ ପାଇବେ ! ! ! ଦୁର୍ଗାପଦ ବର୍ତ୍ତମାନ ଛଅଟି ପିଲାର ପିତା । ଉଷମାଈ ଏଥିରେ ଅଂଶ ଚାହିଁ କମ୍ପା ଦୁର୍ଗାପଦର ସ୍ତ୍ରୀର ସ୍ୱାସ୍ଥ୍ୟ ପଡ଼ ଭାଙ୍ଗିଲାଣି । ଦୁହେଁ ହି ମନରେ ମନରେ ଅସ୍ୱସ୍ତିର ଇଚ୍ଛା ଦମନ କରି ଶୁହୁଁ- ଥିଲେ ସନ୍ତାନ । ଦୁହିଁଙ୍କର ସୁଖର କଳ୍ପନା ସନ୍ତାନଙ୍କୁ କେନ୍ଦ୍ର କରି । ପ୍ରେମା ସବୁବେଳେ ବ୍ୟସ୍ତ ଥାଏ ସନ୍ତାନ ଓ ସ୍ୱାମୀର ସେବାରେ । ଦୁର୍ଗାପଦର ଲକ୍ଷ୍ୟ ଅର୍ଥ ସମ୍ମାନ ଓ ପ୍ରତିପତ୍ତି । ବହୁ ପରିଶ୍ରମ କରି ଅଳ୍ପକାଳ ମଧ୍ୟରେ ତାର ଚାକିରିର ଅନେକ ଉନ୍ନତି ହୋଇଛି । ଅଧିକ ଉନ୍ନତି ତାର ଉଦ୍ଦେଶ୍ୟ । ଦେଶର ଅବସ୍ଥା ସୁଧାରିବ ପାଇଁ ସେ ନାନା ଉପାୟର ପ୍ରସ୍ତାବ ଦେଇ ଚାକିରିରେ ଉନ୍ନତି ଓ ପ୍ରଶଂସା ପାଇଛି । ଦେଶର ଅବସ୍ଥା ସୁଧୁରିବା ବା ସମାଜରେ ଉନ୍ନତି ଆଣିବା ତାର ଲକ୍ଷ ନୁହେଁ । ତେଣୁ ତାର କର୍ମତତ୍ପରତାରେ ମହାନତା ନାହିଁ । ସେ ଯାହା କରି, ସୁଲେଖକ, ସଂସ୍କାରକ, ଦେଶହିତୈଷୀ ବୋଲି ସେ ସମ୍ମାନ ସହିତ ଅର୍ଥ ଓ ପ୍ରତିପତ୍ତି ମଧ୍ୟ ପାଇଛି । କିନ୍ତୁ ଏହା ମାଦକ ଦ୍ରବ୍ୟଭଳି ସେ ଅଧିକରୁ ଅଧିକ ପାନ କରିବାକୁ ଚାହେଁ । ତାର ତୃପ୍ତି ନାହିଁ, ପ୍ରେମା ମଧ୍ୟ ସ୍ୱାମୀର ଘରେ ପାଇଛି ସମ୍ମାନ ତାର ସରଳତା ଓ ନିସ୍ୱାର୍ଥପରତା ପାଇଁ, ସେ ଯଥା ଅଧିକ ଅଂଶରେ ନିଜର ସୁଖ, ଶାନ୍ତି, ସ୍ୱାସ୍ଥ୍ୟ ବିସର୍ଜନ ଦେଇ [illegible] ସମସ୍ତଙ୍କୁ ତୁଷ୍ଟି କରିପାରେ । ଏଥିପାଇଁ ଦୁହିଁଙ୍କର ମନ କେବେ କେବେ କଥାକଟାକଟି କରି ଉଠେ ସେହି ସୁଖ ପାଇଁ ଯାହାକି ସେ ଆଉ ପାଇବେ ନାହିଁ ।

# ଭରସା

ସରସ୍ୱତୀ କାନୁନଗୋ

ମାଘ ମାସର କୁହୁଡ଼ିଆ ରାତି—ମୁଣ୍ଡଉପରେ କମ୍ବଳର ପାଉଁଶିଆ ହାସ । ସୁନା ବାହାରକୁ ଅଖି ଚାହିଁଲା, ଅହୁରି ରାତି ଅଛି । କୁକୁଡ଼ା ଡାକ ଶୁଣିବାକୁ ଅହୁରି ଡେରି ବାକି···ଲୁଗା କାନିଟି ଘୋଡ଼େଇ ହୋଇ ଘର ଭିତରକୁ ପଶିଲା । ଲ୍ୟାମ୍ପଟା ଥରି ଥରି ଉଠୁଛି । ସୁବ ର ଗଳ ନାଳ ଉଠୁଛି ଜୋରରେ । ଚାରି ରାତି ଅନିଦ୍ରା ଫଳରେ ଆଖି ଦୁଇଟା ଭିତରକୁ ପଶି ଯାଇଥିଲା । ସେ ଆଖିରେ ଲୁହ ନ ଥିଲା—ଥିଲା କଠୋର ଭାବରେ ଜୀବନକୁ ଉପଲବ୍ଧି କରି ନେବାର ଦୃଢ଼ ପ୍ରତିଜ୍ଞା ଆଉ ତାରି ଭିତରୁ ବିଦ୍ରୂପର ଆଭାସ ଫୁଟି ଉଠୁଥିଲା । ଧୀରେ ଧୀରେ ଯାଇ ସୁବୋଧର ମୁଣ୍ଡ ପାଖେ ଭଙ୍ଗା ଚେୟାର ଉପରେ ବସିଲା । ଏଇ ତାର ସ୍ୱାମୀ—ଇହଜନ୍ମ ପରଜନ୍ମର ଗତି ମୁକ୍ତି । ଚେପା ହାଡ଼ୁଆ ମୁହଁ, କଳା କଳା ଓଠ ଦୁଇଟି ଥରି ଉଠୁଛି ବେଳେ ବେଳେ । ଛାତି ଭିତରେ କଫ ଘଡ଼ ଘଡ଼ ଶୁଭୁଛି—ନିମୋନିଆ ରୋଗୀ—ସୁନା ଛିଣ୍ଡା କନ୍ଥାଟି ଭିତରେ ସ୍ୱାମୀଙ୍କ ଛାତି ଉପରେ ହାତ ରଖିଲା—ଘଡ଼ ଘଡ଼ ଶବ୍ଦ ଅହୁରି ଜୋରରେ ଶୁଭିଲା ତାକୁ । ଔଷଧ ଦେବାବେଳ ହୋଇଗଲାଣି—ସୁବୋଧ ଆଖି ଖୋଲିଲା—"ତମେ ଶୋଇନ ସୁନା ?" ସୁନା ଔଷଧ ଅଜାଡ଼ିଲା ଛୋଟ ଗ୍ଲାସଟିରେ ।

"ଔଷଧ, ଆଁ କର ।"

ସୁବୋଧ କଡ଼ ଲେଉଟାଇଲା । ରୋଗୀଣା ମୁହଁରେ ଘୃଣାର ଗାଢ଼ ରେଖା ଅଙ୍କି ହୋଇ ଯାଇଥିଲା ଅହୁରି ଜୋର୍‌ରେ—ସୁନା ଲକ୍ଷ୍ୟକଲା ।

"କିଅ ଔଷଧ ଖିଆପଡ଼ୋଇ ଯାଉଛ ଆଁ କର ।" ସୁବୋଧ ପୁଣି କ
ଲେଉଟି ଗୃହିଲ, ସୁନାର ହାତ୍ତ୍ରଅ ହାତରେ ଷ୍ଟେଟ ଗ୍ଲାସଟି—ଧୀରେ
ଧୀରେ ସୁନା ଢାଳିଦେଲା ସୁବୋଧ ପାଟିରେ—

ସୁବୋଧ ଉଠିବାକୁ ଚେଷ୍ଟା କଲା ।

"ଉଠନା, ଦୁର୍ବଳ ଦେହ ।"

"ନାଁ ସୁନା, ତମେ ଅଉ ତମର ଶୃଙ୍ଖଳା ଓଠର ହୁକୁମରେ ମ
ମାଙ୍କଡ଼ ନାଚ ନଚେଇ ପାରିବନି । କେତେଟା କଥା ମୋର ପଚାରିବା
ଅଛି ତମକୁ ।"

"ଦେହ ଭଲ ହେଉ ପଚାରିବ"—ସୁନାର କଣ୍ଠ ଉଦ୍ଭାସ ହୋଇ
ଯାଉଥିଲା ।

"କହିଛି ଥରେ ତମର ହୁକୁମର ଗୁଲାମ ମୁଁ ନୁହେଁ । ସୁନ
ନୀରବରେ ଗୃହିଁ ରହିଲା କେବଳ ।

ସୁବୋଧ ପଚାରିଲା—

"ତମେ ବଡଲୋକର ଝିଅ; ନୁହେଁ ?"

"ହଁ"

"ଉଚ୍ଚ ଶିକ୍ଷିତା ମଧ୍ୟ ?"

"ହଁ"

"ହଁ, କାହିଁକି ତେବେ ତମର ବାପା ମୋ ପରି ଜଣେ ମଦ୍ୟପ
ବେଶ୍ୟାସକ୍ତ ଲୋକର ହାତରେ ସାଙ୍ଗରେ ତମକୁ ଛାଡ଼ିଲେ ?"

ସୁନାର ଓଠ ଥରି ଉଠିଲା—"ଆଗରୁ—ବହୁତ ଆଗରୁ ତମ
ଏ ପ୍ରଶ୍ନ ପଚାରିବା ଉଚିତ୍ ଥିଲା ।"

ଦ ଅକ୍ଷର ପଢ଼ିଛି ବୋଲି ଢେର ଗୁଲାମିରେ ଉତ୍ତର ଦେଇ ଶିଖି
ଦେଖୁଛି । କିନ୍ତୁ ତମର କଣ ଉତ୍ତର ଦେବାଟା ଉଚିତ ହୋଇ ନ ଥା
ଆଗରୁ ?"

"ଦରକାର ନ ଥିଲା ।"

"ଦରକାର ନ ଥିଲା ? ମୋର କିନ୍ତୁ ଦରକାର ଅଛି । ତମ ଦୁର୍ନ
ମୋତେ ଏତେଦୂର ବ୍ରତ କରୁଛ ଯେ ଖୋଲାଖୋଲି ଭାବରେ ତମ

ହଁରୁ ନ ଶୁଣିବା ଯାଏ ମୁଁ ଶାନ୍ତିରେ ମରି ପାରୁନି—କୁହ । ବିବାହ
ର୍ବରୁ ତାଙ୍କୁ ଭଲ ପାଉଥିଲ ?”

“ହଁ”—ସୁନାର କଣ୍ଠ ଗମ୍ଭୀର ହୋଇ ଉଠିଲା ।

“ହଁ ?” ଗର୍ଜିଉଠିଲା ସୁବୋଧ—

“ପୁରା ବର୍ଷେକାଳ ତୁମେ ମତେ ଠକୁଛ ତାହେଲେ ?”

“ଠକୁଛି ? ଠକାମି ମତେ ଆସେ ନାହିଁ । ପ୍ରତି ମୁହୂର୍ତ୍ତରେ ତୁମ
ତି ମୋର କର୍ତ୍ତବ୍ୟ କରିବାକୁ ଚେଷ୍ଟା କରୁଛି । କେତେଦୂର ସଫଳ
ହୋଇଛି କହି ପାରିବିନି କିନ୍ତୁ ଚେଷ୍ଟା କରୁଛି ସଫଳ ହେବାକୁ ।”

“ଓଃ ! କହି ପାରିବ ତୁମର ପ୍ରେମିକ ବର୍ତ୍ତମାନ କେଉଁଠି ?”

“ନାଁ” ।

ସୁବୋଧ ଶୋଇବାକୁ ଚେଷ୍ଟା କଲା ।

ସୁନାର ଆଖି ଆଗରେ ଅତୀତଟା ଚକା ଭଉଁରୀ ଖେଳିଲା ଜୋରରେ ।
ନା···ବଡ ଲୋକର ଝିଅ···ତଳେ ଦୁଇ ଭଉଣୀ ହେନା ଆଉ ନିନା ।
ପରେ ବଡ଼ ଭାଇ ମନୋଜ । ଜୀବନର କି ଅପ୍ରତ୍ୟାଶିତ ମୁହୂର୍ତ୍ତରେ
ଦେଖା ହେଲା ମନୋଜର ସାଙ୍ଗ ଅମର ସାଙ୍ଗେ । କେଜାଣି ଜୀବନ
ନ୍ତରର ସମସ୍ତ ସରାଗ ଦେଇ ଭଲ ପାଇଥିଲା ଅମରକୁ । ଅମର
ତ୍ତ ଶିକ୍ଷିତ ଅମାୟିକ ଯୁବକ···ସୁନାକୁ ଜୀବନର ସୁବର୍ଣ୍ଣ ପ୍ରତିମା କରି
ାଲି ନେଇଥିଲା ମନ ଭିତରେ—କିନ୍ତୁ ଅମରର ବାପାଙ୍କ ସଙ୍ଗେ
ାର ବାପାଙ୍କର ତୀବ୍ର ବିରୋଧ ଏ ମିଳନ ମଝିରେ ହିମାଳୟ ପରି
ଠିଆ ଉଠିଲା । ସୁନା ମୌଖିକ ଲଜ୍ଜା ଛାଡ଼ି ପିତାଙ୍କ ପାଦ ଧରି ଅଳି
ଥିଲା । ନିର୍ମମ ଭାବରେ ପାଦ ଟାଣି ନେଇ ବାହାରି ଯାଇଥିଲେ
ମୋହନ ବାବୁ—ଆଉ ସେଇ ଦିନୁ ସେ ହେଲା ବନ୍ଦିନୀ—ଘରୁ ଗୋଡ
ଢ଼ିବାକୁ ଉପାୟ ନ ଥିଲା ତାର । ମା ଭାଉଜ ଗୀତା ଗମ୍ଭୀରତାରୁ
ଦେଶ ଦେଉଥିଲେ କେବଳ । ସୁନାର ତଳ ଭଉଣୀ ହେନା ମୁରୁକି
କି ହସୁଥିଲା ବେଳେ ବେଳେ—ଆଉ ନିନା ଛ'ବର୍ଷର ଛୋଟିଆ
ଣୀ ଅପାଇଡ଼ା ଆଉ ବାହାରିଲୁ ଟହକିନ । ଟାଳ ନିବୋଧ ଘରି ଅନ୍ଧେ

ଅପା କାନ୍ଦୁଛି, ବୋଉ ଗାଳି ଦଉଛି, ବାପା ବୁଝୁଛନ୍ତି, ଭାଇ ଭାଉ
ହେନା ଅପା ଚୁପ୍ ଚୁପ୍ କଥାବାର୍ତ୍ତା ହେଉଛନ୍ତି । ଲକ୍ଷ୍ୟ କରେ ଅପା
ବାବୁ ଅସୁନାହାନ୍ତି । ଅପାର ଛଳ ଛଳ ଆଖି ଦେଖି ପଚାରେ "
କାନ୍ଦୁଛୁ କାହିଁକି ଅପା ?" ସୁନା, ନିଜର ଛୋଟ ଓଠ ଦୁଇଟିକୁ ହଲା
ଦଏ କୋଳକୁ ନିଏ—ନିର୍ବୋଧ ଶିଶୁ ଭଳି ତାର ପ୍ରଶ୍ନ, କିନ୍ତୁ ଏ
ଛୋଟ ନିର୍ବୋଧ ଶିଶୁର ସହାନୁଭୂତି କଣିକା ତାକୁ ପାହାଡ ପ
ମନେହୁଏ··· ।

ସେ ଦିନ ଖରାବେଳ ।

ସୁନାର ଖୁଡ଼ୀ ଉମାଦେବୀ ହସି ହସି କହିଲେ "ସୁନା, ତମ
ନିର୍ବନ୍ଧ ପଅରଦିନ ହେବ । ସବୁବେଳେ ଏମିତି ମୁହଁ ଶୁଖାଇ ବସି
କାହିଁକି ? ଅମର ବାବୁଙ୍କ ସାଙ୍ଗେ କଣ ଲାଗି ମରୁଛ ? ସୁବୋଧ ବ
ଭଲ ପିଲା ବୋଲି ସମସ୍ତେ କହୁଛନ୍ତି, ଦେଖିବାକୁ ବି ସୁନ୍ଦର । କା
ପଚାରିଛନ୍ତି ତମର ମତାମତ । ସୁନା ମୁଣ୍ଡ ଟେକିଲା—ଚଉକି ପଛପ
ଆଉଜି ଠିଆ ହୋଇଛନ୍ତି ଉମାଦେବୀ, ଓଠରେ ନିଷ୍ଠୁର କୌତୁହଳ
ହେନା ଫେରିଲା କଲେଜରୁ···।

"ତୁ ଗଲୁନି ଅପା, ପିଲାମାନେ ମତେ ହଇରାଣ କରି ପକେଇ
ତୁ କାହିଁକି ଗଲୁନି ବୋଲି—ଓଃ ଏତେ ଗମ୍ଭୀର ଯେ, କଣ କଉ ଭାଉ
ବୋଉ ?"

ଉମାଦେବୀ କହିଲେ···

ହେନା ଢଳିଗଲା ସୁନା ପାଖକୁ "ସତେ ଅପା, ବୋଉ ମତା
ଅନୁସାରେ ସବୁ କରିବା ଭଲ" ।

ସୁନା ହସିଲା ମନେ ମନେ—ତାର ମତାମତ କଣ ବୁଝି ନ ଥି
ବାପା ? ତେବେବି ନିଜର ଜିଦ୍ ରଖିବାକୁ ଯାଇ···ଆଉ ଭାବ ପାରି
ସୁନା ।

"ଅଚ୍ଛା ସବୁଦିନେ ତମରମାନଙ୍କ ପାଖରେ ରହିଲେ ?"

ଜୀବନର ସେଇ ପ୍ରଥମ ମୁହୂର୍ତ୍ତି ଯେତେବେଳେ ମୁଣ୍ଡ ନୁଆଁଇ
ଅନ୍ୟ ଆଗରେ ।

ଉମାଦେବୀ ଅଳ୍ପ ହସିଲେ···

"ସୁନା, ତମପରି ଆମେ ବି ସ୍କୁଲ କଲେଜରେ ପାଠ ଢ଼ିଥିଲୁ, କିନ୍ତୁ···

"ହଁ ହଁ ଲୁଚ, କିନ୍ତୁ ଦୁର୍ନାମ ଅର୍ଜ୍ଜନ କରି ନ ଥିଲୁ।"

"ହଁ ସେଇଆ—ଆଉ ସେଇଥି ପାଇଁ ତମର ଉଚିତ ବାପା ମାଙ୍କ ାଛ ତମର କର୍ତ୍ତବ୍ୟ କରିବା।"

"ଓଃ। ତାହେଲେ ତମର ଏଡିକି କହିଥିଲେ ହେଇଥାନ୍ତା ସେ ାନା ତମେ ଆମ କଥାରେ ହଁ କର। ପ୍ରକୃତରେ ମୋର କିଛି ଆଉ ହବାର ନାହିଁ"। ସୁନା East and West Wind ବହିଟା ଖୋଲି ବସିଲା—ଅକ୍ଷର ଗୁଡ଼ାକ ଯେମିତି ଖସି ଯାଉଛି ଆଖି ଆଗରୁ ାତ ଧରାଧରି ହୋଇ ଗୁଲିଗଲେ ହେନା ଆଉ ଉମାଦେବୀ—ସୁନା ହରୁ ମୁଣ୍ଡ ଟେକିଲା ଏଇମାନେ ଆତ୍ମୀୟ ସ୍ୱଜନ···। ସମାଜ ଆଗରେ ାଇ ବୁଲନ୍ତି ଆମେ ଶୁଭକାଂକ୍ଷୀ। ଅଭିମାନ କରିବାକୁ ତାର ଆତ୍ମୀ ାକୁ ନଥିଲା, କାହା ଉପରେ ଅଭିମାନ କରିବ? ବାପା, ଭାଇ, ମା, ାଉଜ, ଭଉଣୀ—ଏମାନେ ତ ଦିନେ ଠେକ ଧରିଥିଲେ ସରଗର ାଦପରି। ସ୍ୱାର୍ଥରେ ବାଧା ପଡ଼ିଲା, ଗୋଡ଼ମାଟି ପରି ପାଦରେ ଦଳି ଦିବାକୁ ଛଳେ ହେଲେ ପଛେଇଲେ ନାହିଁ; ଏଇଥିପାଇଁ ସେ ାଗିବ।। ତା ହେଲେ ସେବି ହୋଇଯିବ ସ୍ୱାର୍ଥପରତାର ଜୀବନ୍ତ ାବିତାର। ତେବେବି··· ତେବେବି···ସୁନାର ମନ ଭିତରେ ଗୁଡ଼େଇ ହେଲା ଛଇଟା ଅକ୍ଷର, ଅ···ମ···ର···। ଦୀର୍ଘ ଛଅମାସ ହେଲା ାଆକାଶ୍ଚ ତ ଦୂରର କଥା ଦେଖା ବି ପାଇନି। ଜୀବନରେ ଆଉ କବେ ଯେ ଦେଖା ପାଇବ, ଏ ଆଶା ତାର ନାହିଁ। କିନ୍ତୁ ଅମର ଭିମାନ କରିନାହିଁ ତ?

କିନା ଆସି କେତେବେଳୁଁ ଠିଆ ହୋଇଛି ପାଖରେ—ଅପା ାମ"—ସୁନା ଚମକି ଅନେଇଲା ପଛକୁ, ତୁ କାନ୍ଦୁଚୁ କି ଅପା? ମୁଁ

ପରୁ କାନ୍ଦେନ ତୋ କଥା ମାନି ? ଆଜି ତୁ କାନ୍ଦୁଛୁ ?” ଟିକି ଟିକି ହାତରେ ପୋଛିବାକୁ ଚେଷ୍ଟାକଲା ସୁନାର ଛଳଛଳ ଆଖି ଦୁଇଟି । ଅପାର ଛଳଛଳ ଆଖି ଦୁଇଟି ଦେଖି ଜନାର ନାଲି ଓଠ ଦୁଇଟି ଥର ଉଠୁଥିଲା । ସୁନା ଜନାର ମୁହଁଟି ଟେକି ଧରିଲା ।

“ତୁ ମୁହଁ କାହିଁକି ଶୁଖେଇଛୁ ଲୋ ଜନା ?”

“ତୁ କାହିଁକି ଶୁଖେଇଛୁ ?” ମୁହଁ ଫୁଲେଇ ପଚାରିଲା ।

“କହିଲେ ତୁ କଣ କରିବୁ ?”

“ଅମର ଭାଇଙ୍କୁ ଡାକି ଆଣିବି । କହିବି ଅପା କାନ୍ଦୁଛି—ତାଙ୍କୁ ଘରେ ସମସ୍ତେ ରାଗୁଛନ୍ତି ।”

“ତୁନି” କହି ସୁନା ଜନାର ଛୋଟ ମୁଣ୍ଡଟି ଜାକି ଧରିଲା ଛାତିରେ । ଆଖିରୁ ଝରିଲା ତତଲା ଲୁହ । ଆଉ କେହି ବୁଝୁ ନ ବୁଝୁ, ଏଇ ନିର୍ମଳ ଶିଶୁଟି ବୁଝିଛି ତା ମନର କୋହ ।

ଜନା ଛଟି ପିଟି ହୋଇ ଦଉଡ଼ିଲା ବାଣ୍ଡକୁ ।

ସୁନା ବସି ରହିଲା ମାଟି ପ୍ରତିମା ପରି ।

ଅଧଘଣ୍ଟା ପରେ ନାଚି ନାଚି ଜନା ଆସିଲା । ହାତରେ ଖଣ୍ଡେ ମୋଡ଼ା ମୋଡ଼ା କାଗଜ । ସୁନାର ଅତି ପରିଚିତ ଅକ୍ଷର କେତୋଟି ଦିଶିଲା କାଗଜ ଉପରେ । ଜନା ବଢ଼େଇ ଦେଲା ଚିଠିଟି, ସୁନାର ହାତ ଥରି ଉଠିଲା । ଚିଠି, ଅମରର ଚିଠି । ଆଠ ଦଶ ଧାଡ଼ିର ଛୋଟ ଚିଠିଟି ।

“ସୁନା, ସାରା ଜୀବନ କଣ ସୁଖରେ କାଟିବ ବୋଲି କଳ୍ପନା କରିଥିଲ ? ଦୁଃଖ କଷ୍ଟକୁ କେବଳ କଳ୍ପନା ଭିତରେ ବାନ୍ଧି ରଖିଲେ ତାର ସ୍ୱରୂପ ଜଣାପଡ଼େ ନାହିଁ । ବାସ୍ତବ କ୍ଷେତ୍ରରେ ଅଟକିବାକୁ ହେବ । ଅମର ଏ କଷ୍ଟରୁ ରକ୍ଷା ପାଇବାର ଏକମାତ୍ର ଉପାୟ ବାପା-ବୋଉଙ୍କ ମନରେ ଦାରୁଣ ଆଘାତ ଦେବା କେଡ଼େ ଘୃଣ୍ୟ କେଡ଼େ ନୀଚ ଧାରଣା ଏଇଟା ସୁନା ? ଆମର ସ୍ୱାର୍ଥ ପାଇଁ ବାପା ମାଙ୍କ ମନରେ କଷ୍ଟ ଦେବା ? ଛି, ଆଉ ସେମାନଙ୍କ ଉପରେ ବା ଅଭିମାନ କରି ଲାଭ କଣ ? ସ୍ରଷ୍ଟା ଯଦି ସୃଷ୍ଟିକୁ ନଷ୍ଟ କରିବାକୁ ଚାହେଁ, ତେବେ ସୃଷ୍ଟିର ଆପତ୍ତି କଣ ?

ଆଜି ଗୋଟାଏ ଖୁସି ଖବର ଶୁଣ—ତମର ବାହାଘର ହେଉଛି ଭଦ୍ରଖରେ—କଏ କଣ କହୁ ପାରିବନି ନିଜ ଉପରେ ମୁଁ କର୍ତ୍ତବ୍ୟର ଧାରୁଆ ଅସ୍ତ୍ର ଚଳେଇଛୁ ସୁନା, ଭାବିବନି, ମୁଁ ସ୍ୱାର୍ଥପର କି ନିଷ୍ଠୁର । ଜୀବନରେ ଆଉ କେବେ ଦେଖା କରିବାର ଭରସା ରଖିବନି । ଇତି ।

ତମର ଅଭାଗା

ଅମର

ସୁନାର ଆଖି ଦୁଇଟି ଜଳି ଉଠିଲା ଗର୍ବରେ-ଅମର···ତ୍ୟାଗର ଅବତାର । କିଏ ବ ରଟିଛି ବାରମ୍ବାର ତାର କାନରେ ଗାଇଛ ତ୍ୟାଗର ମନ୍ତ୍ର ।

× × ×

ସୁବୋଧର କୁଆଁଣିଆ ଶୁକଘରର ଗୃହିଣୀ ସାଜିଛି ସୁନା । ସ୍ୱାମୀ ଅଧରେ ସୁବୋଧର ମାତାଲ ଶଳାର ସାଙ୍ଗେ ହୁଣ୍ଡା ଜୋତାର କର୍କଶ ପାହାର ସହୁଛି···ସହିବାକୁ କଷ୍ଟ ହେଉନି ତାକୁ । ଅମର···ନିନା ସନ୍ତତିଙ୍କୁ ଚିରଦିନ ପାଇଁ ଛାଡ଼ି ଆସି ପରିଛି, ଆଉ ଏତିକି ସହି ପାରିବନି ? ବାପା ମାଙ୍କର ଅଦ୍ଭୁତ ଖିଆଲରେ ଯେ ନିଜକୁ ଭସେଇ ଆଣି ପାରିଲା, ଆଗରେ ଭଉଁରି ଦେଖି ଚମକି ଉଠିବ କାହିଁକି ? ସୁବୋଧର ମାସରେ କୋଡ଼ିଏ ବେମାରି-ରାତି ରାତି ଅନିଦ୍ରା ରହି ସେବା କରୁଛି—ଠାକୁରଙ୍କୁ ଡାକୁଛି । ଗୋଟି ଗୋଟି ହୋଇ ସବୁ ଗହଣା ସରୁଛି ସୁବୋଧ ରୋଗ ଭଲ ହେବାରେ—ସମ୍ବଳହୀନ ଅବସ୍ଥା, ପୁଣି ଧରୁଛି ନିମୋନିଆ—ମନୋଜ ଥରେ ଆସି ଦେଖି ଯାଇଛି, ଔଷଧର ବ୍ୟବସ୍ଥା କରୁଛି ଦୟାକର—ମଦ୍ୟପ ସୁବୋଧର ଦୁର୍ବଳ ଦେହକୁ ନିମୋନିଆ କବଳରୁ ରକ୍ଷା କରିବା ଟେଢ଼େ କଷ୍ଟ, ସୁନା ବୁଝିଥିଲା । ସୁବୋଧର ଶେଷ ପ୍ରଶ୍ନରେ ବିଚଳିତ ହୋଇ ନ ଥିଲା ସେ—ଜାଣି ପାରୁଥିଲା, ତାର ଅବାଞ୍ଛିତ ଜୀବନ ନାଟିକାର ଯବନିକାପାତ କେବେ ? କଫର ଘଡ଼ ଘଡ଼ ଶବ୍ଦ ଶୁଭୁଛି ଜୋରରେ—ସୁନା ଭଙ୍ଗା ଚେୟାରଟି ଉପରେ ଭରା ଦେଇ

କହିଲ । ବାହାରେ ଫେରସ୍ତ ହୋଇ ଆସିଛନ୍ତି—କୁକୁଡାର କାନଅତଡା ଚିତ୍କାର ସାଙ୍ଗେ ପଞ୍ଜଣା ଘର ପେଗିଣା କୁକୁରର କରୁଣ ଚିତ୍କାର । ଅଶୁଭର ପ୍ରଥମ ସଙ୍କେତ ! ସୁନାର ଚଳପା କମ୍ପି ଉଠିଲା । ନିମୋନିଆ ରୋଗୀ···ବିପଦର ଆଶଙ୍କା ଢେର ବେଶୀ । ଚମକି ଉଠିଲା ମନେ ମନେ ତାର କର୍ତ୍ତବ୍ୟରେ ଅଛି ତ୍ରୁଟି ରହିନି ତ ? କେବଳ ତାରି ଦୁର୍ନାମ ଶୁଣି ଘୃଣ୍ୟ ସନ୍ଦେହ ଫନ୍ଦରେ ଧାଇଁ ସୁବୋଧ ମରଣକୁ ଭେଟିବାକୁ ଯାଉନାହିଁ ତ ? ତା ଯଦି ହୁଏ, ଦୋଷ କାହାର ? ତାରି ନିଶ୍ଚେ—କିନ୍ତୁ ସେ ତ ଚାହିଁ ନ ଥିଲା ସୁବୋଧର ମୃତ୍ୟୁ ? ଅତୀତରେ ସେ କେବେ ଭଲ ପାଇଥିଲା ଅମରକୁ—ତାରି ଫଳରେ ସେ ହୋଇଛି ସମାଜରେ ନିନ୍ଦୁପର କେନ୍ଦ୍ରସ୍ଥଳ ଅଉ ସ୍ୱାମୀଙ୍କର ଶେଷ ଅବସ୍ଥାରେ ଉତ୍କଟ ସଂଦେହର ମୂଳପିଣ୍ଡ ଇସ୍ । ବିଂଶ ଶତାବ୍ଦୀର ସମାଜ ଅଗେଇଛି, ଶିକ୍ଷା ସଭ୍ୟତା ଅଗେଇଛି, ଭଦ୍ରତା ଅଗେଇଛି । ସୁନା ବିଶ୍ୱାସ କରି ପାରେନା । ସବୁ ଖୋଳ ଉପର ଖୋଳ, ସେଇ ଖୋଳ ଭିତରେ ସଂକୀର୍ଣ୍ଣ ସ୍ୱାର୍ଥ ଜଳ ଜଳ କରି ଚାହିଁଛି । ଟିକିଏ ଆଂଚ ଲାଗିଲେ ମାଡ଼ି ବସୁଛି ଭୋକିଲା ସିଂହପରି ।

ଗୋବର ପାଣି ସିଞ୍ଚୁଥିଲା ସୁନା ଅଗଣାରେ । ଗୋଡ଼ ଥରୁଛି—କାଲି ଦିନସାରା ପାଣି ଟୋପେ ପିଇବାକୁ ଅବସର ମିଳିନି—ତେବେ ବି ଭାବୁଛି କେମିତି କହିବ ଭାତରେ ଟିକିଏ ଡକେଇବ ଡାକ୍ତରକୁ—କାଲି ତାର ଭାଇ ଆସିଥିଲେ । ମୁହଁ ଭୁରୁକୁଞ୍ଚା କରି ଔଷଧର ବ୍ୟବସ୍ଥା କରି ଯାଇଥିଲେ । ଆଜି ଗଲାବେଳେ ବିରକ୍ତ ହୋଇ କହି ଯାଇଥିଲେ, "ବହୁତ କାମ ଛାଡ଼ି ଆସିଲି । ନିମୋନିଆ ହୋଇଛି—ଟିକିଏ ସାବଧାନ ହେଲେ ଭଲ ହୋଇଯିବ । ବ୍ୟସ୍ତ ହେବାର କିଛି ନାହିଁ । ମୁଁ ଶୀଘ୍ର ଯିବି । ରାୟ ବାହାଦୁର ଡଃ ଦାସଙ୍କର କଲ୍ ଅଛି—କିଛି ମନେ କରନ୍ତୁନି"—ସୁନା ହସିଲା ମନେ ମନେ, କିଛି ମନେ ନ କରିବାକୁ ଭାଇ ଅନୁରୋଧ କଲେ ସୁଦ୍ଧା ତାର ମନେ ହେଉ ଯାଉଥିଲା ଅଟେପ ଅଟେପ—ଭାଇଙ୍କର ସାହାଯ୍ୟ ମାଗିବା ଅନ୍ୟାୟ ହୋଇଛି । ତାଙ୍କର ସମୟ ନଷ୍ଟ କରି ଏଠିକୁ ଡାକି ଆଣିବା ଭୁଲ୍ ହୋଇଛି । ତେବେ

ବି···କଣ କରିବ ଅଉ ? ନେଇ ଗୁଡ଼ କହୁଣିରେ । ଠିକ୍ କଲା ଅଉ ଡାକିବନି—ଅଉ କାହାର···ଅନ୍ତତଃ ଆତ୍ମୀୟଙ୍କର ସାହାଯ୍ୟ ମାଗିବନି । କିନ୍ତୁ କଣ କରିବ ବର୍ତ୍ତମାନ ? ଧୀରେ ଧୀରେ ଘର ଭିତରେ ପଶିଲା—ସୁବୋଧ ଶୋଇଛି ନିଘୋଡ଼ ନିଦରେ । ଯିବ ଏ ପଡ଼ଶା ଡାକ୍ତରଙ୍କ ପାଖକୁ ? ଅଜକୁ ବର୍ଷେ ହେଲା ତ ସେ ଘରୁ ଗୋଡ଼ କାଢିନି । ଅଉ ଅଙ୍କ କୂଳର ବୋକ୍ସ ଦାଣ୍ଡରେ ଜଣେ ଅପରିଚିତ ଡାକ୍ତରଙ୍କ ପାଖରେ ଗୋଡ଼ ଭାଙ୍ଗିବ—କର୍ତ୍ତବ୍ୟର ଡାକରା । ତାର ଅପରାଧ କଣ ? କେତେ ଦିନର ସାଇତା ମାର୍ବଲ କୃଷ୍ଣ ମୂର୍ତ୍ତି ଉପରେ ତାର ଆଖି ରହି ପଡ଼ୁଥିଲା ତାର ଦୋଷ ନାହିଁ ତ ? ସେଇ କୃଷ୍ଣ ମୂର୍ତ୍ତି, ଯାହାକୁ ଅମର ଉପହାର ଦେଇଥିଲେ ତାର ଜନ୍ମ ଦିନରେ, ଆଉ କହିଥିଲେ "ନିଅ ସୁନା ଏଇ ତମକୁ ବୁଦ୍ଧି ଦେବେ ସାହସ ଦେବେ—କଷ୍ଟ ସହିବାର ଶକ୍ତି ଦେବେ ।"—ସେଇ ଦିନୁ ସୁନା ତାକୁ ସାଇତିଛି । ମନରେ ଦୁର୍ବଳତା ଆସିଲେ ଘଣ୍ଟା ଘଣ୍ଟା ଧରି ପଡ଼ି ରହୁଛି ସେ ମୂର୍ତ୍ତି ପାଦ ତଳେ—ଶକ୍ତି ସଂଗ୍ରହ କରୁଛି, ପୁଣି ଆରମ୍ଭ କରୁଛି ଜୀବନ ସଂଗ୍ରାମ—ସୁନା ଦାଣ୍ଡ କବାଟଟି ବନ୍ଦ କରି ଡର ଡର କରି ବାହାରି ପଡ଼ିଲା ।—ଝାଡ଼ୁଆ ହାତ ଦୁଇଟିରେ କେତେ କାଳର ରେଶମି ଚୁଡ଼ି ଦୁଇ ଦୁଇ ପଟ, ଝୁଣୁଝୁଣୁ ଶବ୍ଦ ଶୁଭୁଛି—ଦୁର୍ବଳ ପାଦ ଦୁଇଟାକୁ ଟାଣି ଟାଣି ଚାଲିଛି ସୁନା—ଡାହାଣ ହାତ ମୋଡ଼ ବୁଲିଲା ବେଳେ ହଳଦିଆ ବୋର୍ଡଟା ସୁନା ଆଖିରେ ପଡ଼ିଲା—ତାର ଅନୁମାନ ଠିକ୍ । ଏକେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି "ଶୁଚିଭଜନ ବୋଷ" "ଶୁଚିଭଜନ ବୋଷ ନାଁ ଟା କି ଚିହ୍ନା ଚିହ୍ନା ପରି ମନେ ହେଉଛି । ଯା' ହେଉ ଘରୁ ଗୋଡ଼ କାଢ଼ି ଆସିଛି ଯେତେବେଳେ ନିଶ୍ଚୟ ଡାକ୍ତରଙ୍କୁ ସଙ୍ଗରେ ନେଇ ଯିବ । ଫାଟକ ଖୋଲି ଭିତରେ ପଶିଲା—କବାଟରେ ବାଡେଇଲା—କେହି ଉଠୁ ନାହାନ୍ତି—ପୁଣି ଥରେ କବାଟରେ ହାତ ଦେଲା—କବାଟ ଖୋଲିଲା ଜଣେ ଭୀଷଣକାୟ ବ୍ୟକ୍ତି—ଗୃହର ବୋଧହୁଏ ।

"ଡାକ୍ତର ସାହେବ ଉଠିଲେଣି ?"

"ହୁଁ," ଲୋକଟା ଅସ୍ପଷ୍ଟ ଭାବରେ ଚାହିଁ ରହିଲା ସୁନାକୁ—

"ଟିକିଏ କହିବ, ଜଣେ ନିହାତି ଦରକାରରେ ଆସି ଦେଖା କରିବାକୁ ଚାହୁଁଛି ।

କଣ ଭୁକ କେଜାଣି, ଲୋକଟି ଛର ଛର ହୋଇ ଚାଲି ଯାଇ ଯାଇ କହିଲା, ସାବଧାନ ଘର ଭିତରେ ଗାଲିଚାରେ ପାଦ ଦେବୁ ନାହିଁ । ପାଦରେ ତୋର ଅଣ୍ଟୁଏ ଧୂଳି—" ସୁନା ଛେପ ଢୋକିଲା । ପ୍ରାୟ ୫ ମିନିଟ୍ ପରେ ଡାକ୍ତର ବାବୁ ଆସିଲେ—ନିଦରୁ ଉଠି ଆସିଛନ୍ତି—ରଙ୍ଗିଲା ରଙ୍ଗିଲା ଆଖି—ବଳିଷ୍ଠ ଚେହେରା—ବୟସ ୩୦ ଡେଇଁ ନାହିଁ । ସୁନା ଅଳ୍ପ ଓଢ଼ଣା ଟାଣି ମୁଣ୍ଡ ନୁଆଁଇଲା—କେବଳ ଏତିକି କହି ପାରିଲା—"ଟିକିଏ ଶୀଘ୍ର ଆସିବେ କି ? ଘରେ ନିମୋନିଆ ରୋଗୀ—ଜଗିବାକୁ କେହି ନାହିଁ ।"

"ତୁମ ଘରଟା ?" ଡାକ୍ତର ପଚାରିଲେ ।

'ଏ ଛକ ମୁଣ୍ଡରେ—ଆଗରେ ବଡ଼ ଖୁଣ୍ଟ ଅଛି ।'

"ଆଚ୍ଛା ତୁମେ ଚାଲ, ମୁଁ ଯାଉଛି ଏଇ ୫ ମିନିଟ୍ ଭିତରେ ।" ସୁନା ଛର ଛର ହୋଇ ବାହାରି ଆସିଲା—ତାର ମନେ ହେଲା ଏତିକି ବାଟ ଆସିବାକୁ ତାକୁ ମୁହୂର୍ତ୍ତେ ହେଲେ ସମୟ ଲାଗିନି । ଛାତି ତାର ଉଠୁଛି ପଡ଼ୁଛି—ସୁବୋଧ ଶୋଇଛି—ସୁନା ଛାତିରେ ହାତ ମାରିଲା—ହୃତପିଣ୍ଡ କିୟା ବଡ଼ କ୍ଷୀଣ ଭାବରେ ଜଣା ପଡ଼ୁଛି ତାକୁ—

ସୁନା ଡାକିଲା "ଜାଣିଛ, ମୁଁ ଡାକ୍ତର ପାଖକୁ ଯାଇଥିଲି ?" ଉତ୍ତର ନାହିଁ ।

"ଉଠମ, ହେ" ସୁନା ପୁଣି ଥରେ ଡାକିଲା—

ନିଦ ଭାଙ୍ଗୁନି କି ସୁବୋଧ ଆଉ ଆଖି ଖୋଲୁନି । ସୁନାର କ୍ଲାନ୍ତ ଆଖି ଦୁଇଟି ଚାହିଁ ରହିଲା କୃଷ୍ଣ ମୂର୍ତ୍ତିକୁ । ଗୃହଦନ ହେଲା ପାଦ ତଳେ ଜଳୁଥିବା ଡିଅ ଘାଟି ଲିଭିଯାଇ ଶିଖା ଉଠୁଛି । ସୁନା ଆଉ ଅବସ୍ଥାରୁ ନ ଥିଲା କିଛି—ବାହାରେ ଡାକ୍ତରଙ୍କ ଜୋତା ଶବ୍ଦ ଶୁଭିଲା । ସୁନା ଅସ୍ଥିର ହୋଇ ଡାକିଲା, ଟିକିଏ ଶୀଘ୍ର ଆସନ୍ତୁ ଡାକ୍ତର ବାବୁ । ଡାକିଲେ ଶୁଣୁ

ନାହାନ୍ତି କାହିଁକି—ଡାକ୍ତରଙ୍କର ଗମ୍ଭୀର ମୁହଁ ଦେଖି ସୁନା ଥରକୁ ଥର ଚେପ ଚୋବୁଥିଲା କେବଳ—ବଡ଼ ଅଟସ୍ତ ପାଟିରେ ଡାକ୍ତର କହିଲେ "ଅବସ୍ଥା ଏତେଦୂର ସାଂଘାତିକ ହେବା ପୂର୍ବରୁ ଡାକିଥିଲେ ଟିକେ ଭଲ ହୋଇଥାନ୍ତା ବୋଧହୁଏ—ଅଚ୍ଛା…।" ରୋଗୀର ନାଡ଼ି ଦେଖି ଦେଖି ପଚାରିଲେ "ରୋଗୀର ନାଁ ?"

"ସୁବୋଧ ପଟ୍ଟନାୟକ"

"ଓଃ ! ଆପଣ ତାହେଲେ ମନୋଜର ଭଉଣୀ ସ୍ୱର୍ଣ୍ଣ ଦେବୀ ?" ଡାକ୍ତରଙ୍କର ମୁହଁର ରଙ୍ଗ ବଦଳିଗଲା ।

"କଣ ଦେଖୁଛନ୍ତି ଅବସ୍ଥା ?" ସୁନାର ଗଳା ବସି ଯାଇଥିଲା । ଡାକ୍ତର ନିରୁତ୍ତର ! ! !

ସୁବୋଧର ହିକା ଉଠିଲା—ଡାକ୍ତର ନାଡ଼ି ଦେଖିଲେ । ଚନ୍ଦ୍ରାର କାଳିମା ବୋଳି ହୋଇ ଯାଉଥିଲା ସୁନା ମୁହଁରେ ପରସ୍ତକୁ ପରସ୍ତ— ସୁବୋଧର ଶେଷ ନିଶ୍ୱାସ ବାହାରି ଗଲା ପରେ ପରେ ଡାକ୍ତର ଘୋଡ଼େଇ ଦେଲେ ଧଳା କନାଟା ମୁହଁ ଉପରେ ।

"କଣ ହେଲା ଡାକ୍ତର ବାବୁ ?"

"ଯାହା ଆଶଙ୍କା କରୁଥିଲି ତାହାହିଁ ହେଲା ସ୍ୱର୍ଣ୍ଣ ଦେବୀ"

ମୁଣ୍ଡରେ ହାତ ଦେଇ ଥର ଥର ବସି ପଡ଼ିଲା ସୁନା—

"ମନୋଜ ପାଖକୁ ଫୋନ କରେ" କହି ଧୀରେ ଧୀରେ ବାହାରି ଗଲେ ଡାକ୍ତର ବାବୁ × × × ଦୟାକରି ହେଉ ବା କର୍ତ୍ତବ୍ୟ ଦୃଷ୍ଟିରୁ ହେଉ ମନୋଜ ସେଦିନ ସୁନକୁ ବାଲେଶ୍ୱର ନେଇ ଯାଇଥିଲେ । ବର୍ଷେ ତଳେ ଯେଉଁ ଘର ଛାଡ଼ିବାକୁ ତାର କଲିଜା ଦୁଇ ହୋଇ ଯାଇଥିଲା, ସେଇ ଘର ତାକୁ ଆଦରରେ ଗ୍ରହଣ କରୁ ବା ନ କରୁ ତାର କିନ୍ତୁ ପାଦ ଥରୁଥିଲା ପାହାଚ ଡେଇଁବାକୁ । ନୂଆ ବୈଠକ-ଖାନା ଗାଲିଚା ପଡ଼ିଛି—ବର୍ଷକ ଭିତରେ କେତେ ବଦଳିଛି ଏ ଘର— ମନେ ପଡ଼ିଲା ଡାକ୍ତର ବାବୁଙ୍କ ଗୃହରର କଥା—ସାବଧାନ ଘର ଭିତରେ ଗାଲିଚାରେ ପାଦ ଦବୁ ନାହିଁ ଗୋଡ଼ରେ ଅଛି ଏ ଧୂଳି । ସୁନାର

ପାଦ ଅଟକି ଗଲା—ବୋଉ, ଭାଉଜବୋଉ, ହେନା କେହି ଦଣ୍ଡ ନାହାନ୍ତି ତ ? କେହି ତାକୁ ଚାହୁଁ ନାହାନ୍ତି ଆଜି—ତେବେ— ? କାହିଁକି ଆସିଲା ସେ ? କଟକରେ ସେଇ ଭଙ୍ଗା ଗୃହ ଭିତରେ ରହି ମୁଠାଏ ଖାଇବାକୁ କଣ ଅର୍ଜନ କରିପାରି ନ ଥାନ୍ତା ? ଘର ଭିତରୁ ବାହୁନି ବାହୁନି ବାହାରି ଆସିଲେ ସୁନାର ଜଣେ ଦୂରସମ୍ପର୍କୀୟା ବିଧବା ଖୁଡ଼ୀ—ସୁନା ବୁଝିଲା, ତାର ବିଧବା ରୂପ ଦର୍ଶନ ନ କଲେ ଦେଖିବେନି ବୋଲି ବୋଉ ଭାଉଜ ବୋଉ ତ ଆଗରୁ ଆସି ନାହାନ୍ତି । ସୁନା ଚାଲିଲା ବିଧବା ଖୁଡ଼ୀଙ୍କ କାନ୍ଧରେ ହାତ ଦେଇ । ଆଖିରେ ତାର ଲୁହ ଆସୁ ନ ଥିଲା, ସେଥିପାଇଁ କେବେ ବି ତାକୁ ଦୋଷୀ କରୁ ନ ଥିଲା । କାରଣ ସେ ବୁଝିଥିଲା ପିତୃଦତ୍ତ ସ୍ୱାମୀଙ୍କୁ ସୁଖୀ କରିବା ଓ ବଞ୍ଚାଇ ରଖିବାକୁ ପ୍ରାଣାନ୍ତ ଚେଷ୍ଟା କରିବା ତାର କର୍ତ୍ତବ୍ୟ । କିନ୍ତୁ ତାଙ୍କର ପାଇଁ ଅନ୍ତରର ପ୍ରକୃତ କୋହ ନ ଆସିବା ସ୍ଥଳେ ଲୋକ ଦେଖାଣିଆ ଲୁହ ତାକୁ ବାହାର କରି ଆସୁ ନ ଥିଲା । ସେ ଖାଲି ମନେ ମନେ ଖୋଜୁଥିଲା ଜଣକୁ—ସେଇ ନନା—ତା'ର ପ୍ରାଣର ଭଉଣୀ । ତାକୁ ବି କଣ ଛାଡ଼ିବେନି ତା' ପାଖକୁ ? ଦୁଇଟା ଜିଗୁନ୍ ଖଞ୍ଜା ତେଲିଁ ସୁନା ପଶିଲା ଗୋଟିଏ ଛୋଟ ଘରେ—ଯେଉଁଠି ତାଙ୍କର ଟିଣ କାଠ ରହୁଥିଲା ଆଗେ—ଘରଟି ଲିପା ପୋଛା ହୋଇ ସପ ଖଣ୍ଡିଏ ପଡ଼ିଛି । ସୁନା ବସି ପଡ଼ିଲା ସପରେ—ଅତୀତ, ବର୍ତ୍ତମାନ ଭବିଷ୍ୟତ ଯେମିତି ଗୋଟାକ ପରେ ଗୋଟାଏ ନାଚି ଯାଉଥିଲେ ବିକଳାଙ୍ଗ ପ୍ରେତରୂପ ଧରି । ସୁନାର କ୍ଳାନ୍ତ ଆଖି ଦୁଇଟି ବିଶ୍ରାମ ଲୋଡ଼ୁଥିଲା—ପ୍ରାୟ ଅଠା'ବେଳେ ସୁନାର ନିଦ ଭାଙ୍ଗିଲା—ଶୁଣିଲା ନନାର ପାଟି—ଅସ୍ଥିର ହୋଇ ଉଠିଲା ସେ—ନନା କାନ୍ଦୁଛି···କାହିଁକି ? ମନ ହେଲା ଉଠିଯାଇ ନନାକୁ କୋଳ କରନ୍ତା—ପୂର୍ବ ବର୍ଷେ ହେଲା ଦେଖିନି—କେତେ କଥା ପଚାରନ୍ତା—କେଉଁ ସ୍କୁଲରେ ପଢ଼ୁଛି, କଣ ପଢ଼ୁଛି । ବଙ୍କା ବଙ୍କା ଅକ୍ଷରରେ କେତେ ଖଣ୍ଡ ଚିଠି ଦେଉଥିଲା—କେତେଥର ଲେଖିଛି "ଅପା ମୁଁ ତୋ ପାଖକୁ ଯିବି"—ସୁନା ଉତ୍ତର ଦେଇ ନାହିଁ ! କି ଉତ୍ତର ଦେବ ?

ଘିଅ ବୁଧରେ ଯେ ବର୍ତ୍ତି ଅସିଛୁ, ଦାରିଦ୍ର୍ୟ କାହାକୁ କହନ୍ତି ଯେ ଜାଣିନ ତାକୁ ଜୀବନର ନିର୍ମମ ବାସ୍ତବତା ଭିତରକୁ ଟାଣି ଆଣିବାରେ ଲାଭ କଣ ? ସେଇଥିପାଇଁ ସୁନା ନୀରବ ରହୁଛି—ଉତ୍ତର ଦେଉନି— ଉତ୍ତର ଦେବାକୁ ସାହାସ ହେଉନି ତାର । ଶେଷ ଚିଠିରେ ଲେଖିଥିଲ "ଅପାଁ, ତୁ କଣ ମୋ କଥା ଦିନେ ହେଲେ ମନେ କରୁ ନାହୁଁ ? ମୋ ପାଖକୁ ଚିଠି ଦେଲେ ସୁବୋଧ ଭାଇ କଣ ଗାଳି ଦିଅନ୍ତି ତତେ ?" ନିଜ ଉପରେ ଚିଡ଼ି ଉଠିଲା ନିନା—ସୁନା ଉଠି ଠିଆ ହେଲା— କବାଟରେ ହାତ ମାରିଲା—ବାହାରୁ ବନ୍ଦ ହୋଇଛି—ନିନା ପାଟି କରୁଛି—"ମୁଁ ଅପା ପାଖକୁ ଯିବ ।"

ଭାଉଜ ବୋଉଙ୍କର ଗଳା ଶୁଭୁଛି "କାହିଁକି ସେମିତି ଅଝଟ ହଉଛ ନିନା ? ଅପା କଣ କୁଆଡ଼େ ପଳାଉଛନ୍ତି ? ଅଛନ୍ତି ତ ଏଠି ବ୍ୟସ୍ତ କାହିଁକି ?" ଅବୁଝା ପିଲା—ଜୁନ୍ନି—ଅଧିର ପାଟି କରୁଛି "ମୁଁ ଯିବି" । ସୁନା ଶୁଣିଲା ବୋଉର କାନ୍ଦଣା ସ୍ୱର "କାଇଁକି ତା ପାଖକୁ ପି... ଲେ ? କପାଳ ତାର ପୋଡ଼ିଛି ।" କପାଳ ପୋଡ଼ିଛି—କପାଳ ପୋଡ଼େ— କେମିତି ପୋଡ଼େ ଛେଠ ନିନା ଅନୁମାନ କରି ପାରୁ ନ ଥି... ବୋଧହୁଏ—ଭାଇଙ୍କ ପାଟି ଶୁଭିଲା "କାଇଁକି କାନ୍ଦୁଛି ସେ ?"

"ସୁନାଙ୍କ ପାଖକୁ ଯିବେ— ।" ଭାଉଜବୋଉ କହିଲେ ।

"ଯାଉନାହିଁ ?" କବାଟ ଫାଙ୍କରେ ସୁନା ଚାହିଁଲା, ନିନା ଛୁଟି ଚାଲିଗଲା ତାର ପାଖକୁ—"ଅରେ ଚିଙ୍କସିଠା କିଏ ଦେଲା ? ଭାଉଜବୋ... ଭାଉଜବୋଉ'ମ, ହେଇନା ଅପା ଟିକିଏ ଖୋଲିଦେଲ ଛିଙ୍କସିଠା ବା... ପାଉନାହିଁ ।" ସୁନାର ଛାତି ଥରିଲା ବାହାରିଗଲା ଗୋଟାଏ ଦୁର୍ବ... ନିଶ୍ୱାସ—ହାୟ ! ନିର୍ବୋଧ ଛୁଆଟା ଉପରେ ବି ସମାଜର କି ଅସହ... ନିୟମ ! ସୁନା ଚାହିଁଛି କବାଟ ଫାଙ୍କରେ—ନିନା ଚେୟାର ଟାଣୁ... ତାର ଉପରେ ଠିଆ ହୋଇ କବାଟ ଖୋଲିବ ।

"ନନା, ନନା ଲୋ" ଛୋଟ ପାଟିରେ ଡାକିଲା ସୁନା—"ଅପା" କେତେ ଅଗ୍ରହ ଉତ୍ତେଜନା ଆନନ୍ଦ ପୂରି ରହିଛି ସେ ସ୍ୱରରେ—କବାଟ ଖୋଲି ନନା ଅବାକ୍ ହୋଇ ଚାହିଁ ରହିଲା କେବଳ—

"ଅପା ! ତୋ କାଚ ? ଆରେ ଧୋଇ ପିନ୍ଧିଛୁ ଯେ" ଏକା ନିଃଶ୍ୱାସରେ ସୁନା ଟେକି ନେଲା ନନାକୁ ଛାତି ଉପରକୁ—ଛୋଟ ଭଉଣୀଟିର ନିର୍ବୋଧ ପ୍ରଶ୍ନ ତାକୁ ବିଚଳିତ କରି ନ ଥିଲା—ମନ ପୂରେଇ ଦେଖି ନବାକୁ ଚାହୁଁଥିଲା ନନାକୁ—ଟିକିଏ ବଢ଼ି ଉଠିଛି—ସେଇ ଚଗଲାମି ଅଛି, ସେଇ ଦୁଷ୍ଟାମି ଅଛି । କିନ୍ତୁ ଅପାର ଏ ନିରାଭରଣ ରୂପ ଦେଖି କଅଁଳ ମନଟି ତାର କରୁଣ ହୋଇ ଉଠୁଥିଲା, ଦୁଃଖରେ ସରୁ ଓଠ ଦିଓଟି ଥରି ଉଠୁଥିଲା—"ତୋ ପାଖକୁ ଆସିବାକୁ ବୋଉ ଭାଉଜବୋଉ ହେରିକା ମନା କରୁଥିଲେ । ମୁଁ ଜବରଦସ୍ତି ପଳେଇ ଆସିଛି । କାଇଁକି ମନା କରୁଥିଲେ ଅପା ? ତତେ କେହି ଭଲପାଆନ୍ତି ନାହିଁ, ନୁହେଁ ?" ଲୁହରେ ଅଂଧ ହୋଇ ଉଠୁଥିଲା ସେ— ଦୁନିଆରେ ଆଉ କାହାରଠୁ କିଛି ଆଶା କରୁନି—ଡେର ପାଇଛି ଆଉ ପାଇବାକୁ କିଛି ବାକି ନାହିଁ । କିନ୍ତୁ କଅଁଳ ମନର ଅମୃତ ସ୍ନେହ ପାଇବାର ଲୋଭ ସେ ଛାଡ଼ିପାରୁ ନ ଥିଲା—ସୁନାର ତତଲା ଲୁହ ଟପ୍ ଟପ୍ ଖସି ପଡ଼ିଲା ନନାର ମାଂସଲ ବାହୁ ଉପରେ—"ତୁ କ'ଣ ମତେ ଭଲ ପାଉନାହୁଁ ନନା ?" ନନା ଜାଣିଥିଲା ଅପା କାନ୍ଦୁଛି, କାଇଁ କାଇଁ ହୋଇ କାନ୍ଦି ଉଠିଲା । ସେ ସୁନା ନିଜର ଅପରାଧ ବୁଝିଲା—"ନାଇଁ ଲୋ ମୁଁ ସେମିତି କହି ଦେଲି ନା—ତୁ ପରା ଦୁଆଡ଼େ ମତେ ସବୁଠୁ ବେଶୀ ଭଲ ପାଉ ? ଆଉ ମୋ କଥା ମାନିଲୁନି କେମିତି ? କହିଥିଲୁ ପରା ବୋଉ ଭାଉଜ ବୋଉ ହେବା ଅପା ତାଙ୍କ କଥା ମାନିବୁ ? ଆଜି କାହିଁକି ତାଙ୍କ କଥାରେ ଅବାଧ୍ୟ ହୋଇ ମୋ ପାଖକୁ ଆସିଲୁ ।"

"ସେମାନେ କାହିଁକି ନାହିଁ କଲେ ?" ମୁହଁ ଫୁଲେଇ ପଚାରିଲା ନନା—କାହିଁକି ମନା କଲେ ଯାର ଉତ୍ତର ସୁନା ନିଜେ ବି ଅନୁମାନ କରି ପାରୁନି—ତେବେ ସେ ଏତିକି ଜାଣେ, ମନା କରନ୍ତି—ସ୍ୱାମୀର

ଅନ୍ତ୍ୟେଷ୍ଟି କ୍ରିୟା ଶେଷ ନ ହେବା ପୂର୍ବରୁ କୌଣସି ସଧବା ସ୍ତ୍ରୀ ଗୃହ ତ୍ରିଃନ ତାର ମୁହଁ ଅମଙ୍ଗଳ ଆଶଙ୍କାରେ—। ଇସ୍ ! ଜଘନ୍ୟ—ତଥାପି ସମାଜର ନିୟମ, ସମାଜର ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଆଦେଶ—ମା ମାଉସୀଙ୍କର ଆଦେଶ ନ ମାନିଲେ ନିଜକୁ ଅପମାନିତ ବୋଧକରିବେ—ସେଇଥିପାଇଁ ମାନିନେବାଟା ବରଂ ଭଲ୍—। ନିଜେ ପୁଣି ମାନି ପାରୁଛି, ଦୁଃଖଟା ହଜମ କରି ପାରୁଛି ସହଜରେ କିନ୍ତୁ ନାରୀର ଜୀବନ୍ତ ମରଣ ଯେତେବେଳେ ହେଉଛି ବେଳେ ତାକୁ ଦୁରେଇ ରଖିଲେ ଆତ୍ମାକୁ କେତେ ନ ବାଧିବ ?

“କେତେ ଦିନ ହେଲା ତତେ ଦେଖି ନ ଥିଲି । ଦେଖିବାକୁ ଭାରି ମନ ହେଲା ପଲେଇ ଆସିଲି”—ସୁନାର ଚକ୍ଷୁ ଖିଅ ଛୁଇଁଦେଇ କହିଲା ନିନା—

“ଆଜି ଦଶ ଦିନ ଯାଇଥିଲେ ତ ଦେଖିଥାଆନ୍ତୁ ।”

“ଆରେ ବାଃ, ତୁ ଏଇଠି ଥିବୁ ଆଉ ମୁଁ ତତେ ଦେଖିବି ନାହିଁ ?”

ସୁନା ହାର ମାନିଲା ମନେ ମନେ—

ନିନା ଗପି ଗଲା କେତେ କଥା—ଅପା ଗଲାଣି ଦିଲ୍ଲୀ କେମିତି ଏକୁଟିଆ ଶୁଏ—ତାକୁ କେହି ଗପ କହନ୍ତି ନି—ଅମରଭାଇ ବାହା ହେଇଛନ୍ତି ମୋତିଗଞ୍ଜ ବଜାରରେ ଅଛନ୍ତି । ସେ ତାଙ୍କ ଘରକୁ ଯାଇଛି । ତାଙ୍କ ସ୍ତ୍ରୀ କେତେ ଖେଳଣା ଦିଅନ୍ତି । ତାକୁ ଭଲ ପାଆନ୍ତି । “ଦେଖିବୁ ଅପା” କହି ନିନା ଦଉଡ଼ିଲା ଉପର ଝଂକାକୁ—ଶୁଖିଲା ମାଟିରେ ମାଛ ପରି ଛଟଛଟ ହଉଥିଲା ନିନାର କଥା କେଇପଦ” ଅମର ଭାଇ ବାହା ହେଇଛନ୍ତି, ଭଉଣି ଏ…ଖେଳଣା ଦିଅନ୍ତି ।” ଆରେ ଏ ପୁଣି କି ଦୁର୍ବଳତା ? ନିନା କେତେ ତ ଗପିଲା । ଏଇ କଥା କେଇପଦ ତାର ମନେ ରହିଗଲା କାହିଁକି ? ନିନା ଫେରି ଆସୁଛି । ହାତରେ ତାର ଗୋଟିଏ ମାର୍ବଲ ପଥରର ଛୋଟ ତାଜ ମହଲ । ସୁନା ଚମକି ଉଠିଲା—ଏଇ ତାଜମହଲ ତ ! ଯାହାକୁ ସେ ବର୍ଷ କଲେଜ ଏକ୍ସ୍ କର୍ସନ୍‌ରେ ଆଉ

କିଣି ଆଣିଥିଲା ଆଗ୍ରାରୁ—ବାଲେଶ୍ୱର ଫେରି ଦୁଷ୍ଟାମି ହସ ଭିତରେ ଅମରବାବୁଙ୍କ ହାତରେ ତାଜମହଲଟି ବଢେଇ ଦେଇ କହିଥିଲା "ନୂଆ ଭାଉଜଟିବାଉ ଆସିଲେ ଦେବେ । ରଖନ୍ତୁ ।" ବଡ଼ ଆଗ୍ରହରେ ଗ୍ରହଣ କରିଥିଲେ ଆଉ କହିଥିଲେ, "ତାହେଲେ ମତେ ଦବା ଦରକାର ନାହିଁ ସୁନା, ବରଂ ତମରି ପାଖରେ ଥାଉ ।" ଦୁହେଁ ହସି ଉଠିଥିଲେ ଜୋର୍‌ରେ । ଅତୀତ ଅଙ୍କ ପ୍ରେତ ପାଲଟିଛି ସୁନା ଆଖିରେ—ସେ ଖିଲ୍ ଖିଲ୍ ହସର ଶବ୍ଦ ଏବେ ବି ସୁନାର କାନରେ ଝାଂଜ ପିଟିଲା ପରି ବାଜି ଉଠିଲା ।

—ଅମରବାବୁ ତା କଥା ରଖିଛନ୍ତି—ଦୁଏତ ଉପହାର ଦେଇଛନ୍ତି ଏଇ ତାଜ ମହଲଟି ତାଙ୍କ ସ୍ତ୍ରୀଙ୍କୁ ଆଉ କହିଛନ୍ତି ସୁନାର ଜୀବନ୍ତ କରୁଣ ଇତିହାସ—କହିବା ଅସମ୍ଭବ ନୁହେଁ—ସେ ଜାଣେ ଅମର ନିର୍ଭୀକ—ସତ କହିବାକୁ ସେ ଦିନେ ହେଲେ ପଛେଇ ଯାଆନ୍ତି । ନିଜର ମାନ ଅପମାନ ସେ ଦେଖନ୍ତି ନାହିଁ । କିନ୍ତୁ ସୁନାର ଅପମାନ ଘୁଞ୍ଚେଇବାକୁ ସେ ଛଳେ ବଳେ ଚେଷ୍ଟା କରୁଥିଲେ । ସୁନାର ଅବମାନନା ଅସହ୍ୟ ହୋଇ ଉଠୁଥିଲା ତାଙ୍କ ପକ୍ଷରେ—କିନ୍ତୁ ଯେଉଁଦିନୁ ସୁନାର ବୁଆ ଜଳଙ୍କ ଲୋକ ମୁହଁରୁ ଶୁଣିଲେ ସେଇଦିନୁ ସେ ଆଉ ତାଙ୍କ ଘରକୁ ଆସିଲେ ନାହିଁକି ଆଉ ଯାହା ବା କରୁଥିଲା ଫଗୁ ଜନପ ନର୍ଦ୍ଦମାରେ ଫିଙ୍ଗିଲା ପରି ସବୁକୁ ଅଡ଼େଇ ନିର୍ଭୀକ ଚିତ୍ତରେ ଆରମ୍ଭ କଲେ ଜୀବନ ଯାତ୍ରା—ସୁନା ଓଜନ କଲା ମନେ ମନେ ସବୁ କଥା—ନିଜ କଢ଼େଇଦେଲା ଚୋଳଣାଟି—ଦେଖିଲୁଣି ଅପା ? କେଡ଼େ ସୁନ୍ଦର ହୋଇଛି ?

"ହଁ", ସୁନାର ଗଳା ଥରି ଉଠୁଥିଲା

"ତୁ ଖାଲି ମୁହଁ ଶୁଖେଇଛୁ କାହିଁକି କହିଲୁ ଅପା ? ବୋଉକୁ ଏଇକ୍ଷଣି ପଚାରିଲି ଯେ କହିଲା ସୁବୋଧ ଭାଇ ମରିଗଲେ କାଲି । ସେଇଥିପାଇଁ କାନ୍ଦୁଛି ? ଛି । ତାଙ୍କର ଯୋଡ଼ ବାଘୁଆ ଆଖି, ଲମ୍ବିଲା ମୁହଁ । ବରବେଶରେ ବସିଥିଲେ ଯେ ମତେ ଭାରି ଡର ମାଡ଼ିଲା—ତତେ ଡର ମାଡ଼େନି ଅପା ?"

"ନାଇଁ ଲୋ ଡର ମାଡ଼ିବ କହିଲୁ ? ସେ ପରା ଆମର ପର ମଣିଷ ?"

"ଆଉ କଣ ? ତୁ ତ କେଡ଼େ ସୁନ୍ଦର ଗୋରୀ । ସିଏ କଳା,—ମୁଁ ଖାଲି ହସୁଥିଲି ଅଗେ—ତାଙ୍କର ଖାଲି ରାଗ—କାହାକୁ ମାଡ଼ ଦେଲା ପରି ଚାଲି ଚାଲି ଅଣ୍ଟି କରୁଥିବେ—କୁହେଁ ଅପା ?"

"ହଁ, ଏମିତି କହନ୍ତି ?" ନନାର କଥା ସେ ସମର୍ଥନ କରୁଥିଲା କି ନାହିଁ ନିଜେ ବୁଝିପାରୁ ନ ଥିଲା ।

ସୁନା ଠିକ୍ ଖାଇଲା—ନନା ଜିଦ୍ କଲା ଅପା ସାଙ୍ଗେ ଖାଇବ—ଅପା ପାଖରେ ଶୋଇବ। ସୁନାର ଦିନ କଟିଲା—ସେ ବିଧବା-ଅସହାୟ, ସ୍ୱାମୀ ଅଶ୍ରିତା—ଏକଥା ଭୁଲି ଯାଉଥିଲା । ନନା ତାର ହୃଦୟର କନ୍ଦର ଭୂଇଁରେ ବିଛାଇ ପାରିଥିଲା ସ୍ନେହର ଗାଲିଚା । ଦିନ ଦିନ ଧରି ଦୁଇ ମାସ ବିତି ଯାଇଛି—ସୁବୋଧ ପାଖରେ ନିଜକୁ ଯେତିକି ଖଟେଇ ପାରିଥିଲା ତାଠୁ ଅଧିକ ନିର୍ମମ ଭାବରେ ଖଟେଇଲା ନିଜକୁ । ଗୋଟିଏ ଚାକର ବ୍ୟତୀତ, ପୁଷ୍ପାର ଚାକର ଆଉ କେହି ନାହିଁ । ସୁନା ରାନ୍ଧେ, ବାସନ ମାଜେ, ଖାଇବାକୁ ଦିଏ, ଘର ଓଳାଏ, ବୋଉକୁ ଘଷେ, ନନାର ପ୍ରତ୍ୟେକଟି କାମ କରେ । ହେନା ନବେଲ ପଢ଼େ—ସୁନା ଘଷିଦିଏ ବୋଉକୁ—ନନା ଚିଡ଼ି ଉଠେ—"ହେନା ଅପାର ଖାଲି ସବୁଟିକଳେ ବହୁଏଡ଼ା, ଅପା ଏତେ କାମ କରିବ ସେଥିରେ ପୁଣି ବୋଉକୁ ଘଷିବ ବାହାରେ !" ସୁନା କଟମଟ କରି ଚାହେଁ ନନାକୁ । ଅପାର କୋଳ ଭିତରେ ମୁହଁ ଲୁଚାଏ ନନା—ରାଗରେ ମୁହଁ ଲାଲ କରି ଉଠି ଆସେ ହେନା—"ନାଇଁ ଅପା, ତୋର ମୁହଁବଡ଼ାରେ ପିଲଟା ନଷ୍ଟ ହୋଇ ଯାଉଛି । ସେ ଆଉ କାହାର କଥା ମାନୁନାହିଁ । ଏତେ ଟିକିଏ ଝିଅ, ଏତେ ବଡ଼ କଥା କହୁଛି ଯେ..."

"ନାହିଁ ଲୋ ହେନା, କଣ କହନା ତୁ । ସଂସାରରେ ତାର ଆଉ କିଏ ଅଛି ଯେ, ତା ଉପରେ ଏତେ ରାଗ ?" ମୁହଁ ଶୁଖେଇ ଉତ୍ତର ଦେଲେ ସୁନାର ବୋଉ ।

ଜୋତା ଠକ୍ ଠକ୍ କରି ଘରୁ ବାହାରିଗଲା ହେନା । ୧୬ ବର୍ଷର ଝିଅ, ଦେହରେ ଲାବଣ୍ୟ ଖୁନ୍ଦ ହୋଇ ରହିଛି । ଆଖିରେ ଚଞ୍ଚଳ ଚାହାଣୀ—ଟିକିଏ ଅଭିମାନିନୀ—ସହିପାରେନି କାହାରି କଥା । ସୁନା ବସି ରହିଲା ଚୁପ୍ ହୋଇ । ହେନାର ରାଗ, ନିନାର ଦୁଷ୍ଟାମି, ବୋଉର ସହାନୁଭୂତି ପାଇଁ ଏକମାତ୍ର ନୀରବତା ଛଡ଼ା ତାର ଆଉ କିଛି ନ ଥିଲା । କେହି ତ ତାକୁ ବୁଝନ୍ତି ନାହିଁ ! ତେବେ ସେ ବଞ୍ଚି ରହିଛି କାହିଁକି । ନିଜର ଚିନ୍ତାରେ ନିଜେ ଚମକି ଉଠିଲା ସୁନା । ଖଟରେ ନିନା ଶୋଇ ପଡ଼ିଛି । ନାଲି ଓଠ ଦୁଇଟି ତାର ଉଜ୍ଜ୍ୱଳ ଦେଖାଯାଉଛି । ଅସ୍ୱସ୍ତି ହୋଇ ସେ ଚାହିଁ ରହିଲା ନିନା ଆଡ଼େ । ଦୁନିଆରେ କେହି ଭଲ ନ ପାଆନ୍ତୁ, ନିନା ତ ଭଲ ପାଏ—ତାରି ପାଇଁ ସେ ବଞ୍ଚି ରହିବ । ମଝିରେ ମଝିରେ ସୁନାର ବୋଉ ଲୁହ ଗଡ଼ାଇ ଗୁଣୁ ଗୁଣୁ ହୁଅନ୍ତି, "କାହିଁକି ଝିଅ ମୋର ଏତେ ପର ହୋଇ ଥାଆନ୍ତା ? କି ଦୁର୍ଯୋଗରେ ସେ ଅଲକ୍ଷଣା ଅମର ଏ ଘରେ ପାଦ ଦେଇ ସବୁ ସତ୍ୟାନାଶ କଲା । ଝିଅକୁ ମୋର ଢାଳ ପାଣିରେ ପକେଇଲି—ଉମାଦେବୀ ବାଧା ଦିଅନ୍ତି "କଣ ଆପଣ କରୁଛନ୍ତି ବୋଉ ? ଆପଣା ସୁନା ତ ଭେଲ, ପରପୁଅ ଦୋଷ ଦେଉଛନ୍ତି କାହିଁକି ?"

"ତା କଣ ମୁଁ ଆଉ ମାନୁନାହିଁ ଝିଅ ? ତା' ନ ହୋଇଥିଲେ ବାପ ସିଏ, ଏମିତିଆ ପାକରେ ଝିଅକୁ ଦବାକୁ ମନ ବଳେଇ ଥାନ୍ତେ କାହିଁକି ? ମୁଁ ମାଇପି ଲୋକ, ମୋ କଥା ବା କାହିଁକି ଶୁଣିବେ ?" ଦୀର୍ଘନିଃଶ୍ୱାସ ଛାଡ଼ନ୍ତି—ସୁନା ଶୁଣେ—ଛାତିକୁ ପଥର କରି ଶୁଣେ—ତା'ର ପାଇଁ ଅମରବାବୁ ପାପୀ, ବ୍ୟଭିଚାରୀ, ଲମ୍ପଟ ଆଉ ଦୋଷୀ ଏମାନଙ୍କ ଆଖିରେ । ବାପାଙ୍କର ବିରୋଧୀ ଲୋକର ପୁଅକୁ ବିବାହ

କରିବାକୁ ଇଚ୍ଛା ପ୍ରକାଶ କରିବାରେ ଯଦି ବାପା ଏ ପ୍ରତିଶୋଧ ନେଇ ପାରନ୍ତି, ତାହାହେଲେ ଝିଅର ଦୁରବସ୍ଥାରେ ମାତୃ ହୃଦୟ ଯେ ଅନ୍ୟକୁ ଦୋଷ ଦେବ, ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ସୁନାର ଭାବନାର ଅନ୍ତ ନାହିଁ । ନନା ପାଖରେ ଥିବା ପର୍ଯ୍ୟନ୍ତ କିଛି କଥା ମନେ ପଡ଼େ ନାହିଁ । ପାଖରେ ନ ଥିଲେ ଦୁନିଆର ସବୁ ଚିନ୍ତା ଭୁଣ୍ଡ ହୋଇ ଆସେ, ତଥାପି କାମରେ ହାତ ଦେଲେ ସବୁ ଉଭେଇଯାଏ ଗୋଟିକ ପରେ ଗୋଟିଏ । ନନାର ପାଟି ଶୁଣି ସୁନା ବାହାରକୁ ଚାହିଁଲା—ନନା ଆସୁଛି । ପଛରେ ଓଢ଼ଣା ଟାଣି ଆସୁଛନ୍ତି ଜଣେ ଭଦ୍ର ମହିଳା, ସୁଶ୍ରୀ-ଶ୍ୟାମଳୀ । ହେନା ଓ ଭାଉଜ ବୋଉ ବଡ଼ ଆଦରର ସହିତ ତାଙ୍କ ଆଣୁଛନ୍ତି ତାଙ୍କୁ ତାର ଘରକୁ । ସୁନା ଚିହ୍ନିପାରୁ ନ ଥିଲା—ନନା ଦୌଡ଼ି ଆସିଲା, "ଅପା, ଅମର ଭାଇଙ୍କ ସ୍ତ୍ରୀ ଆସିଛନ୍ତି ।" ଅମର ଭାଇଙ୍କ ସ୍ତ୍ରୀ ? ବିବ୍ରତ ହୋଇ ଉଠିଲା ସୁନା । ଏଇ ଅଳ୍ପ କେତୋଟି ମୁହୂର୍ତ୍ତରେ ସଜାଡ଼ି ନେଇ ପାରିବ କି ନାହିଁ ଭାବୁଥିଲା—ତିନି ଜଣଯାକ ସୁନାର ଶୋଇବା ଘରେ ପହଞ୍ଚିଲେ—ହେନା ହସି କହିଲା, "ଇଏ କିଏ ଚିହ୍ନିଛୁ ନା ଅପା ? ଉମାଦେବୀଙ୍କର ହସ ଭେଦ ଯାଉଥିଲା ସୁନାର ରକ୍ତ···ମାଂସ ହାଡ଼··· ।"

"ହଁ" କହି ସୁନା ହସିବାକୁ ଚେଷ୍ଟାକଲା, ବହୁତ ଦିନ ତଳର ପୁରୁଣା ହସ । ଅନେକ କଥା ପଡ଼ିଲା—ଶିକ୍ଷା, ସଭ୍ୟତା, ସମାଜ, ସଂସ୍କାର । ସମସ୍ତେ ଶିକ୍ଷିତା, ସୁନ୍ଦରୀ ଯୁବତୀ—ସୁନା କେବଳ ସୌନ୍ଦର୍ଯ୍ୟ ଓ ଯୌବନକୁ ତଡ଼ିବାକୁ ଚେଷ୍ଟା କରିଥିଲା ।

ବିଧବା ବିବାହ ନେଇ ଅମରର ସ୍ତ୍ରୀ ସୁଷମା ଯୁକ୍ତି କଲା "ଅଳ୍ପ ବୟସର ବିଧବା, ସମାଜର ବିପଦ ।" ସୁନା ଛାତିରେ କଅଁ ହୁଲା ପରି ଏହା ବାଜିଲା । ହେନା ସାମାନ୍ୟ ଯୁକ୍ତି କଲା, "କାହିଁକି ? ସେ ଭଲ ରହିବାକୁ ଚେଷ୍ଟା କରିବ ?"

"ହଁ ସେ ନିଜେ ଭଲ ରହିପାରେ କିନ୍ତୁ ଏ ପୁରୁଷ ପିଲାଙ୍କୁ କିଏ ସମ୍ଭାଳି ହେବ ? ସେମାନେ ପରା···" କଥା ଅଧା ରହିଗଲା—ଜନା ପାନ ନେଇ ଦୌଡ଼ି ଆସୁ ଆସୁ କହିଲା "ଅପାମ ଅମର ଭାଇଙ୍କୁ ଜର ହେଉଛି, ସ୍ୱର ଝଡ଼ିଗଲେଣି"—ସୁନା ମୁହଁର କରୁଣ ଭାବ ଲକ୍ଷ୍ୟ କରି ପାରୁ ନ ଥିଲା ଜନା । ବଦ୍ଧପର ଘଣ୍ଟ ମାତ୍ର ସୁଷମା ଦେବୀ କହିଲେ, "ତମକୁ ସୁନା ଅପାଙ୍କ ଆଗେ କହିବାକୁ କହିଥିଲେ ନାଁ କିଅଣ ?"

କାବା ହୋଇ ଜନା ପଚାରିଲା, "ମତେ କହିଲେ ? କାହିଁ ତ ?" ସୁନା ଆଖି ଲୁହ ବଡ଼ କଷ୍ଟରେ ଚାପି ରଖିଥିଲା—ସୁନାର ଭାଉଜ ସମସ୍ତଙ୍କ ପଛରେ ଯାଇ ଯାଉ କହିଲେ, "ସତ କଥା, ବିଧବା ଝିଅ ଜଳନ୍ତା ନିଆଁ ବୋଝ—"

× × × ସୁନା ଜିଦ୍ ଧରିଛି ଶାଶୁଘର ଫାଁକୁ ଯିବ—ସୁନାର ବୋଉ ପ୍ରଥମେ ପ୍ରଥମେ ଆପତ୍ତି କରୁଥିଲେ । କିନ୍ତୁ ଅନ୍ୟ କାହାର ଆପତ୍ତି ନ ଥିବା ଦେଖି ସେ ମଧ୍ୟ ନୀରବ ରହିଲେ । ଜନା କାନ୍ଦିଲା "ଅପା ଯିବନି ।" ଗଲେ ସେ ବି ଯିବ ତା ସାଙ୍ଗେ—ସୁନା ପ୍ରତିଜ୍ଞା କରିଥିଲା କାହାରି ପାଖରେ କିଛି ଅନୁରୋଧ କରିବ ନାହିଁ —କିନ୍ତୁ ସେ ପ୍ରତିଜ୍ଞା ତାକୁ ଭାଙ୍ଗିଲା ବୋଉଙ୍କ ପାଖରେ ଜନାକୁ ସାଙ୍ଗରେ ନେବାର ବ୍ୟାକୁଳ ମିନତି ବ୍ୟର୍ଥ ହୋଇ ନ ଥିଲା । ଏଥର ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇଲେ ଜନା ଆଉ ସୁନା । ସୁନା ଭାବି ପାରୁ ନ ଥିଲା ସେ ଅସହାୟ ଓ ସମାଜର ଘୃଣ୍ୟ ଜୀବ। ତାର ଆଶା ଭରସା ସ୍ନେହ ଓ ଶ୍ରଦ୍ଧାର କେନ୍ଦ୍ରସ୍ଥଳ ଜନା ଚାଲିଥିଲା ଆଗେ ଆଗେ ।

# ଲୁହର ଶିଶୁ

ଶ୍ରୀ ବ୍ରଜକିଶୋର ମହାନ୍ତି

ହ୍ୱା..........ହ୍ୱା..........ହ୍ୱା..............।

ନରଅ ହସୁଉଠେ । ମସିଅ ମସିଅ ବାହ୍ୱାଳା ଛୁଦାନ୍ତ ଦନ୍ତା ତାର ପଦାକୁ ବାହାର ପଡ଼େ—ଚଲ୍ଲ ଚଲ୍ଲ ଢେବ ଆଖି ଦନ୍ଠା ଟିକିଏ ବଡ଼ ବଡ଼ ହୋଇଯାଏ—ପାଟିଟା ଟିକିଏ ମେଲା ହୋଇଯାଏ । କେମା କେମା ହାତ ଦନ୍ଠା ଆଗକୁ ଲମ୍ବିଆସେ—ହସି ହସି ପିଲାଙ୍କ ଅଡ଼କୁ ସେ ଦଉଡ଼େ । ପାଟିକରେ, "ଅରେ, ଏଇଠିରେ.........ରହ ରହ ଏଥର ପିବ କୁଅଡ଼େ ? ହଉ ହଉ ଯେ.........।" ପୁଣି ହ୍ୱା...ହ୍ୱା...ହ୍ୱା...।

ଛଟପିଟ ହୋଇ ପିଲାଏ କିଏ କୁଅଡ଼େ ଦଉଡ଼ନ୍ତି । କିଏ ଦଉଡ଼ି ନ ପାରି ଗଡ଼ା ଧରେ—ଦଉଡ଼ୁ ଦଉଡ଼ୁ କିଏ ରଡ଼ି ଛାଡ଼େ—କିଏ ବାଟଳରେ କାନ୍ଦଉଠେ, "ବାପା ଲୋ...ପିଲା ଧରା—ଏଁ......ଏଁ...... ।" ନରଅ ଅଟକି ଯାଏ । ବୁଲ ହୋଇଆସେ ପାଟି—ମୁଦ ହୋଇଯାଏ ଆଖି-ଲମ୍ବିଲା ହାତ ପଛକୁ ଫେରିଆସେ । "ପିଲାଧରା.....ଏଁ...ଏଁ... ଏଁ...।" ଗୋଡ଼ ପଡ଼େ ନା ଆଗକୁ । ପିଲାଏ କାନ୍ଦ କାନ୍ଦ ଦଉଡ଼ନ୍ତି । ଖେଳିଅ ମେଳିଅ ହୋଇ ପଡ଼ିରହେ କୁଲେଇ, ଭୋଟେଗଲ, ଫୁଲ ପତର—ନାନା ରଙ୍ଗବେରଙ୍ଗର ଖେଳନା । ଭାଙ୍ଗିଯାଏ ବାଲିର ଭଟଲିର ଘର-କାଉଁରିଅ କାଠିର କୁଅ ବାଉଁଶ ।

ତାହା ବାପ ଭାଇମାନେ ଧାଇଁ ଆସନ୍ତି—ମା' ଭଉଣୀମାନେ ବାହାରି ପଡ଼ନ୍ତି । ମା ତାହାର କହେ, "ମଲାମର, ବାଡ଼ପଶା, ଯୋଗନାଖିଆ, ଅଲକ୍ଷଣିଆଟା—ସକାଳ ପହରଠାରୁ ପିଲାଗୁଡ଼ାଙ୍କୁ କନ୍ଦଉଛୁ । ତୁଅ ତୁଅ ଦିନକର ବେଳ ଅଛି ।" ଆଉ କିଏ କହେ, "ଆରେ ହେ, ଗୋଲାମ ଛତରଖିଆଟା, କାହିଁକି ପିଲାଗୁଡ଼ାକ ଠେଇଁ ପଡ଼ୁଛୁ ବା । ବାଡ଼ପଶାଟା ସବୁବେଳେ ଅଣ୍ଡି ଦେଇ ଦେଇ କେଡ଼େ ହତଶିରିଆ କରିଦେଲାଣି ମୋ ଧନକୁ ।" ତାହା ବାପ କହେ, "ଲଗେଇବ ଯେ ଧରି ଦିଅଟା ଥାପଡ଼, ଏକାଥରେ ବୋପାକୁ ମଉସା ଡାକୁଥିବ । ସବୁବେଳେ ଅସ୍ତି ଗୋଟାଏ ହୁନ୍ଦର ଲଗେଇଛି ହୋ ।" ତାହା ଭାଇ କହେ, "ଯାହା ହେଲେ ହବ, ଏଥର ତୋ କାନମୁଣ୍ଡା ଏକା ପାହାରେ ଫଟେଇବ; ଦେଖିବା କିଏଁ ବୋପା ତୋ ପିଠିରେ ପଡ଼ିବ ।" ମାମଲତକାର ବୁଢ଼ାଏ ପାକୁଆପାଟି ପାକୁ ପାକୁ କରି ଥରି ଥରି କହନ୍ତି, "ଜାଣିଲୁ ବାପା, ଏଗୁଡ଼ା ପିଲାଖେଳ କଥା ନୁହଁ । ପିଲାଙ୍କ ଉପରେ ଅଣ୍ଡି ପକାଇଲେ ପିଲାଏ ଜମା ଉଧାନ୍ତି ନାହିଁ ପରା । ଯା, ତୋ କାମ ତୁ ଦେଖେ କଣ ବୁଝିବୁ । କାହିଁକି ଗୋଟାଏ ମିଛରେ ଏଠି ଲଗେଇଛୁ ?"

ନରିଆ ଶୁଣେ—ଚୁପ୍ ହୋଇ ଠିଆ ହୋଇ ସବୁ ଶୁଣେ । ହୁଁ ଚୁଁ ହୁଏ ନାହିଁ—ପାଟି ତୁଣ୍ଡ ଫିଟାଏ ନାହିଁ । କାନରେ ତାର ଯେପରି କିଏ ଗୁଡ଼ାଏ ତତଲା ଅଙ୍ଗାରା ଲୁହା ଢାଳିଦିଏ—ଛାତି ଭିତରେ ଯେପରି କିଲ ଟକଟକ ଗରମ ଲୁହାକଣ୍ଟାଗୁଡ଼ାଏ ଫୋଡ଼ି ହୋଇଯାଏ । କାନରେ ତାର ପଡ଼େ କେତେ ସ୍ୱର—ଆଗରୁ—ପଛରୁ—ପୁଣି ଚାରିଆଡ଼ୁ, "ପିଲାଧରା, ବାଡ଼ପଶା, ଯୋଗନାଖିଆ—ଅଲକ୍ଷଣା ।" ନରିଆ ପଛକୁ ମୁହଁ ଫେରାଏ—ଗହିରିଆ ଆଖିଦିଟା ତାର ଲୁହରେ ଜକଜକ ହୁଏ । କେମା କେମା ହାତର ବଙ୍କା ଅଙ୍ଗୁଠିରେ ଛଇଛଇକା କପାଳକୁ ସେ ଝାଳ ପୋଛେ । ଥରି ଥରି ପାଦ ପକାଏ ଆଗକୁ ।

ପିଲାଏ ତାକୁ ଦେଖିଲେ କାନଫଟା ରଡ଼ି ଛାଡନ୍ତି । ଟୋକାଏ ଦେଖିଲେ ତାଳି ମାରନ୍ତି—ଟୋକୀଏ ଦେଖିଲେ ହସି ଉଠନ୍ତି—ମରଦ ମାଇପେ ନାକ ଟେକନ୍ତି—'ମଲାମର, ବାଡ଼ିଘଣା, ଅଲକ୍ଷଣୀଟା ।' ପୁରାଣ ପୋଥି ପଢ଼ି ନିଷ୍ଠାରେ ଚଳୁଥିବା ମହାନ୍ତି ଘର ବାବୁବୋଉ କହେ, "ଏଇଟା ଖାଲି ପିଲାଙ୍କ ରକ୍ତ ଶୋଷୁଛି ପରା । ସବୁବେଳେ ତର ଖୋଜୁଛି । କେତେବେଳେ କେମିତି ବାଗ ପାଇଲେ ପିଲାଙ୍କୁ ଟେକି-ନବ ।" ଭୁ ଭୁ ମେଘ ପବନରେ, କଳା କାଟକୁଟ ବାଦଲ ଅନ୍ଧାର ସଞ୍ଜରେ ମଶାଣି ପଦାରେ ସେ ବୁଅଡ଼େ ମଲାପିଲାଙ୍କୁ ଖୋଜେ—ଛାତିରେ ଆଣି ଜାକେ—ମୁହଁରେ ମୁହଁ ଲଗାଇ ରକ୍ତ ଶୋଷେ । କଟକ ଫେରନ୍ତା କରୁଣା କହେ, "ଏମିତିକା କେତେ ଲୋକେ ବୁଅଙ୍କୁ ଧରି ନେଉଛନ୍ତି । ପଇଁ ନୂଆପୋଲ କାଠଯୋଡ଼ୀରେ ଛଅଗ ହେଉଛି ଖୁଡ଼ୀ, ସେଇଠି ନେଇ ଦେଉଛନ୍ତି । ସରକାର ଘରୁ ଲୁଚେଇ କରି ଟଙ୍କା ଆଣୁଛନ୍ତି । ଏ ଅମଙ୍ଗଳଙ୍କ ମୁହଁ ଗୁହିଁ ଦରକାର ନାହିଁ ।" ଗାଁ ପଣ୍ଡିତେ ଦାରୁଣ ଅପଣେ କହନ୍ତି, ଯା ମୁହଁ ଗୁହିଁଲେ ସବୁ ବିଘ୍ନ ଉପୁଜେ, ପୁଷ୍ଟ ଯୋଗିନୀ ସମ୍ମୁଖରୁ ଆସେ । ଯାତ୍ରା ଦ ଶୁଭଥିଲେ ଅଶୁଭ ପାଲଟେ ।" ପିଲାଏ ଫୁସ୍‌ଫାସ୍ ହୋଇ ତା ଆଡ଼େ ଆଙ୍ଗୁଠି ଦେଖାଇ କହନ୍ତି, "ବାପାଲୋ, ପିଲାଧରା, ଏଇଠି ଅଛି । ଦାନ୍ତ କଡ଼ମଡ଼ କରୁଛି—ଆଖି ତରାଟୁଛି—ପାଟି ଫାଳୁ ଘାଳୁ କରୁଛି । ଅଲରାମଲରା ବାଳ—ବଡ଼ ବଡ଼ ନଖ । ଅଇଲା ଲୋ ବୋଉ—ଭୁସୁଭୁସୁ ହୋଇ ମାଡ଼ି ଆଇଲା । ମୁଣିରେ ପୁରେଇଦବ—ଛୁରୀରେ କାଟି ଟିକଟିକି କରିଦେବ ।"

ଏମିତି କେତେ ଅଜବ କଥା କେବେଠୁଁ ଶୁଣି ଶୁଣି ଜରିଆର ଛାତି ହେଲଣି ପଥର, ମନ ହେଲଣି ଅଚଳ, କାନ ହେଲଣି ବଧୀର । କାହା କଥାକୁ ସେ କାନକୁ ନିଏ ନାହିଁ । କେଉଁ କଥାରେ ହଲଚଲ ହୁଏ ନାହିଁ । କେଉଁ ବିଷୟରେ ମଣ୍ଡ ପୂରାଏ ନା । ମାଛିକୁ ମ କହେ ନାହିଁ । ହଳଦିଆ ପାଣିରେ ଗୋଡ଼ ପୁରାଏ ନାହିଁ । ଅବୁଝାଳିଆ, ଅପରିଚ୍ଛନିଆ, ଅସୁନ୍ଦରିଆ ସେ । କଳା ଜଟଜଟ ଦେହ । ସରୁ ସରୁ ହାତ ।

ମୁହଁରୁ ଲାଳ ଗଳୁଚି ଯାଉଛି । ଲମ୍ବ ଦାନ୍ତଦଟା ବାହାଡ଼ା ହୋଇ ଅଗକୁ ବାହାରି ପଡ଼ିଛି । ଖସିଲା କପାଳ, ପଶିଲା ଗାଲ, ଫୁରୁଫୁରୁ ବାଳ ଗୋଟି ଦଟା ଧରୁ । ଅଣ୍ଟିକାପର ଚେଠଟା ପଦାକୁ ବାହାରି ପଡ଼ିଛି । ଲାଠି ଉପରେ ବଢା ଲମ୍ବ ପର ଗଣିଲା ଟଣିଲା ହାଡ଼ ।

ନରିଅକୁ କେତେବର୍ଷ ହେଲାଣି କେହି ଜାଣନ୍ତି ନା । ସେ ନିଜେ ବି ତାର ହିସାବ କିତାବ ରଖିନି । ପାଧେଇ ଜେନା କହେ, "ତା ବଡ଼ପୁଅ ବୁଅଡ଼େ ଯୁଆ ସାଙ୍ଗର । ବଡ଼ପୁଅର ଝିଅ ମାଇପିଗଛ ହେଲାଣି । ତା ପାଇଁ ବରଘର ଖୋଜା ହେଲାଣି ।" ନରିଅ ବି ସତକୁ ସତ ଦେଖେ ତାଠୁଁ ସାତସାନ ବ୍ରାହ୍ମଣ ଘର ଫରିଅ । ସେ ଏବେ ଯୋଡ଼ା ଯୋଡ଼ା ପିଲାର ବାପ । କେତେ ସ ନ ପଦ୍ମଲା ଭାଇ ଝିଅ କମଳୀ, ସେ ବି ଏବେ ବୁଢ଼ୀ ହୋଇଗଲାଣି । ଗୁରୁମ୍ବାଟା ପିଲା ଜନମ କରି ବଳ ତାର ସରିଗି ପଲାଣି । ଆଉ ସେ—କେତେ ବରଷର ସତେ କେଜାଣି ।"

ଗାଁ ମୁଣ୍ଡର ଶିଉଳିଲଗା ଭଙ୍ଗା ମହାଦେବ ମନ୍ଦିରର ମଣ୍ଡପ ଉପରେ 'ଗ ଗାମୁଛା ପାରି ପଡ଼ିରହେ, ନ ହେଲେ ଛପରଉଡ଼ା ନେଫା ଭାଗବତ ଘରର ଖଣ୍ଡିଆ ଖାବରା ପିଣ୍ଡା ଉପରେ ହାତଦଟାକୁ ମୁଣ୍ଡତଳେ ଯୋଡ଼ିଲମ୍ବ ହୋଇପଡ଼େ । ସଁ ସଁ ନିଃଶ୍ୱାସ ଛାଡ଼େ—ପାଟିରୁ ନାଳ ବହେ—ଛାତି ଧଡ଼ଧଡ଼ ହୁଏ । ଦେଖିଲା ଲୋକେ ଚିଡ଼ନ୍ତି, ପାଟି କରନ୍ତି, "ଅଲକ୍ଷଣାଟା ଗରଳ ଗାଳୁଛି ହୋ ।" ନରିଅ ଚମକି ପଡ଼େ । ଆଖି ମଳି ମଳି ବୋବାଳିଆ ଦୃଷ୍ଟିରେ ଚାରିଆଡ଼କୁ ଚାହେଁ । ମେଲା ହୋଇଥିବା ପାଟି ବୁଜି ହୋଇଆସେ । ମନକୁ ମନ ସେ ହସେ, କାନ୍ଦେ—ଗୁଣୁ ଗୁଣୁ ହୁଏ । କଣ୍ଠଟା ତାର ସଁ ସଁ ହୁଏ । ଆଗକୁ ଆଗକୁ ଗୋଡ଼ ପକାଏ—ପଛକୁ ପଛକୁ ଫେରେ । ପୁଣି ଆଗକୁ ପୁଣି ପଛକୁ । ଗଣି ଗଣି ପାଦ—ଥର ଥର ଭୂଇଁ । "ଲୋକେ କହନ୍ତି, ଲୋଭସ ହେଉଛି ମାଙ୍କୁଅଟା । ମାଇପେ କହନ୍ତି, "ବାଉଁପଣା ନବଳ କାହୁଁଛି । ଅରେ ହେ, ନବଳ ପଦ ଚାହୁଁଛି ସୁଅଙ୍ଗ ଦଳରେ ଯାଇ ପଶୁନ୍ତୁ । ଅରେ କଣ ହବୁ ବା ?

ରଜା ନାଁ ମନ୍ତ୍ରୀ……।" ନଇଅ ମନକୁ ମନ ହସେ । ଗୁଣୁ ଗୁଣୁ ହୁଏ—ରଜା ନାଁ ମ…ନ୍ତ୍ରୀ…ରୀ… । ତା ଅଖିରେ ଅଜ କେହି ଦଶନ୍ତି ନା । ସାମନାରେ ନାଚ ଉଠନ୍ତି ଟିକି ଟିକି ପିଲାଙ୍କ ଦଳ । ଧୂଳିଆ ଧୂସର ଦେହ—ନାଲି ଟୁହୁଟୁହୁ ଓଠ—କଳା ଘଚମଚ ବାଳ—ଗୁଲୁଗୁଲୁ କଥା—ଥରୁଥୁରୁ ଗୋଡ । ଝିମି ଝିମି ହୁଏ ନଇଅର ମନ—କଣି କଣି ହୁଏ ଛାତି, ମେଲ ହୋଇଅସେ ପୁଣି ପାଟି । ସେ ଦେଖେ କେତେ ଟିକିଟିକି ପୁଅଝିଅ ; ନାଲି ନେଳ ଲୁଗା—ଛିଟ ଛିଟ ରଙ୍ଗର ପେଣ୍ଟ, ହୁରୁତା, କଣ୍ଢେଇ, ପେଁକାଳି, ବାଜା, ଭେଁପାଇ । ପିଲାଙ୍କୁ ଧରିବାପାଇଁ ତା ମନ ଛଟପଟ ହୁଏ, ହାତଦଟା ଆଗକୁ ଲମ୍ବି ଅସେ । ଚମକିପଡ଼ି ସେ ଦେଖେ, ପିଲାଏ ନାହାନ୍ତି—କେହି ନାହାନ୍ତି । ସାମନାରେ ଭଗତ ବାଡ଼ିର ଝଙ୍କାଳିଆ ବଉଳଗଛ—ଡେଙ୍ଗା ଡେଙ୍ଗା ନଡ଼ିଆଗଛ । ସେଇ ଝଙ୍କା ବଉଳର କେଉଁ ଏକ ଗହଳ ଭିତରୁ ଡାମରା କାଉଟା ରଡ଼ି ଛାଡୁଛି—କା…କା…କା… । ପିଲାଙ୍କୁ ଦେଖିବାପାଇଁ, ପିଲାଙ୍କ କଥା ଶୁଣିବାପାଇଁ, ପିଲାଙ୍କ ନାଟତାମସା ଉପଭୋଗ କରିବାପାଇଁ ନଇଅ ବିକଳ ହୋଇ ଧାଏଁ । ଗୁରୁଅଡ଼େ ଖୋଜେ, କାହାନ୍ତି—ପିଲାଏ କାହାନ୍ତି ! ! ! କେଉଁଠି ଖେଳୁଛନ୍ତି ବୋହୂବୋହୂକା—ଲୁଚକାଳି—ବୁଢ଼ୀଅଣି ଖେଳ ।

ପିଲାଙ୍କୁ ଦେଖିଲେ ସେ ଟିକିଏ ଅଟକିଯାଏ, ବାଡ଼ କଡ଼ରେ କି ପତର ଗହଳରେ ସେ ଲୁଚିଯାଇ ଜୁକୁଜୁକୁ କରି ଚାହେଁ, ମନକୁ ମନ ହସେ—ପାଟି ପାକୁ ପାକୁ କରେ । ଯେତେବେଳେ ଅଉ ସମ୍ଭାଳି ହୋଇ ନ ପାରେ ବଡ଼ ପାଟିରେ ହସିଉଠେ, ହା……ହା……ହା…… । ପାଟି କରେ, "ଅରେ, ଏଇଠିରେ……ରହ ରହ ଏଥର ଯିବୁ କୁଅଡ଼େ ?" ପୁଣି ହୁଏ ପାଟି—କାନ୍ଦଣାର ସ୍ୱର—ଗାଳିଗୁଲଜ—"ଅଲକ୍ଷଣା, ବଦମାସ, ପିଲାଧରା ।"

ଗାଁ ଭିତରେ ତାକୁ ଟିକିଏ ଜାଗା ମିଳେ ନାହିଁ । କାହା ପିଣ୍ଡା କି ଦୁଆର ପାଖେ ଠିଆ ହେଲେ ଘରବାଲା ଝେପ୍ସା ହୁଏ, ନାଇ ଅଣି

ତପରେ—ଜେଜମାନ କର କଥା କହେ, ନରିଆ ଫେରେ । ଭଲ
ମନ୍ଦରେ, ପୂଜାଅଁ ପରବ, ବାହା ପୁଅଣିରେ ସେ ଅଗ ଯାଏ ନା । ଶେଷକୁ
ଯାଏ—ଲୁଚି କରି ଠିଆହୁଏ—ମାଗି କରି ଗଣ୍ଡାଏ ଖାଇବାକୁ ପାଏ
ଗାଁକୁ ନୂଆ ପୁଅଣି ହୋଇଗଲେ ତା ମୁହଁ ଗୁହାନ୍ତି ନା—ବୋହୂ
ଆସିଲେ ତା ମୁହଁ ଦେଖନ୍ତି ନା । ପୁଅମାନେ ବିଦେଶ କରି ଗଲେ ତ
କଥା ଭୁଣ୍ଡରେ ଧରନ୍ତି ନା—ସେଇ ବାଲାସୁଣୀ ଗାଁ ମୁଣ୍ଡର ପୁରୁଣା ଭାଗବତ
ଘର ପିଣ୍ଡାରେ ସେ ଢଳିଥାଏ ।

କେତେବେଳେ ସେ ଯାର ତାର କାମ କରିବାକୁ ଯାଏ, ସମସ୍ତଙ୍କ
ଆଗରେ ଯାଇ ସମସ୍ତଙ୍କ ପଛରେ ଫେରେ । କେଉଁ ଦିନର ଅମ୍ବିଲା
ବାସୀ ପଖାଳ ଦିଟା ଯାହା ଖାଇବାକୁ ପାଏ । ମୂଲ ବା ମଜୁରି ଆଉ ତାକୁ
ମିଳେ ନା । ଆଉ ଆଉ ମୂଲିଆ ମୂଲିଆଣୀମାନେ ତାକୁ ଦେଖି ଠଟ୍ଟା
କରନ୍ତି । ମାଲ ବାଉରାଣୀ କହେ, "ଆରେ ହେ, ଦଶହଜାରି ନରିଆ
ବାଡ଼ପଣା, ତୁ ବାହା ହଉନୁରେ । ସେମିତି କରି ବଡ଼ ବାଜା
ବଜେଇ ଗାଁ ଦାଣ୍ଡରେ ଯିବୁ ।" କୁଲିଆ ଗଉଡ଼ କହେ, "କାଟଲ
ମାଲ, ତୁ କଣ ଆଉ ତାକୁ ବାହା ହବୁ କି ?" ସମସ୍ତେ ହସନ୍ତି—
ମାଇ ଗଡ଼ିଯାଇ ଗହିର ବିଲ କମ୍ପାଏ । ନରିଆ ମୁଣ୍ଡ ଟେକି ଗୁହେଁ ।
ସାଧୁଆ ବୁଢ଼ାର ଖୋଲ ବରଷର ଛନ ଛନ ଛଇଳି ଟୋକି ଫୁଲ
ବାଉରାଣୀ । ତାରି ଆଡ଼େ ଗୁହିଁ ହସୁଛି । ଫୁସ୍ ଫୁସ୍ ହୋଇ ଚହ
ଟିକ୍ ଜଣ ଟୋକା ସରବାକୁ କଣ କହୁଛି । ସରବା ହସିହସି ଡ
ଦନ୍ତରେ ଟିକିଏ ଦାଇଲଟା କାମୁଡ଼ଏ । ନରିଆ ମୁଣ୍ଡରୁ ଝାଳ ପୋଛେ
କାନ ସନ୍ଧିରୁ ବାହାର କରି ଖଣ୍ଡିଅ ପିକା ଖଣ୍ଡିକରେ ନିଆଁ ଧରାଏ
ହାତ ମୁଣ୍ଡରେ ବସି ନାସାଗ୍ର ଭାବରେ ପିକାକୁ ଟାଣି ଲାଗେ । ଭସଭ
କରି ଧୂଆଁ ଛାଡ଼େ ।

ସେଇ ଧୂଆଁ କୁଣ୍ଡଳୀକୁ ଗୁହିଁ ରହି ସେ ହସେ—ଫଁ ଫଁ ନିଶ୍ୱା
ଛାଡ଼େ । ଖସ ତାପରେ କେଳିଆ କେଳିଆ ଦଣେ ଧୂଆଁର ଗୋଳ

ନରିଅକୁ ଲାଗେ ତା ମନଟା ଯେପରି ଖାଲି ଗୋଡ଼ା କରି ଧୂଆଁ ହୋଇ ଯାଉଛି । ତାଠି ଯୋଗ୍ୟର କଏ ନିଆଁ ଲଗାଇ ଖାଲି ଶୋଷିବାରେ ଲାଗିଛି—ଧୂଆଁ ପରି ଭସ୍‌ଭସ୍ କରି ଉପରକୁ ଛାଡ଼ ଦେଉଛି । ଘେରେଇ ଘେରେଇ ସେ ଗୃହଅଡ଼କୁ ପୁଣି ଚାହେଁ । ସାଇଁ ସାଇଁ ହୁଏ ପବନ, ସଲସଲ ହୁଏ ଧାନଗଛ । ନରିଆ ପୁଣି କାମକୁ ଫେରେ ।

ବେଳବୁଡ଼େ କାମରୁ ଫେରି ସେ କେତେ କଥା ଭାବି ବସେ । ମାଇପଞ୍ଜର ମୁହଁ ଲୁଚୁ ଅନ୍ଧାରରେ ତା ଆଗେ ନାଚେ କେତେ ପିଲାଙ୍କ ମୁହଁ—ହସ ହସ ମୁହଁ—ଦୁଷ୍ଟାମି ଭରା ମୁହଁ । ପୁଣି ଶୁଣେ ଗୁଲୁ ଗୁଲୁ କଥା—ଦେଖେ ହଲ ଦୋହଲ ଚାଲି । ନରିଆ ମନ ଛଟପଟ ହୁଏ । ଏମିତି—ଠିକ୍ ଏମିତି ପିଲାଏ ତା ଚାରିପଟେ ଖେଳନ୍ତେ—ବୁଲନ୍ତେ—ତାଳିମାରି ହସନ୍ତେ । ତାକୁ ମାଗନ୍ତେ ନଡ଼ି, ମିଠେଇ, କୋଷ, ଫୁଲ, ଭେଗାଇ, ବୁଲେଇ । ସେ ସମସ୍ତଙ୍କୁ ଅଣନ୍ତା—କୋଳରେ ଧରନ୍ତା—ଛାତିରେ ଜାକନ୍ତା, ଲୁଲୁକୁଲିଆ ମୁହଁରେ ଚୋକ ଦଅନ୍ତା । ହସି ହସି ପିଲାଏ ତାକୁ ଡାକନ୍ତେ—ବାପା······ ବ ପାଲେ ···ହେ···ବା··· ପା······ଆ··· । ନରିଆ ତାଙ୍କୁ ଅଧୁରି ଜୋରରେ ଛାତିରେ ଜାକନ୍ତା ।

ରାତି ଅକାଶର ଅଗଣନ ତାରା ଫୁଲ ଆଡ଼େ ଚାହିଁ ରହି ସେ କେତେକଥା ଏହିପରି ଭାବେ । ପାହାନ୍ତି ପହରର ଶୀତଳ ପବନରେ ଗଲାଦିନର କେତେକଥା ଆଖିଆଗରେ ଲୁଚକାଳି ଖେଳନ୍ତି । ନରିଆ ଭାବେ ସେ କଣ ଏମିତି ଥିଲା—ସତେ ଏଡ଼ିକି ଅସୁନ୍ଦର—ଏଡ଼ିକି ଅବୁଝିଆ । ତା ଘର ପଇଲେ କଣ ଲୋକଙ୍କ ନାହିଁ ଦେଉଥିଲା ନାଁ ତା ନାଁ ଶୁଣୁଣୁ ପିଲାବୁଅ, ମରଦ ମାଇପେ ନାକ ଟେକୁଥିଲେ—ତା ଉପରକୁ ସବୁବେଳେ ଠକ୍ ଠକ୍ ହେଉଥିଲେ ? ସେତ ପୁଣି ଥିଲା ବାପା ମାଙ୍କର ଗୋଟିଏ ବୋଲି ପୁଅ—ଗେଲବସର ପୁଅ । ମା ତା'ର ଡାକି ନ ଖୋଇଲେ ଖାଉ ନ ଥିଲା—ସେ ସାଙ୍ଗରେ ନ ଖାଉଥିଲେ ବାପକୁ ସବୁ ଘସୁଥିଲା ବଡ ଅଉ ଅଉ ଚିଜକ ପରି ସେ ବି ତା ବାପ

କାନ୍ଧରେ ବସୁଥିଲା—କାଖ ହେଉଥିଲା—ପିଠରେ ହେଉଥିଲା ନାଇ । ବୋଉ ବି ତାକୁ କୋଳରେ ଧରି "ଧିଅରେ କାଇଅ ଧୁଅ" କହୁଛି—ସରଗର ଜହ୍ନକୁ ତା ହାତରେ ପଡ଼ିବାକୁ ଡାକୁଛି—ରଜାପୁଅ, ମନ୍ତ୍ରୀ ପୁଅ, ଚୋର ସଙ୍ଗାତ କଥା କହୁଛି । ଗାଁ ଚାହାଳିର କପିଳ ଅବଧାନଙ୍କ ପାଖେ ସେ ପାଠ ପଢ଼ୁଛି । ଭାଗବତ ବୋଲିଲେ ଦା ପା ବାଟର ଲୋକେ କାବା ହୋଇ ଠିଆ ହୁଅନ୍ତି—ଗୋପୀଭାଷା, ମଥୁରାମଙ୍ଗଳ କି ଚଉତିଶା ଗାଇଲେ ଅଟେଇଲା ଲୋକେ ପଛକୁ ଫେରନ୍ତି । ନଈଅ—ସେଇ ଆଙ୍କର ବାଡ଼ପଣା, ପିଲାଧରା, ଅଧୁଆର ନଈଅ ।।

ଘଟଣାର ପରଦା ପୁଣି ଆଖିଆଗରେ ଘୁଞ୍ଚେଇ ଘୁଞ୍ଚେଇ ଯାଏ । ଝଲଝଲ ହୋଇ ଆଖିକୁ ଅଳ୍ପ ଦିଶେ । କୋଡ଼ିଏ ବରଷର ଗଜା-ହେଣ୍ଡା ସେତେବେଳେ ସେ । ମୁହଁଲା ପୁରିଲା ଗାଲ—କଳାଳ ବଳାଲ ବାହା—ଚଉଡ଼ା ଛାତି—ଟାଣୁଆ ଗୋଡ଼ । ଚୂଲିଗଲା ଶଗଡ଼ରେ ହାତ ମୂରାଏ—ଅମଣିଆ ଦାମୁଡ଼ିକୁ ମଣ କରେ—ହୁଁ ବୋଲି କହିଲେ ଶୂନ୍ୟେ ଶୂନ୍ୟେ ବାରହାତ ଡେଇଁ ପଡ଼େ, ସେତିକିବେଳେ—.....

ଭୁହୁଁ ଭୁହୁଁ ଦିନେ ବଇଶାଖ ମାସର ଝାଞ୍ଜି ଗମଗମ ନିଶୁନ୍ ନିଶାରେ ମହାନ୍ତି ସାହିରେ ନିଆଁ ଲାଗିଲା । ହୁଳୁହୁଳୁ ହୋଇ ନିଆଁ ଉଠିଲା—ଲହଲହ ଶିଖା । ଫର ଫର ହୋଇ ଜଳିଗଲା ଘରଗୁଡ଼ାକ ସମସ୍ତେ ଅନ୍ତରଛଟରେ ହାଲ୍ଲା କଲେ । କେତେ ବୁଢ଼ାଜୁ ମଣିଷ ଅସିଲେ—ବ୍ୟାକୁଳ ହୋଇ ପାର୍ଥନା କଲେ, "ହେ ମହାପ୍ରଭୁ, ଅଗ୍ନିଦେବତା—କୃପା କର—ଘଣ୍ଟି ଘୋଡ଼ାଇ ରଖିଦେଇ ଯାଅ.....। ମହାପ୍ରଭୁ—ହେ ମହାପ୍ରଭୁ ।। ବୁଢ଼ୀ ବୁଢ଼ୀ ଜମିଦାର ହରି ମହାନ୍ତିଙ୍କ ତଳଖଞ୍ଜା କୋଠି ଘରେ ତାଙ୍କ ବୋହୂ ପୁଅକୁ ଡାକି ଧରି ଶୋଇଛି—ଅଜ ବାହାରି ପାରୁନି । ଭିତର ପଟୁ ପୁଣି କବାଟ କିଳା ହୋଇଛି । ସମସ୍ତେ ଦେଖୁ ହେଉଛନ୍ତି ସମସ୍ତେ ପାର୍ଥନା କରୁଛନ୍ତି । ହେଲେ ଭିତରକୁ କେହି ପଶି ପାରୁନାହାନ୍ତି । ଏତିକିବେଳେ ହୁଁ ବୋଲି ଭୁହୁଁ ଭୁହୁଁ ନଈଅ କବାଟଟା

ଲାଗିଦେଲା । ଘର ଭିତରକୁ ପଶିଯାଇ ଆଉ କିଛି ଦେଖି ପାରିଲେନି । ଚାରିଆଡ଼େ ଧୂଆଁ—ସତେ ଯେମିତି ଧୂଆଁର ବରଷା ମାଡ଼ । ପୋଡ଼ା ପୋଡ଼ା ଗନ୍ଧ । ନିଶ୍ୱାସ ନେଇ ହେଉନି—ଆଖି ଫିଟି ପାରୁନି । କଲବଲ ହୋଇ ନରିଅ ଚାରି ଆଡ଼କୁ ଚାହିଁଲା । ମା ପୁଅ ଦିହେଁ ଚୁପ୍ ହୋଇ ଶୋଇଛନ୍ତି—ମା ଲୁଗାରେ ନିଆଁ ଧରିଲାଣି । କୁଅଟା କେମିତି ଖଜୁରୁକୁ ହେଲା । କୁଅକୁ ତରତରରେ ଧରି ପଦାକୁ ବାହାରି ଆସୁଆସୁ ମୁହଁ ଉପରେ ତାର ଗୋଟାଏ ଜଳନ୍ତା ଶେଣି ଦାଉଁକିନା ଉପରୁ ପଡ଼ିଲା । ଭୋଗହୋଇ ଚାରପଟେ ଜଳନ୍ତା କୁଟା,—ବତା, କଣି, ବାଉଁଶ ଖସି ପଡ଼ିଲା । ପିଲାଟାକୁ କାଖରେ ଜାକି ବାହାରକୁ ଆସି ସେ ଢଳେଇ ଗଲା । ବାପା କାନ୍ଦିଲା, ମା ମୁଣ୍ଡ ବାଡ଼େଇଲା । ମୁହଁଟା ତାର ଏକବାରେ ସିଝିଗଲା । ମୁହଁ ଉପରୁ ଗୋଟାଏ ପରସ୍ତ ଛାଲ ଉତୁରି ଗଲା । ସେଇ ଦିନଠୁଁ ନରିଅର ମୁହଁ ଏପରି ଅସୁନ୍ଦର—ଅବୁଝିଆ ।

ତା ପରବର୍ଷ ଗାଁରେ ପଶିଲା ବାଡ଼ ଠାକୁରାଣୀ—ପୋକ ମାଛି ପରି ଲୋକେ ଟଳି ପଡ଼ିଲେ । ସେଇ ହଇଜାରେ ବାପ ମା ତାର ଏକା କତସରେ ଆଖିବୁଜି ଦେଲେ । ଗଲା—ନରିଅର ସବୁ ସୁଖ, କଳ୍ପନା ଚୁଲିକୁ ଗଲା—ସବୁ ଆଶା ଭରସା ଭାସି ଗଲା । ତଥାପି ତା ଠଉଁ ଆପଦ ଘୁଞ୍ଚିଲା ନାହିଁ । ତା ପରବର୍ଷ ଅଖା ବସନ୍ତରେ ହାତ ଦିଟା ତାର କେମା ହୋଇଗଲା—ବଙ୍କା ବଙ୍କା ହୋଇଗଲା ଅଙ୍ଗୁଠି—ସରୁ ସରୁ ହୋଇଗଲା ଗୋଡ଼—ଟେରା ହେଲା ଆଖି ।

କାମଦାମକୁ ଆଉ ସେ ପାରିଲା ନାହିଁ । ମୁଣ୍ଡକୁ ତଳକୁ କରି ଖାଲି ବସେ—ଆଖିରୁ ଲୁହ ଗଡ଼ାଏ—ପିଠିରେ ଲୁହ ସଲବଲ ହାତ ପୋଛେ । ଦିନାକେତେ ଲୋକ ଦେଖାଣିଆକୁ ଚୁ ଚୁ କରୁଥିଲେ ଗାଁ ବାଲାଏ । ତାପରେ ଗଲା—ବୋହିଲା ପାଣି, ସୁଅରେ ବୋହିଗଲା—ଘୁରି ଘୁରି ଗଲା ସମୟ ଚକ । ଏମିତି କେତେ କଥା ଭାବୁ ଭାବୁ ନରିଅ ଚମକି ପଡ଼େ—ଜଗତ ପିଣ୍ଡାରେ ପଡ଼ିରହି ସେ କଳାକନ୍ଦି କାଟ

ଗାଢ଼ ଅନ୍ଧାର ଭିତରକୁ ଗୃହେଁ—ମିଞ୍ଜି ମିଞ୍ଜି ହସୁଥ ତାରା ଅଳକୁ ଅନାଏଁ—ଅବାକାବା ହୋଇ ଖାଲି ଅନାଇଁ ରହେ ।

ଏବେ ବୟସ ଦ ବରଷ ହେବ ତାକୁ କାହିଁକି ପିଲାଗୁଡ଼ା ବଡ଼ ସୁନ୍ଦର ଦିଶୁଛନ୍ତି । ପିଲାଙ୍କ ସଙ୍ଗେ ଲାଟିବାକୁ, ପିଲାଙ୍କୁ କୋଳରେ କାଖରେ ଧରିବାକୁ ତା ଛାତି କାହିଁକି ବିକଳ ହୋଇ ଉଠୁଛି । ତାର ମନେ ହୁଏ କେହି ପଛେ ତାର ନ ଥାଉ ଦୁନିଆରେ—କେହି ପଛେ ନ ରହନ୍ତୁ—ଖାଲି ତାର ଗୋଟିଏ ପିଲା ଦରକାର—ହଁ-ହଁ ଗୋଟିଏ ପିଲା । ସେ ହସନ୍ତା—କଥା କହନ୍ତା—ଏଁ ଏଁ ହୋଇ କାନ୍ଦନ୍ତା କି !! ସେ ତାକୁ ଛାତିରେ ଜାକନ୍ତା—ଜହ୍ନଆଡ଼େ ହାତ ଦେଖାଇ କହନ୍ତା—"ଅ ଜହ୍ନମାମୁ, ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି ।"

ଆଜି ତାକୁ ଧରି ଦିଅନ୍ତା ପରଜାପତି—କଙ୍କି । ତା ପାଇଁ ଆଣି ଦିଅନ୍ତା ହଳଦିଆ ହଳଦିଆ ପାଚିଲା ବାଇଗବା ଫଳ—ନାଲି ନାଲି ବରଫଳ—କନିଅର ଫୁଲ—ଭେଣ୍ଡିଗାଇ, ଷଣ୍ଢେଇ । ସେ ଖେଳନ୍ତା—ନଇଁଆ ତାକୁ ଖେଳାନ୍ତା । ପିଲାଙ୍କ ଖେଳ—ପିଲାଙ୍କ ହସ—ପିଲାଙ୍କ କଥା !!! ଆହା, କେଡ଼େ ସୁନ୍ଦର ! କିନ୍ତୁ କାହିଁ—କେଉଁଠି ପିଲା—କେତେ ଦୂରରେ !!

ଅଳସ ସଞ୍ଜର ତାହାଣିଆ ଆଲୁଅରେ ନଈକୂଳେ ବସି ବସି, ଧଗ ଶିର—ବଣର ଝମ ଝମ ବରଷା ସକାଳେ କାକି ଜୁକି ହୋଇ ଶୋଇ, ନ ହେଲେ ପଉଷର ନିରାନନ୍ଦ ସକାଳେ ଘୋଡ଼ି ପୋତି ହୋଇ ସେ ଭାବେ, ତାର କଣ ପିଲାଛୁଆ ହେବେ ନାହିଁ ? ସେ କଣ ଘରଦ୍ୱାର କରିବ ନାହିଁ—ମଣିଷ ହୋଇ ଦାଣ୍ଡରେ ଠିଆ ହେବନି ? ତା ବଂଶର ନାଁ କଣ ତାର ଠାଉଁ ବୁଡ଼ିବ । ସେ କଣ ହେବ ପବିତ୍ର ପଧାନ ବଂଶର କଳଙ୍କ ? ବାପା ଅଜାଙ୍କ ପାଇଁ, ତାର କଷ୍ଟହତା ଦରହଗଞ୍ଜ ଜୀବନ ପାଇଁ କିଏ ଜଣେ ପାଣି

ଟୋପାଏ ଟେକି ଦେବନି—ଶ୍ରାଦ୍ଧ ପତର ପକାଇବା ନାହିଁ । ପିଣ୍ଡ ଗଣ୍ଡାଏ ବାଢ଼ି ଦେବନି !! ଏମିତି ଲୁହ ଗଡ଼ାଇ ଗଡ଼ାଇ କଲବଲ ହୋଇ କଣ ତାର ଦିନଯିବ, ଜୀବନ ବଞ୍ଚିବ ? ବଇଶାଖ ମାସର ଜଳୁଜଳିଆ ଦାହରେ ବି ତାକୁ ଅକାଳ ଶୀତ ମାଡ଼ ଆସେ । ନିଜର ଭାବନାରେ ସେ ନିଜେଇ ଥରି ଉଠେ, ମନକୁ ମନ ପୁଣି ଉଠି ନରିଆ ଗାଁ ଭିତରକୁ ଚାଲେ, ପିଲାଙ୍କୁ ଖୋଜେ—ଲୁଚି ଲୁଚି ତାଙ୍କର ହସ ଶୁଣେ—ଟେଖି ଦେଖେ ।

ପୁଣି ଦିନେ ଦିନେ ସେ ଭାବେ କିଏ—ସତେ କିଏ ହେବ ଏ ଅସୁନ୍ଦରର ଘରଣୀ, ତା ପିଲାଛୁଆର ମା !! ସତେ କଣ ଭଗବାନ ସେଇଟା ଭାଗ୍ୟରେ ଲେଖିଛନ୍ତି ? ସେ ବାପ ହେବ—ବା······ପ······ । ହେ ଭଗବାନ—ହେ ପ୍ରଭୁ ଗୋପାଳଜୀ !! ପ୍ରଭୁ ହେ !!!

ଏବେ କେତେଦିନ ହେଲା ରାତିରେ ନରିଆ କେମିତି ଗୋଟାଏ ସପନ ଦେଖୁଛି । ଆଶ୍ଚର୍ଯ୍ୟ, ଅଦ୍ଭୁତ ସପନ । ପିଲାଟାଏ ଆସି ତା ପେଟ ଉପରେ ବସୁଛି । ଛାତି ଉପରେ ଠିଆ ହେଉଛି । ସାବନାରଙ୍ଗର ପିଲା—ଦେହମୁଣ୍ଡ ଧୂଳି ଧୂସର । ନାକରୁ ଗଡ଼ୁଛି ସିଂଘାଣି—ପାଟିରୁ ଗଡ଼ୁଛି ନାଳ । ଥିରି ଥିରି ହସୁଛି—ଗୁଲୁ ଗୁଲୁ ହୋଇ କଥା କହୁଛି । ତା ବାଳ ଭିତରେ ଅଙ୍ଗୁଠି ପୂରାଉଛି—ଛାତି ଉପରେ ପୁଣି ମୁଣ୍ଡ ନଦୁଛି । ତାକୁ ଡାକୁଛି, "ବାପା·········ବାପାଲୋ·········ହେ·········ହେ··· ·· । ନରିଆ ଚମକି ପଡ଼େ । ହାତ ବଢ଼ାଇଲେ କାନ୍ଥରେ କି ଖୁଣ୍ଟରେ ଠାଇକିନା ହାତ ବାଡ଼େଇ ହୋଇଯାଏ । ଚାଲିକିନା ନିଦ ଭାଙ୍ଗିଯାଏ । କେହି ନୁଅନ୍ତି ନାହିଁ । ସୁ ସୁ ହେଉଛି ଝଣା—ଝମ ଝମ ହେଉଛି ଗଛ ପତର—ଚାଁ ଚାଁ ହେଉଛନ୍ତି ଚଢ଼େଇ ଗୁଡ଼ା । କୁକୁରଟାଏ କେଉଁଠି ଭୁକୁଛି—ଅଣ୍ଡିରା ବିଲୁଆଟାଏ କେଉଁଠି ବଣଟାଳିଆ ରଡ଼ି ଛାଡ଼ୁଛି । ମେଘ କୋଳରେ ଜହ୍ନ ବୁଡ଼ି ଯାଉଛି—ଖଣ୍ଡିଆ ଜହ୍ନ । ଅଃ, କି ଭୟଙ୍କର ! !—

ଅଉ ଦିନେ ଦିନେ ସେ ଦେଖେ ପାତଳ ଜହ୍ନ ଆଲୁଅର ଚକ୍-ଚକ୍ ଲହଡ଼ି ଭିତରେ ଧୋବ ଫର ଫର ହୋଇ ଦୂରରେ କିଏ ଗୋଟିଏ ସ୍ତ୍ରୀ । ଝମର ଝମର ହୋଇ ଗୁଲୁଛି ପାଖକୁ ପାଖ ଲାଗି ଆସୁଛି, ହାତ ହଲେଇ ତାକୁ ଡାକୁଛି । କହୁଛି;"ହେ........ହେ, ଶୁଣୁବା—ଅରେ, ଶୁଣୁବା—ହେ........ହେ.........।" ନରିଆ ଦେହରେ ଜ୍ୱରର କଂପ ପଶେ । ଚୂଣ୍ଟୋଣି ହୋଇ ଛିଣ୍ଡି ପାଏ ମୁଣ୍ଡଭିତରର ତାର—ଝୁଟ୍-ଘଟ୍ କରି ବାମୁଣ ଟକାଏ ଛାତି ଭିତରେ କିଏ । ଗୋଡହାତରେ ଯେପରି ଦେଖି ହୋଇଯାଏ ଗୋଟାଏ ଜାଲ । ସେଇ ଜାଲ ଭିତରେ ପଡ଼ି ସେ ଗୋଡହାତ ଛଟପଟ କରେ । କାନରେ ତାର ପୁଣି ପଡେ ପିଲାଳିଆ ପାଟିର ସ୍ୱର । ସାମନାରେ ପୁଣି ଛିଡ଼ାହୁଏ ଧୋବ ଫର ଫର ଲୁଗା ପିନ୍ଧିଥିବା ଜଣେ ସ୍ତ୍ରୀ । ଡାକେ—"ହେ ହେ ଶୁଣୁବା........ଅରେ ହେ ........ହେ..........।" ସତରେ କଣ ସେ ଘର କରିବ—ଗୃହ ହେଇବ !! ତା ଘରକୁ କିଏ ଜଣେ ଆସିବ—ହବ କୁଳର ଲକ୍ଷ୍ମୀ ! ଦେହ ମୁଣ୍ଡରେ ତାର ହାତ ବୁଲେଇ ଦେଇ, ରୋଷେଇ କରି ଖାଇବାକୁ ଡାକିବ—ଜର ରୋଗବେଳେ ସେବା କରିବ !! ଆଉ ହବ ଗୋଟିଏ ପିଲା—ସେ ଡାକିବ ବାପା........ବା.........ଆ.........ପା...... ଆ........। ନରିଆ ଆଉ ଭାବି ପାରେନା ।

ଦିନେ ନରିଆ ଯାଇ ମାମଲତକାର ମାଧବ ଦାସକୁ ସବୁକଥା କହିଲା । ଗୋଡ଼ ଧରି ପକାଇ ଲୁହ ଛଳ ଛଳ ଆଖିରେ କହିଲା, "ମଉସା, ମୋ କଥା ଟିକିଏ ହେଲେ ବୁଝ—ତୋର ଜୋଉଁ ଋଣଟି । ନ ହେଲେ ମୋ କଥା ଯେ.........।" ପାନଖିଆ ପାଟିଠାରୁ ଗୁଳୁ ଗୁଳୁ କରି ମାଧବ ଦାନ୍ତଚିପି ଚିପି ଜବାବ ଦେଲା, "ବୁଝିଲୁ ବାପ, ଏ କଣ୍ଟ ବଡ଼କଥା ନୁହଁ । ଅରେ ତୁ କି ଅସୁନ୍ଦର, ତୋ ଠଉଁ ଦଶଗୁଣ ବଳି ବୋଡ଼ିଏ ବୋଡ଼ିଏଟା ଅସୁନ୍ଦରକୁ ଏ ହାତ ବାହା କରିଛି । ହେଲେ ବାପ ସେଥିପାଇଁ ଟଙ୍କା ଲୋଡ଼ା—ହଁ ଥୋଡ଼ାଏ ମାଲ । ବୁଝିଲୁ ଟଙ୍କା

ହାତରେ ଜୁଟିଲେ ଆଉ କିଛି ପରୱାଏ ନାହିଁ । ଯା—ଶୃଙ୍ଗାର ବାଙ୍କର ଝର ଲୁଅଡ଼ୁ ଠିକା ଅଗ ଉଠା ।”

ସତରୁ ସତ ଶୃଙ୍ଗାର କରିବା ପାଇଁ କଟକ ଗଲା ସେ । ପିଲାପ୍ରିୟ ନରିଆ ପଧାନ । ଗାଁ ବାଲା ସମସ୍ତେ ହସିଲେ । ମନେ ମନେ କହିଲେ, “ଓ ହୋ, ଏତେଦିନେ ଗାଁରୁ କାଲଗଲା ।’

କିନ୍ତୁ ଯେଉଁ ଦିନ ନରିଆ ନଈ ଆରପାର ଶୃଙ୍ଗକୋଶ ବାଟର ଝକମକା ସମସ୍ତାଇଁ ବୁଢ଼ାର ନାଁ ପକା କାଲିକୋଚଟ ଝିଅକୁ ବାହାହେଲା ସମସ୍ତେ ଭାଲବ୍ ହୋଇଗଲେ । ବରହମପୁରୀ ପାଟ; ସମ୍ବଲପୁରୀ ଶାଢ଼ୀ, କଟକୀ ଗହଣା ଦେଖି ସମସ୍ତଙ୍କ ଆଖି ଖୋସି ହୋଇ ଯାଇଥିଲା । କେହିଲେ ସମସ୍ତେ ଚୁପ୍ଚାପ୍ ହୋଇଥିଲେ, “ମଲାମଲା, ଘଇତା ଯେମିତି ମାଇକି ବି ଠିକ୍ ସେମିତି ଲୋ । ଅଲୋ,

ଧନ୍ୟ ସେ ପରଜାତେଦେ;
ବରକୁ କନିଅାଁ ଘଟାଘଟି ।

ଅଲୋ ଦେ, ଏତେ ଅପରିଚ୍ଛନିଅ, ଅସୁନ୍ଦରୀ ହୋଇ ପୁଣି ମାଇପେ ଥାଅନ୍ତି । ଧାନଉଷୁଆ ହାଣ୍ଡିପର ରୂପ—ଧୋବୀ ମୁହଁ ପର ମୁହଁ । ସେଥିରେ ସେଇଟା ପୁଣି ନାଁ ପକେଇଛି । କେତେ ପାପକର୍ମ ନ କରିଛି କେଜାଣି ! । ଛିଅ ·······ଛିଅଁ ।”

ନରିଆ କିଛି ଶୁଣିଲା ନାହିଁ—ଗାଁ ବାଲାଙ୍କ ଗୁଜଲ ବୈବା କଥା ତାର ଏ କାନରେ ପଶି ଆର କାନରେ ଗୁଲିଗଲା । ହସି ହସି ସେ ମାଳତୀର ହାତ ଧରିଲା । ହଉ ପଛେ ସେ ଅସୁନ୍ଦରୀ—କାଲିକୋଚଟ—ନାଁ ପକେଇ । ସେଥିରୁ ତାକୁ କଣ ମିଳିବ ! ସେ ହବ ତାର କୁଳର ଲକ୍ଷ୍ମୀ—ଘରର ଘରଣୀ—ସନ୍ତାନର—ହଁ ହଁ ସନ୍ତାନର ମା·········।

ନଈଅର ମୋଟା ଓଠରେ ହସ ଫୁଟିଲା । ଲାଜ ଲାଜ ହୋଇ ଶାଢ଼ୀ-ପଣତରେ ମୁହଁ ଲୁଚାଇଲା ମାଳତୀ ।

× × × × × ×

ଦିନ ଗଡ଼ି ଚଳିଲା । ରଣି ଫୁଲିଆ ଜହ୍ନ ଆଲୁଅ ଭିତରେ ଅଜ ଦୂରରେ କିଏ ଧୋବ ଫର ଫର ଲୁଗା ପିନ୍ଧା ସ୍ତ୍ରୀ ଠିଆ ହୁଏନି—ହାତ ଠାରି ତାକୁ ଡାକେନି । କିନ୍ତୁ ଏବେ ବି ସପନରେ ପିଲା ଆସେ—ପିଲା କାନ୍ଦେ—ପିଲାଖେଳେ କେବେ ଆସିବ ତା କୋଳକୁ ପିଲା—କେବେ ଆସିବ ସେ ସୁଯୋଗ—ସେ ମୁହୂର୍ତ୍ତ ! । ଅନାଗତ କାଳର ସେଇ ଶୁଭ ମୁହୂର୍ତ୍ତ ପାଇଁ ନଈଅ ଚାତକ ପରି ଚାହିଁ ରହେ ।

କଟକରେ ଦିନେ ନଈଅ ଆଗେ ମହନ ଦି କହିଲା, "ଆରେ ପୁଅ, ବୋହୂ ଏବେ କେମିତି ବେଢ଼ଙ୍ଗର ଦେଖା ଯାଉଛି, ଖାଇବା ପିଇବା କେମିତି ଛାଡ଼ି ଦେଲାଣି—ଖାଲି ଅଇ ଉପରେ ଅଇ ଆଉଛି । ମୁହଁଟା କେମିତି ଶେତା ପଡ଼ି ଆଇଲାଣି ।" ଶୁଣି କିନା ଚମକି ଉଠିଲା ନଈଅ, ସତେ କିହୁ ଅଉ କଣ ତାର ହେଲା କି ! । ମହନାଦିକୁ ଅଡ଼ୁଆରେ ପଚାରୁ ପଚାରୁ ସେ ଜବାବ ଦେଲା, "ଆରେ, ବୁଝିଲୁ ନାହିଁ କି ପୁଅ ବୋହୂର ପରା କଣ ହବରେ ।" ନଈଅର ଛାତି କୁରୁଳି ଉଠିଲା । ଗୋଡ଼ ପଡ଼ିଲା ଦୋହରାଇ ହୋଇ । ସତେ ସତେ ମହାପ୍ରଭୁ, ତାର କଣ ହବ, କଣ ହବ; ପୁଅ ନା ଝିଅ । ପୁଅ ହେଲେ କଣ ସେ ତା ନାଁ ଦବ ! ମନ୍ତୁ, କୁନ୍ତୁ, ଠୁନ୍ତୁ, ଲୁନ୍ତୁ, ନାଁ ବନ୍ତୁ । ଝିଅ ହେଲେ ଦବ—ସୁନେଇ. ରୁପେଇ ନାଁ ନା ମିନି, କୁନି, ଠୁନି, ପୁନି ଅଉ·······ଅ·······ଉ ········· । ପୁଅ ହେଲେ ନବ ପେଣ୍ଟ, କୁରୁତା । ଝିଅ ହେଲେ ନବ ସେମିଜ୍—କାଚ—ଗହଣା । ସାରା ଗାଁଟା ଯାକର ଆଖି ଚମକାଇ ଦେବ ସେ ଦିନ । ଏକୋଇଶା ଦିନ ସତ୍ୟପୀର ପୂଜା ହେବ—ଠିଆପାଲାବାଲା ଠିଆ ହେବେ । ତା ସାଙ୍ଗକୁ ବାଲାଖିଆ ଟିଏ କରିବ । ପିଲାଙ୍କୁ ବାଣ୍ଟିବ

ମିଠେଇ; କୋ'ସ, ଜଲବି । ତେଣିକି କଣ ପିଲାଏ ଦେଖି ଭରିବେ—ତା ପାଖକୁ ଆସିବେ ନାହିଁ । ଦିନ ଗଡ଼ି ଯେ କେମିତି କଟିଲା ନରିଆ ଆଉ ଜାଣି ପାରିଲାନି ।

× × × × × ×

ବଜର ଦେଢ଼ଦିନ ହୋଇ ଗଲାଣି । ମାଲତୀ କଷ୍ଟ ପାଉଛି, ଫାଟି ଫୁଟି ଗଲେଣି ସାହି ମାଇପେ—ଗାଁର ମୁରବି ବୁଢ଼ୀମାନେ । କେହି ହେଉନି । ଖୋଲି ଚୂଲ ଉପରେ ଶୂଳ—କଷ୍ଟ । ସମସ୍ତେ ଚୁପ୍‌ଚାପ ହେଉ-ଛନ୍ତି—ସମସ୍ତେ ଫୁସୁଫାସ୍ ହେଉଛନ୍ତି—ସମସ୍ତେ ପଚରା ପଚରି ହେଉ-ଛନ୍ତି, "କଣହେଲା, କଣହେଲା ନରିଆ ମାଇପର······ ।" ନରିଆ ଖାଲି ଏଣେ ତେଣେ ଦଉଡ଼ୁଛି । କଣାଧୋବାଠାରୁ କାଠପାଣି, ସିଙ୍ଗୁ-ଦାସ ଠାଉଁ କସ୍ତୁରୀ ମକରଧ୍ୱଜ ଆଣି ଦଉଛି । ବୁଲାନା ଦୋକାନରୁ ଅଦା, କଳାଜିରା; ସୁଣ୍ଠିପାଇଁ ଥରଥର କରି ଦଉଡ଼ୁଛି । କଣଟିଏ ହବ ତାର । ପୁଅ ନାଁ ଝିଅ । ଚୁଲି ନାଁ ଚୁଲି । ହେ ମହାପ୍ରଭୁ ଚଞ୍ଚଳ—ଖୁବ୍ ଚଞ୍ଚଳ ଖଲାସ କର ଭଲ ।।

ଦିନ ଦିନ ଗଡ଼ି ବଢ଼ିଲା । ମାଲତୀ ବେଳେବେଳେ ଅଚେତା ହେଇ ଯାଉଛି । ଲୁଠାପରି ହୋଇଗଲାଣି ଗୋଡ଼ହାତ—ଫୁଙ୍ଗୁଳା ଦେହ—ଲୁଖୁରା ମୁହଁ—ଫୁରୁଫୁରୁ ବାଳ । ଦନ୍ତଭଙ୍କ ପଦାକୁ ବାହାରି ପଡ଼ି-ଲଣି । ପେଟଟା ଜଳ ଓଦର ରୋଗୀର ପେଟଠାରୁ ଅଧିକ ବଡ଼ ହୋଇ ଗଲାଣି । ବେଳେବେଳେ ସେ ଚିତ୍କାର କରୁଛି—"ବୋଉଲୋ······ ମଲି·······ମରି ଗଲିଲୋ··············ବୋ·········ଉ········· ।"

ପାଗଳା ବାଲୁଆ ପରି ହୋଇଗଲା ନରିଆ—ମୁଣ୍ଡ ଭୁଲୁଛି ପଥର ଚକପରି । ଛାତି ଥରୁଛି—ଥରି ଥରି ବାହାରୁଛି ନିଃଶ୍ୱାସ । ସମସ୍ତଙ୍କ କହିବା ଅନୁସାରେ ନଈ ଆରପାରିର ସଜନ ବାଉରାଣୀ ଆସି ବୋନ୍ଧ

ପାଟେଖ ପଶିଲା । ସଜନର ହାତ ବାଜିଲେ ସାଙ୍ଗେ ସଙ୍ଗେ ପିଲା ବାହାରେ —ଜନ୍ମରୁ ଖଲାସ ହୁଏ ।

ଘରେ, ଦୁଆରେ ଆଉ କେହି ନାହାନ୍ତି । ଘର ଭିତରେ ସଜନ ମନ୍ତ୍ର ପଢୁଛି, ବାସେଲୀଙ୍କୁ ସୁମରଣା କରୁଛି । ଦୁବ, ବରକୋଳି ପତର, ହଳଦଗୁଣ୍ଡା ପାଖରେ ରଖିଛି । ଝୁଣା ଧୂଆଁ ଦଉଛି । ମାଳତୀର ପେଟରେ ହାତ ବୁଲଉଛି ।

ନରିଆ ଖାଲି ମେଲା ଦୁଆରଟାରେ ଏପଟ ସେପଟ ହେଉଛି । ଏପଟ ପୁଣି ସେପଟ, ଫୁରୁ ଫୁରୁ ବାଳ ଭିତରେ ଆଙ୍ଗୁଠି ଚଳଉଛି । କଣଟିଏ ହବ ତାର—ପୁଅ ନାଁ ଝିଅ !! ମାଳତୀ କୁହ୍ନାଉଛି । କଳକଳ ହୋଇ ପାଟି କରି ଉଠିଲା ସଜନ—"ବୋଉଲୋ........।" ତରତର ହୋଇ ଘର ଭିତରକୁ ପଶିଗଲା ନରିଆ, ଅଖିବୁଜି ସଜନ ବାହାରି ଆଉଛି । ଗୋଡ଼ ହାତ ଫରକଟା କରି ମାଳତୀ ପଡ଼ିଛି । ଲାଲ ଠକଠକ ଭଳି କଣିଆ ମାଉଁସ ପିଣ୍ଡୁଲାଟାଏ—ଥାକୁଲୁ ଥାକୁଲୁ ହେଉଛି । ଝାପସା ଝାପସା ହୋଇ ଫିଟି ଆଉଛି ନାକ, ପାଟି, ଓଠ, ଗାଢ଼ ଗାଢ଼ ହୋଇ ଢଟା ଆଖି । ବଡ ବଡ ଆଖିରେ ନରିଆ ସେଇଆଡ଼େ ଚାହିଁ ରହିଲା । ଖାଲି ଥାକୁଲୁ ଥାକୁଲୁ ହେଉଛି—ମାଉଁସ ପିଣ୍ଡୁଲାଟାଏ !!! ସେଇ ସୁନ୍ଦର ହସ ହସିଲା ନରିଆ-ଅଲକ୍ଷଣା ଲକ୍ଷ୍ମୀଛଡ଼ା ବାଡ଼ପଶା ପିଲା ଧରି ନରିଆ..........ହା..........ହା..........ହା..........।



# ଶେଷ ରାତର ଅତିଥି

ଶ୍ରୀ ବିଭୂତିଭୂଷଣ ତ୍ରିପାଠୀ, ଏମ୍. ଏ.

ଡାକବଙ୍ଗଳା ଗେଟ୍‌ରେ ପଶି ଦେଖେଁ ବଙ୍ଗଳା ଆଗରେ କାର ଗୋଟାଏ—ବଡ଼ ଗାଡ଼ି, ବାରଣ୍ଡାରେ ଟେବୁଲ ଉପରେ ଜ୍ୱଳନ୍ତ ପେଟ୍ରୋମାକ୍ସ । ଦେଖିଲି ଅବା ମୋର ଡେରି ହୋଇଯାଇଛି, ଦିନ ଛ'ଟାରେ ନ ପହୁଞ୍ଚି ସଞ୍ଜ ସାତଟାରେ ପହଞ୍ଚିଛି, ତା' ବୋଲି ସପ୍ତାହକ ଆଗରୁ ମୋ ନାଁରେ ରିଜର୍ଭ କରାଯାଇଥିବା ସୁଟ ଆଉ ଜଣେ ମାଡ଼ି ବସିବ—ଏଟା ବରଦାସ୍ତ କରାଯାଇ ନପାରେ । ଗାଡ଼ିଟାର ବ୍ରେକ କଷି ଡାକ ଦେଲି "ଚୌକିଦାର" ଓ ଟର୍ଚ୍ଚ ପକାଇ ଖୋଜି ନେଲି ନୋଟିସ ବୋର୍ଡ଼ରେ ମୋ ନାଁରେ ରିଜର୍ଭ କରାଯାଇଥିବା ନୋଟିସ । ସବୁ ଠିକ୍ ଅଛି; ଦୁଇଟା ସୁଟରୁ ଗୋଟାଏତ ମରାମତି ହେଉଛି ଓ ଆରଟା ମୋର । ଏଇ ସବୁ ଚୌକିଦାରୀର ଫିସାଦ । ଅର୍ଦ୍ଧ ଦଗ୍ଧ ସିଗ୍ରେଟରେ ଘନ ଘନ ଟାଣ ଦେଇ ଅପେକ୍ଷା କରି ରହିଲି ଚୌକିଦାରକୁ ।

"କ୍ଷମା କରିବେ"—ଧୀର ସଞ୍ଜତ କଣ୍ଠ । ବୁଲି ଚାହିଁଲି । ବାରନ୍ଦା ତଳେ ଏକ ଭଦ୍ରଲୋକ, ଧଳା ଟ୍ରାଉଜର, ଧଳା ହାଫ୍ ସାର୍ଟ, ଶ୍ୟାମ ବର୍ଣ୍ଣ, ଦୀର୍ଘାକୃତି—ମୁଖରେ ସୌଜନ୍ୟ, କଣ୍ଠରେ ପରିଚ୍ଛନ୍ନତା—"ମୋର ଏଇ ବର୍ବରତା କ୍ଷମା କରିବେ, ମୁଁ ଏଇ ଘଣ୍ଟାକ ପୂର୍ବରୁ ପହଞ୍ଚି ଦେଖିଲି ବଙ୍ଗଳା ଆପଣଙ୍କ ନାମରେ ରିଜର୍ଭ କରାଯାଇଛି । ଫେରି ଯାଉଥିଲି କିନ୍ତୁ ଶୁଣିଲି ଯେ ଆପଣଙ୍କର ଦୁଇଟା ବେଳେ ଆସିବା'ର ଥିଲା

ବୋଧହୁଏ ଆଜି ଆଉ ଆସିବେ ନାହିଁ ବୋଲି ଭାବି ରହିଯାଇଥିଲି । କିନ୍ତୁ ମୁଁ ବର୍ତ୍ତମାନ ଚାଲିଯାଉଛି, ଆପଣଙ୍କର ହୁଏତ ଅସୁବିଧା ହେବ ।" କହି ଅସୁଥିଲି ନିଃସହାୟ ଭାବରେ କାନ୍ଧ ଦୋହଲାଇ, "କଣ ଆଉ କରିବା କୁହନ୍ତୁ, ଗୋଟାଏ ତ ସୁଟ୍" । କିନ୍ତୁ ଭଦ୍ରଲୋକଙ୍କର କଥା କହିବାର ଢଙ୍ଗ, ସ୍ପଷ୍ଟ କଣ୍ଠ, ସୁସ୍ଥ ଦୀର୍ଘ ଆକୃତି ଏସବୁକି ତାଙ୍କର ଠିଆ ହେବାର ଭଙ୍ଗୀରେ କିପରି ଗୋଟାଏ ମୌନ ଆଭିଜାତ୍ୟ ମୋତେ ଛୁଇଁଗଲା । ନିଜକୁ ନିଜେ କହୁଥିବାର ଶୁଣିଲି "ଅସୁବିଧା ଆଉ କଣ ? ଖାଦ୍ୟଦାନା ଅଛି, ଯେଉଁ ଗରମ, ସମସ୍ତେ ତ ବାହାରେ ଶୋଇବା, ଗାଡ଼ିଟାରେ କେଉଁଆଡ଼େ ଆଉ ଯିବେ ? ତା'ଛଡ଼ା ଏଠି ଏଇ ନିଚ୍ଛଟିଆ ବଙ୍ଗଳାରେ ଆପଣଙ୍କ ଭଳି ଜଣେ ସଙ୍ଗୀ ମିଳିଛନ୍ତି—ଏତ ଆନନ୍ଦର କଥା..."

ଚୌକିଦାର ଆସି ଖାଉଁରୁ ବେଡ୍‌ପତ୍ର ଉତାରୁଛି । ଚପ୍ରାସିର ମୁଖ ନିତାନ୍ତ ଅପ୍ରସନ୍ନ । ଭଦ୍ରଲୋକ ନିମନ୍ତ୍ରଣ କଲେ, ମୋର ଯଦି ଆପତ୍ତି ନଥାଏ ତାଙ୍କ ସଙ୍ଗେ ବସି ଟିକେ ଚା' । ମୁଁ ଧନ୍ୟବାଦ ଦେଇ ତାଙ୍କ ଅନୁସରଣ କରି ଚାଲିଲି । ବଙ୍ଗଳାର ଏକ ପଟରେ ଦୁଇଖଣ୍ଡ ଇଜି ଚେୟାର, ଖଣ୍ଡିଏ ଟେବୁଲ, ଟେବୁଲ ଉପରେ ଟେବୁଲକ୍ଲଥ ପବନରେ ଅସ୍ଥିର ହୋଇ ଉଡ଼ୁଛି, ତା'ଉପରେ ଗୋଟାଏ ଛୋଟ ଚେପଟା ବୋତଲ ଯୋଡ଼ିଏ ଗ୍ଲାସ, ଏସଟ୍ରେରେ ସିଗାର ପୋଡ଼ିଯାଉଛି । ଚେୟାର ଟାଣି ବସିଲି । ଭଦ୍ରଲୋକ ବିନୀତ ଭାବରେ ପଚାରିଲେ ଜିନରେ ମୋର ଆପତ୍ତି ଅଛିକି, ନଚେତ୍ ସ୍କ୍ୱାସ ନା ଚା' ? ଜିନ୍‌ରେ ଆଦୌ ଆପତ୍ତି ନଥିଲେ ବି ଟିକେ ଚା' ପାଇଁ କଣ୍ଠ ଶୁଖି ଯାଉଥିଲା; ଅତଏବ କହିଲି "ଚା'" । ଭଦ୍ରଲୋକ ପାଖ ଘର ପରଦା ଭିତରକୁ ଉଠି ଗଲେ ।

ଚାରିଆଡ଼ ଜହ୍ନଆଲୁଅରେ ଝଲମଲ୍ କରୁଛି; ଦୂରରେ ପାହାଡ଼ର ଧାଡ଼ । ଖୁବ୍ ଦୂରରେ ପାହାଡ଼ ଯେଉଁଠି ଛିଡ଼ାଯାଇଛି ସେଠି ଉଙ୍କି ମାରୁଛି କେଉଁ ଅଜଣା ନଈର ବାଲିଶେଯ । ମଝିରେ ଟାଙ୍ଗର ଭୂଇଁ, ଅସମତଳ ଜମିର ଉଚ୍ଚ ସ୍ତରେ ସ୍ତରେ ଦୂରକୁ ଦୂରକୁ ଲମ୍ବିଯାଇଛି ।

ଟେବୁଲ୍ ଉପରେ ଚକ ଚକ ଗ୍ଲାସ୍, ଚମ୍ପା ମଧୁର ଗନ୍ଧ । ଫରୁବେଲଟି ବେଶ୍ ସୁନ୍ଦର ଓ ମନଗ୍ରାହୀ । ଗ୍ଲାସ ଭିତରର ତରଳ ପଦାର୍ଥ ଅଢେ଼ ଗୃହୁଁ ଗୃହୁଁ ମନେ ହେଲା ଯେପରି ହୁଇସ୍କି ଗ୍ଲାସର ଅଧେକୁ ପୂରିଛି ରଙ୍ଗର । ଗୋଟାକରେ ଜିନ୍, ଅନ୍ୟଟିରେ ଯେଉଁଟି ମୋର ନିକଟବର୍ତ୍ତୀ ସେଥିରେ ଜିନ୍ ନୁହେଁ । ବୋଧହୁଏ ଭଦ୍ରଲୋକ ମୋ ପାଇଁ ଯା' ପ୍ରସ୍ତାବ କରୁଥିଲେ ସ୍କ୍ୱାସ···ତାହେଲେ ଭଦ୍ରଲୋକ ଏକାକୀ ନୁହନ୍ତି ଓ ଯେଉଁ ଜଣଙ୍କ ତାଙ୍କ ସାଙ୍ଗରେ ଅଛନ୍ତି ସେ ଜିନ୍ ପରିବର୍ତ୍ତେ ସ୍କ୍ୱାସ୍ ବା ସୋଡ଼ା ବା···

ଭଦ୍ରଲୋକ ଫେରି ଆସିଲେ ଓ ଚେୟାରରେ ନିଜକୁ ସଜାଡ଼ି ନେଇ ଆରମ୍ଭ କଲେ "ଏଇ ବଙ୍ଗଳାଟି ଏଇ ଅଞ୍ଚଳର ସବୁଠାରୁ ବେଶୀ attractive । କେବଳ ଲୋଭ ସମ୍ଭାଳି ନପାରି ପ୍ରାୟ ଅନଧିକାର ଚର୍ଚ୍ଚା କରି ବସିଥିଲି—ଆପଣ ଆଗରୁ ଏଠାକୁ କେବେ ଆସିଥିଲେ ?"

କ୍ରମେ କ୍ରମେ କଥାବାର୍ତ୍ତା ଜମି ଆସିଲା । 'ଟି' ଆସିଲା, ବିସ୍କୁଟ ସେଣ୍ଡୱିଚ୍ ଆସିଲା । ସୁନ୍ଦର ଟ୍ରେ ସୁନ୍ଦର ସେଟ୍, ଦାମିକା ଚାମଚ··· ଭଦ୍ରଲୋକ ଗ୍ଲାସରେ 'ଚୁମୁକ୍' ଦେଲେ, ମୁଁ ଗୋଟିକ ପରେ ଗୋଟିଏ ଶେଷକରି ଶେଷରେ ଚୁରୁଟ ଧରିଲି । ଅଚିହ୍ନାର ଆବରଣ କ୍ରମେ କ୍ରମେ ଖସିଗଲା—ମନେ ହେଲା ଯେପରି ଆମେ ବହୁକାଳର ପରିଚିତ । ଜାଣିଲି ଭଦ୍ରଲୋକ ଜଣେ ଉଚ୍ଚପଦସ୍ଥ ରେଲ୍‌ୱେ କର୍ମଚାରୀ । ବହୁକାଳ ହେଲା ଓଡ଼ିଶାରେ ଅଛନ୍ତି । ଓଡ଼ିଶା ତାଙ୍କୁ ଭାରି ଭଲ ଲାଗିଛି । ଓଡ଼ିଶାର ପ୍ରାକୃତିକ ଦୃଶ୍ୟ, ବନ, ଜଙ୍ଗଲ, ପାହାଡ଼, ଚିଲିକା, କୋଣାର୍କ ତାଙ୍କୁ ମୁଗ୍ଧ କରିଛି—ଦୁଇ ତିନିଥର ପ୍ରମୋଶନ୍ ଛାଡ଼ିଛନ୍ତି; କିନ୍ତୁ ଓଡ଼ିଶା ଛାଡ଼ି ପାରୁନାହାନ୍ତି । ସେ ବିବାହିତ, ତାଙ୍କର ଗୋଟିଏ ଦୁଇବର୍ଷର ଶିଶୁ କନ୍ୟା—ସମସ୍ତେ ହେଡ଼କ୍ୱାର୍ଟରରେ ଅଛନ୍ତି । ସେ ୱିକ୍‌ଏଣ୍ଡରେ ଏ ଅଞ୍ଚଳ ବୁଲିବାକୁ ବାହାରିଥିଲେ—ରାସ୍ତାରେ ଯାଉଁ ଯାଉଁ ଏଇ ବଙ୍ଗଳାରେ ସେ ଅଟକି ଯାଇଅଛନ୍ତି ।

ଅଗ୍ରହ ବଢ଼ି ଯାଉଛି, ଭଦ୍ରଲୋକଙ୍କୁ ଘେର କପରେ ଏକ ପ୍ରଚ୍ଛନ୍ନ ରହସ୍ୟ ଉଙ୍କି ମାରୁଛି । ମୁଣ୍ଡରେ ଲମ୍ବା କଳାବାଳ ଜହ୍ନ ଆଲୁଅରେ ଝକ୍ ଝକ୍ କରୁଛି; ଘନ ଭ୍ରୂତଳେ ସୁନ୍ଦର ଆୟତ ଚକ୍ଷୁରେ କପରେ ଏକ ସ୍ୱପ୍ନ-ବିଳାସ । ସମସ୍ତ ମୁଖରେ ଏକ ଅପୂର୍ବ ଶ୍ରୀ ଯାହା ଭୁଲ କରି ହୁଏ ନାହିଁ । ଭିତରର ପରିଚ୍ଛନ୍ନତା ଓ ସଭ୍ୟତା ମନ ଯେପରି ଦେଖିଲି ମାତ୍ରେ ଗ୍ରହଣ କରିନିଏ, ଏପରି ଲୋକ ସହିତ ପ୍ରଥମ ପରିଚୟ ଗଭୀର ପରିଚୟରେ ପରିଣତ ହୁଏ—ସେଥିପାଇଁ ସମୟ ଲାଗେ ନାହିଁ । ଚେଷ୍ଟା ଦରକାର ହୁଏ ନାହିଁ ।

ଘଡ଼ିକୁ ଦେଖିଲି ୯ଟା । ବାଥ ରୁମରେ ପାଣି ଅଛି କି ବୋଲି ପଚାରିବାକୁ ଭଦ୍ରଲୋକ ଚମକିଲା ପରି ହଠାତ୍ ଚେୟାର ଛାଡ଼ି ଉଠିପଡ଼ି ଘର ଭିତରକୁ ଗଲେ । ବାଥ୍ ରୁମର ବାହାର ଦରଜା ଖୋଲି ଗଲି । ଭିତର ପଟୁ କବାଟଟା ବନ୍ଦ କରିବାର ଶବ୍ଦ ଶୁଣିଲି । ମୋର ବିଛଣା ପରି, ସୁଟକେଶ ବସିବା ଘରେ ପଡ଼ି ରହିଛି । ଭଦ୍ରଲୋକ ଯେଉଁ ଘରେ ଅଛନ୍ତି ସେ ଘର ଦରଜା ଭିତର ପଟୁ ବନ୍ଦ । ବାଥରୁମକୁ ବାହାର ଦରଜା ଦେଇ ପଶିଲି ଓ ଗାଧୁଆ ପାଧୁଆ ସାରି ଲୁଗା ବଦଳାଇ ବାହାରକୁ ଆସି ଦେଖେଁ ଭଦ୍ରଲୋକ ଆଖିବୁଜି ଚେୟାରରେ ନୀରବ ହୋଇ ପଡ଼ି ରହିଛନ୍ତି । ଟେବୁଲ ଉପରର ବୋତଲ ପ୍ରାୟ ଶେଷ ହୋଇ ଆସିଛି—ପବନରେ ଲୀନ ଗନ୍ଧ । ଭଦ୍ରଲୋକ ହୁଏତ ଶୋଇ ପଡ଼ିଛନ୍ତି ।

× × × ଖାଇସାରି ଖୋଲା ପଡ଼ିଆରେ ଖଟିଆ ପକାଇ କେତେବେଳେ ଶୋଇ ପଡ଼ିଥିଲି ନିଦ ଭାଙ୍ଗିଗଲା । ମଝି ଆକାଶରେ ଚନ୍ଦ୍ର—ସବୁଆଡ଼େ ନିସ୍ତବ୍ଧ, ପବନ ବନ୍ଦ ହୋଇ ଯାଇଛି । ମଝିରେ ମଝିରେ ଘାସ ଉପରେ ତମ୍ପଲର ଅର୍ଦ୍ଧାଙ୍ଗ ବାଜି ଉଠୁଛି—ଖଟିଆରେ ଉଠିବସି ଗୃହଅଡ଼କୁ ଚାହିଁଲି ପଡ଼ିଆରେ ଏପଟ ସେପଟ କିଏ ଚଲାଫେରା କରୁଛି; ଚିହ୍ନିଲି ସେଇ ଭଦ୍ରଲୋକ, ପାଇପ୍‌ରେ ନିଆଁ ଜଳି ଉଠୁଛି । ଅସ୍ଥିର ପଦରେ ସେ ବୁଲାଫେରା କରୁଛନ୍ତି । କୌତୁହଳ

ହେଲା । ଉଠି ତାଙ୍କ ଆଡ଼େ ଗଲି । ଭଦ୍ରଲୋକ ମୋତେ ଦେଖି କେମିତି ଟିକେ ଚମକି ଉଠିଲେ ଓ ଶୁଷ୍କ ଗଳାରେ ପଚାରିଲେ "ଆପଣ ଶୋଇ ନାହାନ୍ତି ?" ମୁଁ ଭଦ୍ରଲୋକଙ୍କୁ ନିରୀକ୍ଷଣ କରି ଚାହିଁଲି ଓ ହସି ହସି କହିଲି "ଆଉ ଆପଣ ?" ଭଦ୍ରଲୋକ ଅପ୍ରତିଭ ହେଲା ପରି କହିଲେ "ହଁ, ମୁଁ ? ଦେଖନ୍ତୁ ମୁଁ ଶୋଇ ପାରୁନାହିଁ, ମାନେ…ନିଦ ହେଉନାହିଁ, ଯୁ ଗରମ ଅଚ୍ଛା କେତେଟା ବାଜିଲା ?"

ଘଡ଼ି ହାତରେ ନଥିଲା—ଅନ୍ଦାଜ କରି କହିଲି 'ଏଇ ପ୍ରାୟ ଗୋଟାଏ ହେବ ?"

"ଗୋଟାଏ ?" ଭଦ୍ରଲୋକଙ୍କ କଣ୍ଠରେ କେମିତି ଗୋଟାଏ ଆତଙ୍କ—"ଗୋଟାଏ…ତା'ମାନେ ରାତି ଆଉ ତିନି ଘଣ୍ଟା ବାକି… ଠିକ୍ ନା ?" "ହଁ, ସେୟା ହେବ ?" କଣ୍ଠରେ ଏକ ପ୍ରକାର ଘନିଷ୍ଠତା ଓ ସହାନୁଭୂତି ଫୁଟାଇ କହିଲି "ଆପଣ କାହିଁକି ଟିକେ ବିଚଳିତ ହେଲାପରି ମନେ ହେଉଛନ୍ତି ? ମୁଁ କୌଣସି କାମରେ ଆପଣଙ୍କର ଲାଗି ପାରିବି କି ?"

ଭଦ୍ରଲୋକ ଚୁପ୍ ହୋଇଗଲେ ଓ ତା ପରେ ଚାଲିବାକୁ ଆରମ୍ଭ କଲେ… ମୁଁ ବି ସାଙ୍ଗରେ ଚାଲିଲି—ଯେଉଁଠି ସେହି ଇଜି ଚେୟାର ପଡ଼ିଥିଲା ସେଇଠାକୁ ଆସି ଭଦ୍ରଲୋକ କହିଲେ 'ବସନ୍ତୁ' ଓ ନିଜେ ଗୋଟିକରେ ଅଡ଼େଇ ବସି କହିଲେ "ଦେଖନ୍ତୁ ମୋର ଜଣେ ବନ୍ଧୁ ବଡ଼ ବିପଦରେ ପଡ଼ିଛନ୍ତି—ଆଜି ଏଇ ରାତିଟା ତାଙ୍କର ଶେଷ ରାତି—ଏଇ ରାତି ଭୋର ହେବା ପୂର୍ବରୁ ତାଙ୍କୁ ଠିକ୍ କରି ନେବାକୁ ହେବ ତା' ନ ହେଲେ ସବୁ ଶେଷ……"

କିଛି ବୁଝିଲି ନାହିଁ—ଶୂନ୍ୟକୁ ଚାହିଁ ରହିଲି । ଭଦ୍ରଲୋକ ଝୁଙ୍କିପଡ଼ି ବୋତଲ ଖୋଲିଲେ—ଆଉ ଏକ ଜିନ୍ ବୋତଲ ନିଜ ଗ୍ଲାସରେ ଟିକେ ଢାଳିନେଲେ ଓ ଆଉ ଏକ ଗ୍ଲାସରେ ଟିକେ ଢାଳି ମୋ ଆଡ଼କୁ ଆଗେଇ

ଦେଇ କହିଲେ "ଓ, କିଛି ବୁଝିଲେ ନାହିଁ ନା ? କେମିତି ବୁଝିବେ—ଆପଣ ତ ଆଜି ସବୁ କଥା ଜାଣନ୍ତି ନାହିଁ……"

ଗ୍ଲାସରେ 'ଚୁମୁକ' ଦେଇ—ମନେ ମନେ ଠିକ କରି ନେଲି—ଭଦ୍ରଲୋକଠାରୁ ସମସ୍ତ କଥା ବାହାର କରିବାକୁ ହେବ । ନିଜ ରିଜର୍ଭ କରା ରୁମ୍ ଛାଡ଼ି ଏମିତି ବାହାରେ ପଡ଼ିରହି ପୁଣି ତ କିଛି ଗୋଟାଏ ଲାଭ ଉଠାଇବାକୁ ହେବ । ଅନ୍ତତଃ ଗୋଟାଏ ଛୋଟ ଗଳ୍ପର ଖୋରାକ । କଣ୍ଠରେ ଅକୃତ୍ରିମ ଉତ୍କଣ୍ଠା ଫୁଟାଇ କହିଲି—"କହନ୍ତୁ ନା, ଆପଣଙ୍କର ସେଇ ବନ୍ଧୁଙ୍କର କଥା……ତାଙ୍କୁ ନିର୍ଭୁଲ ସିଦ୍ଧାନ୍ତରେ ପହଞ୍ଚାଇବାକୁ ଚେଷ୍ଟା ଓ ସାହାଯ୍ୟ ବି ତ ମିଳିପାରେ……"

ଭଦ୍ରଲୋକ ଉତ୍ଫୁଲ୍ଲ ହୋଇ ଉଠିଲେ…"ସତେ ? ସତେ ? ଆପଣ ମୋର ବନ୍ଧୁଙ୍କୁ ସାହାଯ୍ୟ କରି ପାରିବେ ? ଆପଣ କିଏ ? ଆପଣଙ୍କୁ ତ ମୁଁ ଆଦୌ ଜାଣେ ନାହିଁ…ଅଥଚ ଆପଣଙ୍କର ଏଇ ଉଦାରତା, ଏଇ offerରେ ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଛି । ଅଚ୍ଛା କହିବି—ସବୁ କହିବି……"

ଇଜି ଚେୟାରରେ ନିଜକୁ ବିସ୍ତୃତ କରି ସ୍ଥିର ଦୃଷ୍ଟି ଆକାଶ ଆଡ଼େ ରଖି ଆରମ୍ଭ କଲେ…ସେଇ ଧୀର ସଂଯତ କଣ୍ଠ ପୁଣି ଫେରି ଆସିଛି—ସେଥିରେ ଉତ୍ତେଜନା ନାହିଁ—ଉତ୍ତାପ ନାହିଁ ।

"ବନ୍ଧୁ ମୋର ଜଣେ ଉଚ୍ଚ ପଦସ୍ଥ କର୍ମନିଷ୍ଠ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ୍, ସୁନ୍ଦର ସୁପୁରୁଷ ମଧ୍ୟ । ବିବାହିତ ଘରେ ପତିବ୍ରତା ସୁନ୍ଦର ହିନ୍ଦୁ ସ୍ତ୍ରୀ—ଯାହାର ସ୍ୱାମୀହିଁ ଇହକାଳ ଓ ପରକାଳ । ପରସ୍ପର ମଧ୍ୟରେ ନିବିଡ଼ ଭଲ ପାଇବା, ବୁଝାବୁଝି ଓ ମେଳ । ୪ ବର୍ଷର ଗୋଟିଏ ସୁନ୍ଦର ସତେଜ ଶିଶୁକନ୍ୟା ନେଇ ତାଙ୍କର ସଂସାର । ଘରର ସମସ୍ତ ଦାୟିତ୍ୱ ମମତା ହାତରେ ଛାଡ଼ି ଦେଇ ବନ୍ଧୁ କାମରେ ନିଜକୁ ଭସାଇ ଦେଇ

ଅଛନ୍ତି—ତାଙ୍କର କର୍ମ ନିପୁଣତାରେ ସମସ୍ତେ ମୁଗ୍ଧ—ସମାଜରେ ତାଙ୍କର ଉଚ୍ଚ ପ୍ରତିଷ୍ଠା । କାମରୁ ଅବସର ପାଇଲେ ଘରଆଡ଼େ ତାଙ୍କ ଗାଡ଼ି ଛୁଟେ—ଦୁଆର ମୁହଁରେ ମମତା ଅପେକ୍ଷା କରି ଠିଆ ହୋଇଥାନ୍ତି—ଛୋଟ ପିଲାଟି ପରି ଅଧୀର ଆଗ୍ରହରେ ବନ୍ଧୁ ଦୌଡ଼ିଯାଇ ମମତାର ହାତ ଧରନ୍ତି—ସାଙ୍ଗ ହୋଇ ଘର ଭିତରକୁ ଯା'ନ୍ତି—ନିଜ ହାତରେ ପରିବେଷଣ କରି ମମତା ସ୍ୱାମୀଙ୍କୁ ଖୁଆନ୍ତି । ମମତାର କୋଳରେ ମୁଣ୍ଡ ରଖି ବନ୍ଧୁ ତୃପ୍ତିର ନିଶ୍ୱାସ ଟାଣନ୍ତି । ବାଳ ଭିତରେ ହାତ ବୁଲଉଁ ବୁଲଉଁ ମମତା କେତେ କଥା କୁହନ୍ତି; ଲଗାଲଗି ଛୋଟ ଖଟରେ ବୁଲବୁଲ୍—ଶିଶୁଟିର ନାମ, ନିଦ ଭିତରେ ସ୍ୱପ୍ନ ଦେଖି ହସି ଉଠେ । ବନ୍ଧୁଙ୍କର ସଂସାରର ସୁଅ ସମତଳ ଭୂଇଁ ଉପରେ ଗଡ଼ିଚାଲେ—

ଦିନ କଟେ—

ବନ୍ଧୁଙ୍କର କଲେଜ ସହପାଠୀ ଜମିଦାର ପୁତ୍ର—ଅଜୟଙ୍କର ବାହାଘର······ଘନ ଘନ ଚିଠି ଓ ତାର ପାଇ ବନ୍ଧୁଙ୍କୁ ସେଇ ବିବାହରେ ଯୋଗ ଦେବା ପାଇଁ ଯିବାକୁ ହେଲା—ବହୁଦୂର । ମମତା ଯିବାର ସମସ୍ତ ବନ୍ଦୋବସ୍ତ କରିଦେଲା—ସୁଟ୍‌କେଶ୍, ବିଛଣା, ଏଟେଚି, ବନ୍ଧୁ ଯେଉଁ ସିଗ୍ରେଟ ଖାଆନ୍ତି ସେ ସିଗ୍ରେଟରୁ ୫ ଟିଣ, ମସଲା, ଡବାରେ ମସଲା ପର୍ଯ୍ୟନ୍ତ । ସ୍ୱାମୀଙ୍କୁ ନିଜର ସହପାଠୀର ସନିର୍ବନ୍ଧ ଅନୁରୋଧ ରକ୍ଷା କରିବା ଦିଗରେ ମମତା ସମ୍ପୂର୍ଣ୍ଣ ସହଯୋଗ ଓ ସାହାଯ୍ୟ କଲା । କିନ୍ତୁ ଶେଷରେ ବନ୍ଧୁ ମମତା'ଠାରୁ ବିଦାୟ ନେଇ କାର୍‌ରୁ ଉଠିଲା ବେଳେ ମମତାର ହାତ ଭିତରେ ଯେପରି ନିଜ ହାତ ଅଟକି ଗଲା । ଏ କଣ ? ମମତାର ଆଖିରେ ଲୁହ ।”

ଭଦ୍ରଲୋକ ଚୁପ୍ ହୋଇଗଲେ—ଯେପରି ତଣ୍ଟିରେ କଅଣ ଅଟକି ଗଲା । ଗ୍ଲାସ ଉଠାଇ ନେଇ କଣ୍ଠ ଓଦା କରିନେଲେ···କିପରି ମନେ ହେଲା ଭଦ୍ରଲୋକ ଓ ମୋ ଛଡ଼ା ଆଉ କେହି ଜଣେ ଯେପରି

ସେଠି କେଉଁଠି ଅଛି···ତାର ଝାପ୍‌ସା ବା ଅଶରୀରୀ ଉପସ୍ଥିତି ଯେପରି ସ୍ୱପ୍ନ—ଘରର ଅନ୍ଧାରକୁ ଗ୍ରହିଲା ଜହ୍ନ ଆଲୁଅରେ ଘରଅନ୍ଧ ବୁଡ଼ି ଯାଇଛି । କେଉଁଠି କିଛି ଶବ୍ଦ ନାହିଁ—ଭଦ୍ରଲୋକଙ୍କ ଘରର ପର୍ଦ୍ଦା ନିଶ୍ଚଳ ହୋଇ ଝୁଲୁଛି—ଭଦ୍ରଲୋକ କହି ଚାଲିଛନ୍ତି । ମୁଁ ଠିକେ ଯେପରି ଅନ୍ୟମନସ୍କ ହୋଇ ପଡ଼ିଥିଲି—ମୋର ମନେ ହେଲା ମୁଁ ଯେପରି ଶୁଣିଲି କାହାର ଗୋଟାଏ ଚାପା ଦୀର୍ଘଶ୍ୱାସ ।

ଭଦ୍ରଲୋକ କହି ଚାଲିଛନ୍ତି ।

"ବିବାହ କାର୍ଯ୍ୟ ସରିଲାପରେ ବସିଲା ନାଚ ଓ ଗୀତର ଆସର··· ଗଭୀର ରାତି, ସମସ୍ତେ କ୍ଳାନ୍ତ ହୋଇ ଶୋଇ ସାରିଲେଣି । କେତେକ ନିକଟ ବନ୍ଧୁଙ୍କୁ ନେଇ 'ଗାର୍ଡନ ହାଉସ'ରେ ଆୟୋଜନ କରାଯାଇଛି ନାଚ ଗୀତ । ବନ୍ଧୁଙ୍କ ପ୍ରତି ସମସ୍ତଙ୍କର ଦୃଷ୍ଟି ସଜାଗ—ଆଦର ଅଭ୍ୟର୍ଥନାରେ ବନ୍ଧୁ ମୁଗ୍ଧ···ଗୀତ ଚାଲିଛି; ଉତ୍ତର ଭାରତରୁ ଫର୍ମାସକରା ତରୁଣୀ ବାଇଜୀର କଣ୍ଠସଂଗୀତରେ ବାୟୁମଣ୍ଡଳ ଆଚ୍ଛନ୍ନ—ପାନୀୟ ଚାଲିଛି··ସିଗ୍ରେଟର ନୀଳ ଧୂଆଁ କୁଣ୍ଡଳୀକରି ଧୀରେ ଧୀରେ ଉପରକୁ ଉଠୁଛି । ବାଇଜୀର ସ୍ଫଟିକ କପୋଳରେ, କର୍ଣ୍ଣଫୁଲରେ ଓ ପାନୀୟ ଗ୍ଲାସରେ ନାନାବର୍ଣ୍ଣର ବିଜୁଳି ଆଲୁଅ ପ୍ରତିଫଳିତ ହେଉଛି···

ମଞ୍ଚ ଉପରେ ପର୍ଦ୍ଦା ଉଠିଲା ବେଳକୁ ଦେଖାଗଲା ଏକ ତପୋବନର ଦୃଶ୍ୟ—ଖଣ୍ଡିଏ ଶିଳା ଉପରେ ଗୋଟିଏ ତରୁଣୀ—ଶକୁନ୍ତଳା, ବିରହିଣୀ ଶକୁନ୍ତଳା । ଋଷିକୁମାରୀର ଅଙ୍ଗରେ ଗେରୁଆ ପରିଧାନ, ଉନ୍ମୁକ୍ତ ସ୍କନ୍ଧ ଓ ବାହୁମୂଳରେ ଅପୂର୍ବ ଲାବଣ୍ୟ—ଚକ୍ଷୁରେ ପ୍ରେମିକର ଆଗମନ ପ୍ରତୀକ୍ଷା ପରିସ୍ଫୁଟ—ଗଭୀର ବନ ମଧ୍ୟରେ ଅପସୃୟମାନ ପଥ ଆଡ଼କୁ ତାଙ୍କର ଦୃଷ୍ଟି ଘନ ଘନ ଫେରି ଯାଉଛି···ସେ ତାରରେ କରୁଣ ମୂର୍ଚ୍ଛନା···

ବନ୍ଧୁ ତକିଆରେ କହୁଣି ଠେସ ଦେଇ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଛନ୍ତି । ତା ପରେ ଶକୁନ୍ତଳାର ବିରହ ନୃତ୍ୟ । ମୁଁ ଠିକ୍ ବର୍ଣ୍ଣନା

କର ପାରବ ନାହିଁ—ସେ ନୃତ୍ୟ । ଯା' ମୁଁ ବନ୍ଧୁଙ୍କଠାରୁ ଶୁଣିଛି ସେପରି ନୃତ୍ୟ ଭାଷାଦେଇ ବର୍ଣ୍ଣନା କରାଯାଇ ପାରେ ନାହିଁ । ଅନ୍ତରରେ ତା' ଅଙ୍କେଶରେ ପ୍ରବେଶକରେ—ରକ୍ତ ହୋଇ ଶିରା ପ୍ରଶିରାରେ ମିଶିଯାଏ··· ଅପୂର୍ବ, ଅପାର୍ଥିବ ସେ ଅନୁଭୂତି । ସେଠାରେ ଓଁ ବଂଶୀରେ ବେହାଗ ମୂର୍ତ୍ତି ହୋଇ ଉଠିଛି···ଅଉ ଶକୁନ୍ତଳାର ଅଙ୍ଗେ ଅଙ୍ଗେ ଫୁଟି ଉଠିଛି ପ୍ରାଣର ଅନନ୍ତ ବେଦନା···ବନ୍ଧୁଙ୍କର ଛାତି ତଳେ କପରି ଗୋଟାଏ ଅଶାନ୍ତ ଶ୍ୱାସ ସ୍ରୁବ···ଏକ ଅଭୁତପୂର୍ବ ଅନ୍ତର୍କଂ । ଭୂମ ମୂଳ ଟାଙ୍କୁଡି ଉଠୁଛି, ଅଶ୍ରିପତା ଓଦା···ଦେହ, ମନ, ସମସ୍ତ ଚେତନା, ସକଳ ଅନୁଭୂତି, ସମୁଦାୟ ଜୀବନ ଉତ୍ସର୍ଗ କର ଶକୁନ୍ତଳାର ପ୍ରତୀକ୍ଷା ଅବେଦନ କରୁଛି ଏଇ ଯେ ନର୍ତ୍ତକୀ—ଏ କ'ଣ ତାର ଅନୁଭୂତ ବସ୍ତୁ ? ଏ କପରି ସେ ସମ୍ବାଦର ସନ୍ଧାନ ପାଇଲା ? ଏ ତ ଗତାନୁଗତିକ ଛନ୍ଦ ମୁଦ୍ରା ସମ୍ବଳିତ ନୃତ୍ୟ ଗୃହୁଗି ନୁହେଁ ? କଏ ଏହି ବାଳିକା ? ଏ କଏ ? ସବୁଜ ଅଲ୍‌ଅରେ ପ୍ରତି ଅଙ୍ଗ ଅଜସ୍ର ଭଙ୍ଗୀରେ ପ୍ରଚ୍ଚର କରୁଛି ସେଇ ଏକ ସମ୍ବାଦ— ଅନାଗତ ପ୍ରେମିକର ପଦମୂଳରେ ନିଜକୁ ନିଃସ୍ୱ କର ଉତ୍ସର୍ଗ କରିବାର ସମ୍ବାଦ—ପଦର ନୂପୁରରେ, ଶୁଭ୍ର ନଗ୍ନ ବାହୁର ସଂପ୍ରସାରଣରେ, ଗ୍ରୀବାର ଗ୍ଳଳନରେ ଓ ଚକ୍ଷୁଯୁଗଳର ପ୍ରାନ୍ତେ ପ୍ରାନ୍ତେ ଫୁଟି ଉଠିଛି ଏକ ମୌନ କାରୁଣ୍ୟ ଏକ ଶାନ୍ତ ଅବେଦନ-ଶୀଳତା···

ବାଃ, ବାଃ, ବନ୍ଧୁଙ୍କର ମନେ ମନେ ପ୍ରତିଧ୍ୱନିତ ହୋଇ ଉଠୁଛି । ଠିକ୍ ଯେମ୍ମା ଯେପରି ସେ ମନେ ମନେ ବହୁଦନରୁ ଖୋଜୁଥିଲେ । ଠିକ୍ ଏଇ ଅଙ୍ଗ, ଏଇ ଅଶ୍ରୁ, ଏଇ ଧ୍ୱନି, ଏଇ ସ୍ୱପ୍ନର ସ୍ୱପ୍ନ ଯେପରି ସେ ପ୍ରତି ମୁହୂର୍ତ୍ତିରେ ମନର ଅନ୍ଧକାର ମଧ୍ୟରେ ଦେଖି ଅସିଛନ୍ତି । ବନ୍ଧୁଙ୍କର ଚିତ୍ତ ଉତ୍‌ଫୁଲ୍ଲ, ହୃଦୟ ପରପୂର୍ଣ୍ଣ···ଝର୍ଦ୍ଧା ପଡ଼ିଲା······"

"ତା'ପରେ ବନ୍ଧୁ ଫେରଅସିଲେ । କନ୍ତୁ କେଉଁଠି ଯେମିତ କ'ଣ ଭାଙ୍ଗିଯାଇଛି । ମମତାର ହାତ ଭିତରେ ହାତ ରଖି ସେ ଯେପରି ଅନ୍ୟମନସ୍କ ହୋଇପଡ଼ିଲେ । ରାତିରେ ମମତାର କୋଳ ଭିତରେ ମୁଣ୍ଡ

ଗୁଞ୍ଜି କବାଟ୍ ହୋଇ ପଡ଼ିରହିଲେ । ସ୍ୱପ୍ନର କୁହେଳି ଭିତରେ ଦେଖିଲେ ନୃତ୍ୟରତା ସେଇ ତରୁଣୀର ଆବେଗମୟ ଅଙ୍ଗଭଙ୍ଗୀ; ନିଦ ଭାଙ୍ଗିଯାଏ... ଉଠି ବସି ଦେଖନ୍ତି ମମତା ତାଙ୍କ ଛାତି ଉପରେ ମୁଣ୍ଡ ରଖି ଶୋଇ ପଡ଼ିଛି...ମୁହଁରେ ସେଇ ଶିଶୁର ସରଳତା, ବିଶ୍ୱାସ, ନିର୍ଭର । ତାର କପାଳ ଉପରୁ ବାଳ ସଜାଡ଼ି ଦେଉଁ ଦେଉଁ ବନ୍ଧୁ ପୁଣି ଅନ୍ୟମନସ୍କ ହୋଇପଡ଼ନ୍ତି...ପୁଣି ଶୋଇବାକୁ ଚେଷ୍ଟା କରନ୍ତି,—ନିଦ ହୁଏ ନାହିଁ । ଆକାଶରେ ପୁଞ୍ଜ ପୁଞ୍ଜ ତାରା—ଖୋଲା ଝରକାରେ ସେଇଆଡ଼େ ଚାହିଁ ବନ୍ଧୁ ସିଗ୍ରେଟ ଧରାଇ ବସନ୍ତି—ରାତି ପାହିଯାଏ—

"ତା'ପରେ ବନ୍ଧୁ ପୁଣି ଜମିଦାର ପୁଅ କଲେଜ ସହପାଠୀ ଅଜିତ୍ ଘରକୁ ଆସନ୍ତି—'ଗାର୍ଡ଼େନ ହାଉସରେ' ନୃତ୍ୟ ଗୀତର ପୁଣି ଆୟୋଜନ ହୁଏ । ବନ୍ଧୁଙ୍କର ବଗଦରେ ଶକୁନ୍ତଳାର ବିରହ ନୃତ୍ୟ ସେଇ ତରୁଣୀଟି ପୁଣି ପରିବେଷଣ କରେ—ବିହ୍ୱଳ ଦୃଷ୍ଟିରେ ବନ୍ଧୁ ଚାହିଁ ରହନ୍ତି—ଆନନ୍ଦର ସ୍ରୋତରେ ମନର ଦୁଇକୂଳ ଭରି ଉଠେ । ଅନୁଭବ କରନ୍ତି ନର୍ତ୍ତକୀର ପ୍ରତ୍ୟେକ ଅଙ୍ଗଭଙ୍ଗୀ ସହିତ ତାଳ ରଖି ତାଙ୍କର ରକ୍ତ ସିଗି ଯେପରି ନାଚି ଉଠିଛି...ଉଲଙ୍ଗ ତାଙ୍କର ଅନ୍ତରାତ୍ମା ବାହୁ ପ୍ରସାରି କରି ନୃତ୍ୟରତା ସେଇ ବିରହିଣୀର ଛନ୍ଦେ ଛନ୍ଦେ ନାଚି ଉଠିଛି ।

ରାତି ଗଭୀର ହୁଏ—ଆକାଶ ପ୍ରାନ୍ତରେ ଚନ୍ଦ୍ର ଲିଭିଯାଏ । ବନ୍ଧୁଙ୍କର ଛାତିରେ ମୁଣ୍ଡ ରଖି ନର୍ତ୍ତକୀ କୁହେ ତାର ଜୀବନର କରୁଣ କାହାଣୀ । ପିତୃହୀନ, ମାତୃହୀନ ସେ ନର୍ତ୍ତକୀ—ଗଣିକା କୁଳରେ ତାର ଜନ୍ମ—କିନ୍ତୁ ଗଣିକା ହୋଇ ନିଜର ଜୀବନ ଯୌବନ ପଶୁ-ପୁରୁଷ ହାତରେ ବାଢ଼ି ପାରିଲା ନାହିଁ । ପ୍ରତିବାଦ କଲା; ପ୍ରତିରୋଧ କଲା ପୁରୁଷର ପ୍ରଣୟ ନିବେଦନ । ବିଷାକ୍ତ ହୋଇ ଉଠିଲା ସେଠାକାର ବାୟୁମଣ୍ଡଳ—ଘରଛାଡ଼ି ସେ ଦୁରିବୁଲିଲା—ପଦେ ପଦେ ପୁରୁଷର ଲୋଲୁପ ଦୃଷ୍ଟି ତାକୁ ଅନୁସରଣ କଲା । ଜୀବନର ଏଇ ସଂଗ୍ରାମରେ ଏକାକୀ ଲଢ଼ି ଲଢ଼ି ସେ ଯେତେବେଳେ କ୍ଷତବିକ୍ଷତ, କ୍ଲାନ୍ତ, ଏକ ବନ୍ଧୁ ତାକୁ, ଆଶ୍ରୟ ଦେଲେ—ତାଙ୍କଠାରୁ

ତାର ଏଇ ନୃତ୍ୟଶିକ୍ଷା···ତାର ବିଂଶତି ବର୍ଷ ଜୀବନର କଠୋର କରୁଣ ଅନୁଭୂତିଦେଇ, ହୃଦୟର ଆବେଗ ଦେଇ ଶୁଦ୍ଧ ତାର ପ୍ରତ୍ୟେକ ଛନ୍ଦ ଓ ଭଙ୍ଗୀ···ପ୍ରଥମ ରାତିରେ ସେଠି ଯେତେବେଳେ ଶକୁନ୍ତଳାର ଚରିତ୍ର-ଚିତ୍ରର ଅନ୍ତର ତାର ଅଙ୍ଗେ ଅଙ୍ଗେ ମୂର୍ତ୍ତି ହୋଇ ଉଠିଥିଲା, ସେତେବେଳେ ମୁଗ୍ଧ ଦୃଷ୍ଟିରେ ସେ ଦେଖିଥିଲି ଅନୁପମ ଦୁଇଟି ଆଖି—ସେଥିରେ ଥିଲା ଅପୂର୍ବ ଏକ ପରିଚୟ, ଏକ ଅଭୂତପୂର୍ବ ତନ୍ମୟତା ।··· ଅନାଗତ ଦୁଷ୍ମନ୍ତର ପ୍ରତିବିମ୍ବ ଥିଲା ସେ ଆଖିରେ । ତାର ଶାନ୍ତ ଜୀବନସ୍ରୋତ ପ୍ରଥମଥରପାଇଁ ଆବିଷ୍କାର କରିଥିଲା ଦିଗନ୍ତରେ ସାଗର ରେଖା ।

ବନ୍ଧୁଙ୍କର ଦୁଇ ଚକ୍ଷୁ ଭରି ଅଶ୍ରୁ ଝରିପଡୁଛି···ନର୍ତ୍ତକୀ ଚୁପ ହେଲା । × × × ×

ଭଦ୍ରଲୋକଙ୍କ କଣ୍ଠ ଥରି ଉଠିଲା । ଦୁଇ ହାତ ପାପୁଲିରେ ମୁହଁ ଘୋଡ଼ାଇ ସେ ଚୁପ୍ ହୋଇଗଲେ । କେଉଁଠି ଯେମିତି କାହାର ଗାଢ ନିଶ୍ୱାସ ପଡିଲା·····ମୁଁ ଫେରି ଚାହିଁଲି—ଦୁଆର ମୁହଁରେ ପର୍ଦ୍ଦାରେ ଯେପରି ସାମାନ୍ୟ ଆନ୍ଦୋଳନ···

ଚାରିଆଡ଼େ କେମିତି ଗୋଟେ ସ୍ତବ୍ଧ ଥମ୍ ଥମ୍ ଭାବ·····

ଦିଗନ୍ତରେ ବିଦ୍ୟୁତ ସ୍ଫୁରଣର ସଂକେତ ପରି—

ଭଦ୍ରଲୋକ କହି ଚାଲିଲେ—

''ତା'ପରେ ଯାହା ଘଟିଲା, ଆପଣ ତା' ସମ୍ବନ୍ଧରେ ଅନୁମାନ କରିପାରିବେ । ବନ୍ଧୁଙ୍କର ଜୀବନରେ ଯେଉଁ ସଂଘର୍ଷ ଆରମ୍ଭ ହେଲା, ତାର ସମାଧାନ ଖୋଜିବାକୁ ଯାଇ କ୍ଷତବିକ୍ଷତ ହୋଇପଡ଼ିଲେ । କ୍ରମେ କ୍ରମେ ଏ ସଂବାଦ କର୍ଣ୍ଣକହୁଲ ହୋଇ ଅତିରଞ୍ଜିତ ଆକାରରେ ଚାରିଆଡ଼େ ବିସ୍ତୃତ ହୋଇପଡ଼ିଲା । ବନ୍ଧୁବାନ୍ଧବ ମହଲରେ ଭୀଷଣ ତୀବ୍ର

ସମାଲୋଚନା । ଏଇ ଦୁର୍ନୀତି, ଅବଜ୍ଞା ଦେଖି କେହି କଲେ ଘୃଣା, କାହାର ହୃଦୟ ଅବା ସହାନୁଭୂତିରେ ବିଗଳିତ ହେଲା । ବନ୍ଧୁଙ୍କର ସମସ୍ତ ଯଶ ପ୍ରତିଷ୍ଠା ଅଭିମାନ ମୂଳରେ କୁଠାରାଘାତ ହେଲା । ଅବଚଳିତ ହୃଦୟରେ ସମସ୍ତ ସେ ସହିଥିଲେ; କିନ୍ତୁ ଦିନେ ଅର୍ଦ୍ଧ ରାତ୍ରିରେ ଦେଖିଲେ ଯେ ମମତାର ଶଯ୍ୟା ଶୂନ୍ୟ—ମମତା ନାହିଁ । ଉଠି ବାହାରକୁ ଗଲେ— ଦେଖିଲେ ଅଗଣାରେ ଜହ୍ନ ଆଲୁଅରେ ମମତା—ସ୍ତବ୍ଧ ହୋଇ ଚେୟାରଟିରେ ବସିଛି·····ପାଖକୁ ଯାଇ ଦେଖିଲେ ମମତା ଅଧୀର ଆବେଗରେ ଶିଶୁଟି ପରି କାନ୍ଦୁଛି—ସାରା ଦେହ ଥରି ଉଠୁଛି । ମମତାକୁ ଛାତିକୁ ଆଉଜେଇ ଆଣି ନିଜର ଲୁଗା ଦଣ୍ଡିରେ ମମତାର ଆଖିରୁ ଲୁହ ପୋଛିଦେଲେ । ମମତାର କାନ୍ଦଣା ବନ୍ଦ ହେବାର ନୁହେଁ— ସ୍ୱାମୀଙ୍କର ଛାତିରେ ମୁହଁ ଲୁଚାଇ କଇଁ କଇଁ ହୋଇ କାନ୍ଦି ଉଠିଲା । ବନ୍ଧୁ ନିର୍ବାକ୍—ମମତାର ମୁଣ୍ଡ ଉପରେ ଚଟୁକ ରଖି ଆକାଶ—ପ୍ରାନ୍ତରେ ମୁମୂର୍ଷୁ ଚନ୍ଦ୍ର ଆଡ଼େ ଚାହିଁ ସେ ନିଃଶ୍ୱାସ ପକାଇଲେ ।

ଦିନ ଗଡ଼ି ଚାଲିଛି । ବନ୍ଧୁଙ୍କଠାରୁ କଣ୍ଢେଇ ସବୁ ଶୁଣିଛି । ମମତା କଥା, ଭୁଲ୍ ଭୁଲ୍ କଥା । "କେଡ଼େ ସୁନ୍ଦର ନ ହୋଇଥିବ ସତେ··· ମୁଁ ଥରେ ଦେଖନ୍ତି·····ହଁ ଲୁହ ଦେଖାଇବ···ମମତା ଅପା ମୋ ଉପରେ କଣ ରାଗୁଥିବେ···କାହିଁ ମୋ ମନରେତ ରାଗ ବା ଈର୍ଷା ହେଉ ନାହିଁ···ତାଙ୍କୁ ଦେଖିଲେ ତାଙ୍କ ଗୋଡ ତଳେ ପଡ଼ି ମୁଣ୍ଡିଆ ମାରନ୍ତି । ···କିନ୍ତୁ ମୋତେ କଣ ସେ ଛୁଇଁବେ ?···ମୁଁ ତ କାହିଁ କିଛି ପାପ କରି ନାହିଁ···ଗଣିକା ଘରେ ଜନ୍ମ ହୋଇଛି ବୋଲି ଘୃଣା କରିବେ···କୁହ, କୁହ···ସତକଥା କୁହ ।"

ବନ୍ଧୁ ନିର୍ବାକ୍ ହୋଇ ସବୁ ଶୁଣିଯାନ୍ତି—ଭାବନ୍ତି, ଏ କ'ଣ ସବୁ ଭୁଲ ? ତାଙ୍କ ଜୀବନ ପଥରେ ପ୍ରଥମ ଥର ପାଇଁ ଯେଉଁ ଆଲୋକର ସନ୍ଧାନ ମିଳିଛି, ତାକୁ ସେ ଭୁଲ ବୋଲି ମାନି ନେବେ ବା କିପରି ? ଜୀବନ ଭରି ଏଇ ମହାନ୍ ଆଶୀର୍ବାଦ ପାଇଁ ସେ ଜୀବନକୁ ନେଇ କ'ଣ

କବିତାକୁ ଏକ ଛବିଟି କରି ଧରି—ଅତି ଯତ୍ନ ତାହା ଆଗରେ ତାକୁ କେଉଁଠିଯିବୁ ଦେବାକୁ ପଡ଼େ, କ'ଣ ବୋଲି ସେ ସମ୍ବୋଧ ବାର୍ତ୍ତି ଦେବେ? ମୋଟା ଦରମା, ଭଲ ଗାଡ଼ି, ବ୍ୟାଙ୍କ ବେଲେନ୍ସ—ଏହା ନାମ, ଏହି ଆଡ଼ର? ବାସ୍…ଏଇ ତାଙ୍କର ଜୀବନ ଜଞ୍ଜାଳ ମହାଯାତ୍ରାର ସମାବେଶ! କ'ଣ ତାର ମୂଲ୍ୟ…କି ବା ତାର ତାତ୍ପର୍ଯ୍ୟ! ଏକ ଅନ୍ତଃସାର ଶୂନ୍ୟ କଦର୍ଯ୍ୟ ଚିତ୍ରକୁ ବହୁମୂଲ୍ୟ ଫ୍ରେମ୍‌ରେ ବନ୍ଧାଇଲେ ଚିତ୍ରଟି ଅଧିକ ସୁନ୍ଦର ନ ଦେଖାଇ ବୀଭତ୍ସ ଦେଖାଇଥିବ ସିନା…ବୀଭତ୍ସ! ଏଇ ଜୀବନ ଚିତ୍ରରେ ସାମାନ୍ୟ ପ୍ରାଣ ସଂଯୋଗ କରିବାର ଚେଷ୍ଟା…ଭୁଲ କହିବାକୁ ମନ ବି ମାନୁ ନାହିଁ—ତା' ହେଲେ……ତା' ହେଲେ……

କିଏ ମମତା? ମମତାର ଦୋଷ କଅଣ? ମମତାର ଉଜ୍ଜ୍ୱଳ ନିର୍ମଳ ଚକ୍ଷୁରେ ଅଶ୍ରୁ ଅଶ୍ରୁର ଧାରା କାହିଁକି? ତାର କିଏ ଉତ୍ତର ଦେବ? ତା'ର ଆଖିର ଏକବିନ୍ଦୁ ଅଶ୍ରୁ ତୁମର ସମସ୍ତ ପୌରୁଷର ପରାଜୟ ପ୍ରମାଣ କରୁଛି……ମମତା କାହା ସୃଷ୍ଟି ନ କରି ନୀରବରେ ଅଶ୍ରୁ ଅପସାରି ଯାଉଛି…ତାର ଅର୍ଥ କେବେ ବୁଝିବାକୁ ଚେଷ୍ଟା କରିଛ? ସେ ତୁମକୁ ଅନ୍ତରରୁ କ୍ଷମା କରି ଦେଇଛି…କ୍ଷମା…ହଁ, କ୍ଷମା…ତୁମେ କର କ୍ଷମାର ପାତ୍ର, କରୁଣାର ପାତ୍ର……

ନାଁ, ନାଁ, ନାଁ…ତା' ହୁଏନି…ତା' ହୋଇ ପାରେ ନା। ମୁଁ ମୁହୂର୍ତ୍ତିକ ପାଇଁ ମମତାର ଅପମାନ ସହି ପାରିବି ନାହିଁ…ମମତା ପ୍ରତି ସାମାନ୍ୟତମ ଅବଜ୍ଞାର ମୁଁ ହେବାକୁ ଦେବି ନାହିଁ—ସେଥିପାଇଁ ମୋତେ ଜୀବନପାତ କରିବାକୁ ହେଲେ ବି ମୁଁ ପ୍ରସ୍ତୁତ।

ବାବୁଙ୍କର ଚିନ୍ତାସ୍ରୋତ ବାଧାପାଇଲା। ଦ୍ୱାର ପାର୍ଶ୍ୱର ଗାଡ଼ିରେ ଶବ୍ଦ ଶବ୍ଦ ମାରିଲା ଅଧବାର କରି ସଢ଼ଶେଷରେ ମମତାର ମୁଣ୍ଡ କୋଳ ଭିତରକୁ ଟାଣି ନେଇ ବନ୍ଧୁ ଉଲ୍ଲାସରେ ପଚାରି ବସନ୍ତି, "ମମତା, ତୁମ୍ଭ, ସତ କହ……ତୁମେ ମୋ ବ୍ୟବହାରରେ ଦୁଃଖ ହୋଇଛ?

"ତୁମେ କାନ୍ଦୁଛ ?" ମମତା କ୍ଷଣକ ଭିତରେ ସ୍ୱାମୀଙ୍କର ଗଳଦେଶ ବାହୁ ଆଲିଙ୍ଗନ ଭିତରେ ନିଜକୁ ନିଷ୍ପିଷ୍ଟ କରି ଦେଲା। ତା'ର ଅନାବିଳ ଶିଶୁ-ସୁଲଭ ମୁଗ୍ଧ ଦୃଷ୍ଟିରେ ସ୍ୱାମୀଙ୍କୁ ସର୍ବତୋଭାବରେ ଗ୍ରହଣ କଲେ।··ମମତା ସ୍ୱାମୀଙ୍କର ବକ୍ଷଦେଶରେ ପ୍ରଣାମ କରି ଅନୁଚ୍ଚରେ କହେ, "ତୁମକୁ ମୋ ପାଖରୁ କିଏ ଛଡ଼ାଇ ନେବ ଯେ ମୋର ଭୟ ହେବ ? ତୁମେ ଯେ ମୋର— ···ସମ୍ପୂର୍ଣ୍ଣ ଭାବେ ମୋର"·········

ବନ୍ଧୁଙ୍କର ସ୍ୱର ଥରି ଉଠେ। × × × × × ଚାଲିଯାଏ × ×"

ବନ୍ଧୁ କାତର ହୋଇ ପଡ଼ନ୍ତି, କିଏ କହିବ କେବଳ କଣ ତାଙ୍କର କର୍ତ୍ତବ୍ୟ ? ଜନ୍ମିତ୍ରୀଠାରୁ ମମତା, ମମତାଠାରୁ ଜନ୍ମିତ୍ରୀ—ସୁଦୂର ପଥରେ ଗାଡ଼ି ଛାଡ଼ିଦେଇ ଭାବନ୍ତି, କେଉଁଟା ଠିକ୍ କେଉଁଟା ଭୁଲ। ଦୁଇଟି ଭୁଲଟା ଯାକ ଠିକ୍ ବା ଦୁଇଟା ଯାକ ଭୁଲ। ମମତା ତାଙ୍କ ଜୀବନରେ ଆଣିଛି— ସୁଖ, ଶାନ୍ତି ଓ କଲ୍ୟାଣ। ନିଜର ଶିକ୍ଷା ଧାରଣା ଓ ଚିନ୍ତା ଦେଇ ମମତା ସ୍ୱାମୀଙ୍କୁ ସର୍ବତୋଭାବେ ସୁଖୀ କରିପାରିଛି। କିନ୍ତୁ ସୁଖ ଓ ଶାନ୍ତି କ'ଣ ଜୀବନର ଶେଷ ଓ ଶ୍ରେଷ୍ଠ ଉଦ୍ଦେଶ୍ୟ ? କ'ଣ ନାମ ଏଇ ସୁଖ ଓ ଶାନ୍ତିର ? କ'ଣ ତାର ଅର୍ଥ ? ଏ ସୁଖଶାନ୍ତି ସଂଭୋଗର ସମ୍ବାଦ ମର୍ମମୂଳରେ ପହଞ୍ଚି ପାରିଛି କି ? ପ୍ରାଣତନ୍ତ୍ରୀ ମିଳିଛି କି ସ୍ୱାଦର ? ଅତଳାନ୍ତ ସ୍ଥିର ସରୋବରରେ ଅବଗାହନ କରିବା ନିରାପଦ ଓ ଆରାମପ୍ରଦ, କିନ୍ତୁ ବାତ-ବିକ୍ଷୋଭିତ ଖରସ୍ରୋତା ନଦୀସ୍ରୋତରେ ସନ୍ତରଣ ଭାବି ଦେଖିବା। ସେଥିରେ ଘଟିପାରେ ଶକ୍ତିକ୍ଷୟ, ଜୀବନକ୍ଷୟ। ଘଟୁ ନା·····ଘଟିଲେ ବି ତା' ଜୀବନକୁ କରି ଦେଇପାରେ ଅର୍ଥଯୁକ୍ତ ଓ ସମ୍ପୂର୍ଣ୍ଣ। ସେ କ୍ଷୟ ହୁଏ ଅକ୍ଷୟ। ସରୋବରର ଶୃଙ୍ଖଳା ଓ କ୍ଷେମରେଖା ସେଠାରେ ଅଥର୍ବ ଓ କ୍ଲୀବ ··ସେଇଠାରେ ଖରସ୍ରୋତର ଦୁର୍ଦ୍ଧର୍ଷ ସ୍ୱେଚ୍ଛାଚାରିତା ସଂସ୍ତବର ଉଚ୍ଛୃଙ୍ଖଳ ଓ ଦୁର୍ଗମ ରୂପରେ ଦେଖାଦିଏ··ତାର ଅପରିସୀମ କମନୀୟତା, ଆବେଗ, ସତ୍ୟତାର ଅଲୌକିକ କଠୋର ଏକ

ଶାନ୍ତ ନିର୍ଜନରେ ଦୁହେଁଙ୍କ ଉଦେଳ ଦ୍ୱୀପ ଗଢ଼ାଯାଏ—କେଉଁଠି ଭୁଲ, କେଉଁଠି ଠିକ୍ ?

କିଏ ତା'ର ଉତ୍ତର ଦେବ ? କାହା ହୃଦୟ ପର ଦେଇ ଭୁଲ ଏହି ପ୍ରଶ୍ନର ନିର୍ଭୁଲ ସମାଧାନ ? ପ୍ରତିଷ୍ଠ ଜଗନ୍ତ କାଳର ସାଧନ ହେବା ଏହି ପ୍ରଶ୍ନର ଉତ୍ତର ଉପଲବ୍ଧ କରିବାକୁ ।

ସାଗର ଅନ୍ଧକାରକୁ ଚିରି ତାଙ୍କର ଗାଡ଼ି ଛୁଟେ—ନଈକୂଳ ଗାଁ ଗାଛ ଉପରକୁ ଅଜଣା ବସି ଗୀତ ଗାଏ—ସୂର୍ଯ୍ୟ ଉଦୟର ଧାଡ଼ି ଧାଡ଼ି ବୃକ୍ଷ ଶ୍ରେଣୀ ନୃତ୍ୟ ଆନନ୍ଦରେ ପ୍ରତିଧ୍ୱନି କରି ଉଠନ୍ତି···ବନ ଜଙ୍ଗଲ ମଧ୍ୟରେ ପଥ ଡାକି ଡାକି ନେଇଯାଏ···ଆକାଶ ଗର୍ଜନ କରି ଉଠେ ମେଘ—ତା'ର ଦୃଷ୍ଟିଗୋଚରରେ ତାରକା ପୁଞ୍ଜର ପ୍ରତିବିମ୍ବ—ନଈକୂଳ କଇଁଙ୍କର କୋଳ ଭିତରକୁ ପଶିଯାଇ ସ୍ପନ୍ଦନ ଧରେ···ମନେ ମନେ କହେ ଏଇ ପ୍ରଚଣ୍ଡ ଶବ୍ଦର ରଥଚକ୍ର ତଳେ ମୁଁ ଚାପି ହୋଇ ମରିଯା'ନ୍ତି···ଏଇ ମୁହୂର୍ତ୍ତରେ ରୂପତଳେ ସେ ପଦ କମ୍ପମାନ ଓ ଶୀତଳ ହୋଇଯାନ୍ତା । କିନ୍ତୁ ଜୀବନ୍ତ ଏଇ ତ ଜୀବନ···ଜୀବନଠାରୁ ଅଜ ଶୋଭ ସୁନ୍ଦର ଆଉ କିଛି ନାହିଁ···ଜୀବନ ଦେବତାଙ୍କ ଚରଣପ୍ରାନ୍ତରେ ସେ ହାତ ଟେକି ନମସ୍କାର କରନ୍ତି···”

“ସେଇ ଠିକ୍ ଟେଶନ ନୋଇନାହିଁ—କୋଣାର୍କର ପ୍ରବେଶ ଦ୍ୱାରରେ ଗାଡ଼ି ଆସି ଅଟକେ···କିନ୍ତୁ ନାଟମଣ୍ଡପର ଡାହାଣ ମନ୍ଦିରର ପାଦମୂଳରେ ଆସି ଛିଡ଼ା ହୁଅନ୍ତି·····ତାରକା ମାଳାର ଚୂର୍ଣ୍ଣ ଅବଶେଷରେ ଯୁଗ ଯୁଗ ଦେଖନ୍ତି କଳାର ଅପୂର୍ବ ସମାବେଶ···ଅଙ୍କଣ ଅଙ୍ଗ, ଅଚ୍ଛନ୍ନ ବେଦନା···ନଈକୂଳ ନିକୁଞ୍ଜର ଗଳି ଭିତରେ ଛିଟିପଡ଼େ···ନାଟମଣ୍ଡପର ଅଙ୍ଗନରେ ବସି କିନ୍ତୁ ଗୀତ ଗାଆନ୍ତି—ତାରକା ଅବଶେଷରେ କୋଣାର୍କର ଅପୂର୍ବ ଆସ୍ୱାଦନ···ସେ ଏକ ଅପୂର୍ବ ଅନୁଭୂତି । ନଈର ଧାରରେ ଶୀତଳ ନଈକୂଳର ଜଗନ୍ନାଥ ଛାୟା ସେପରି ପ୍ରାଣବନ୍ତ ହୋଇ ଉଠନ୍ତି···ପ୍ରାଣ କଟିଚିତ୍ର ଉଦ୍ଭାସିତ ହୁଏ···ଜଣ ସ୍ପର୍ଶିତ ହୁଏ···ଅଧରରେ ଫୁଟି ଉଠେ

······

ମୃଦୁ ମଧୁର ହାସ୍ୟ···ମୃଦଙ୍ଗରେ କରତଳ ଅଘାତ କରେ, ଘଣ୍ଟା ବାଜେ, କରତାଳ ବାଜେ, ପଦର ନୂପୁର ଝଣିଝିଣି କରି ଉଠେ··· ତା’ ପରେ ସମସ୍ତ ଅକାଶ ପବନ ପ୍ରତିଧ୍ୱନିତ କରି ଏକ ଅଶ୍ରୁତ ପୂର୍ବ ଐକ୍ୟତାନ···ଓ ସେଇ ବାଦ୍ୟର ତାଳେ ତାଳେ ନର୍ତ୍ତକୀଗଣଙ୍କ ପଦକରେ, ପ୍ରତି ଅଙ୍ଗରେ ଫୁଟେ ଛନ୍ଦ—ନୃତ୍ୟ। ବନ୍ଧୁ ନେ.ତ୍ର ମ୍ରିତା ସୁପ୍ତା ନର୍ତ୍ତକୀଙ୍କୁ ଜାଗ୍ରତ କରନ୍ତି···ଓ ନିଜର ବାହୁରେ ବନ୍ଧନ କରି ନେଇଯାନ୍ତି ମନ୍ଦିରର ଭିତରୁ ଭିତରୁ। ଅପ୍ରଶସ୍ତ ଏକ ବେଦୀ ଉପରେ ଉଭୟ ବସି ନିରୀକ୍ଷଣ କରି ଦେଖନ୍ତି ଚତୁର୍ଦ୍ଦିଗ। ନଗ୍ନ ପ୍ରସ୍ତର ନର୍ତ୍ତକୀଙ୍କ ମୂର୍ତ୍ତି ହଠାତ୍ ଯେପରି ସ୍ତବ୍ଧ ହୋଇ ଛିଡ଼ା ହୋଇଯା’ନ୍ତି···ମୃଦଙ୍ଗରେ ହାତ ପଡୁ ପଡୁ ଅଟକି ଯାଏ। ବଂଶୀରେ ସ୍ୱର ମୂକ ହୋଇଯାଏ। କରତାଳ, ଘଣ୍ଟା—ଅଧବାଟରେ ଅଟକି ଯାଏ। ନୃତ୍ୟରତା ତରୁଣୀର ଅବୟବରେ ଛନ୍ଦ ମୂର୍ତ୍ତ ହୋଇ ରହିଯାଏ···”

“ନୃତ୍ୟରତା ଏଇ ପ୍ରସ୍ତର ମୂର୍ତ୍ତିର ଅଙ୍ଗରେ ଅଙ୍ଗ ଲଗାଇ ନର୍ତ୍ତକୀ ଯାଇଠିଆ ହେଲେ। ସେଇ ଅଙ୍ଗଭଙ୍ଗୀ, ସେଇଠାଣି, ଅନୁକରଣ କରୁଁ କରୁଁ ତାର ପରିଧାନ କ୍ରମେ କ୍ରମେ ଖସି ପଡ଼ିଲା—ସେ ଅଙ୍ଗେ ତାର ଦୃଷ୍ଟି ନାହିଁ ପ୍ରସ୍ତର ମୂର୍ତ୍ତିର ଅବିକଳ ପ୍ରତିଚ୍ଛବି ତାର ଅବୟବରେ ଫୁଟି ଉଠୁଛି···ପଦଯୁଗଳରେ ସେଇ ନୃତ୍ୟଛନ୍ଦ, କଟୀତଟରେ ସେଇ ମୂର୍ଚ୍ଛନା, ଅଙ୍ଗେ ଅଙ୍ଗେ, ପ୍ରତ୍ୟେକ ମାଂସ ପେଶୀରେ ସେଇ ଅବେଗ, ସେଇ ଅବେଦନ ଶୀଳତା···

ପୂର୍ବ ଅକାଶ କ୍ରମେ କ୍ରମେ ଉଜ୍ଜ୍ୱଳ ହୋଇ ଉଠୁଛି···ଦୂରରେ ସମୁଦ୍ରର ନୀଳରେଖା···ଝାଉଁ ବଣରେ ପବନର ମୃଦୁ ଜାଗରଣ × ×

× × × ×

“ନର୍ତ୍ତକୀଙ୍କୁ ଡକାଇ ନେଇ ସେଇଦିନ ସେ ଫେରି ଅସିଲେ—ଘରେ ଅସି ପହଞ୍ଚିଲା ବେଳକୁ ଦେଖନ୍ତି ଘର ଅଗରେ କାର୍······

ଶୁଣିଲେ ସିଭିଲ୍ ସର୍ଜନର ନାଁ । ସିଭିଲ୍ ସର୍ଜନ ? ଘର ଭିତରକୁ ଗଲେ···ଯାଇ ଦେଖନ୍ତି, ବୁଲ୍ ବୁଲ୍ ଜଡ଼ପ୍ରାୟ ହୋଇ ଆଖି ବୁଜି ପଡ଼ି ରହିଛି···ସିଭିଲ ସର୍ଜନ ତା' ଉପରକୁ ଝୁଙ୍କି ପଡ଼ି ଛାତି ପରୀକ୍ଷା କରୁଛନ୍ତି ···ନର୍ସ ଇତସ୍ତତଃ ହେଉଛି । ଘରର ଗୋଟାଏ କୋଣକୁ ମମତା ମୁହଁକୁ ତଳକୁ କରି ଛିଡ଼ା ହୋଇଛି·····ସମସ୍ତେ ଚୁପ୍ ଚାପ୍···ସିଭିଲ ସର୍ଜନ ଥରେ ବନ୍ଧୁଙ୍କ ଆଡ଼େ ଅନେଇ ଦେଇ ଅସ୍ପଷ୍ଟ ଗଳାରେ ନିଜକୁ ନିଜେ କହି ହେଲେ, "ଆପଣ ତା' କେବେ ଆସିଗଲେଣି ?" ବନ୍ଧୁ ଜବାବ୍··· ସେ ଝୁଙ୍କି ପଡ଼ି ବୁଲ୍‌ବୁଲ୍‌ର କପାଳରେ ହାତ ଦେଲେ—ଜ୍ୱର ତାତି··· କଣ୍ଠ ଘଡ଼ଘଡ଼ ଶୁଭୁଛି···ମମତା ଆଡ଼େ ଚାହିଁଲେ···ମମତା ଆଖି ପୋଛଇ ନେଲା···ସିଭିଲ ସର୍ଜନ ପରୀକ୍ଷା ଶେଷ କରି ବାହାରକୁ ଆସିଲେ— କହିଲେ ଯେ ସେ ଟାଇଫଏଡ଼ ସନ୍ଦେହ କରୁଛନ୍ତି—"ଜ୍ୱର ଏବେ ଚୌଦପାଖ ଦିନ ହେଲା—କିଛି ଠିକ୍ କହି ହେଉ ନାହିଁ—ଆପଣ ଥିଲେ କେଉଁଠି ? ପିଲାଟା ଆପଣଙ୍କୁ ବଡ଼ ବିକଳ ହୋଇ ଖୋଜୁଥିଲା···ଆଚ୍ଛା, ମୁଁ ପୁଣି ସନ୍ଧ୍ୟା ବେଳକୁ ଆସିବି···ନମସ୍କାର ।"

ସିଭିଲ ସର୍ଜନ ଚାଲିଗଲେ । ବୁଲ୍‌ବୁଲ୍‌ର ଶେଯ ପାଖକୁ ବନ୍ଧୁ ଆସି ତା' କପାଳରେ ଦେହରେ ହାତ ବୁଲାଇ ଦେଇ ଦେଇ ବନ୍ଧୁ ମମତାକୁ ଖୋଜିଲେ । ମମତା ସେ ଘରୁ କେତେବେଳେ ଚାଲି ଯାଇଛି । ପାଟି କରି ଡାକିଲେ, "ମମତା" ଉତ୍ତର ନାହିଁ । ଚାକର ଆସି କହିଲା— 'ବାଥ୍ ରୁମରେ ପାଣି ଦିଆ ଯାଇଛି,···ମା କହିଲେ ଗାଧୋଇ ଯିବାକୁ···" ବନ୍ଧୁ ଉଠିଲେ ନାହିଁ—ତଳେ ଚଟାଣରେ ବସି ବୁଲବୁଲର ଦେହରେ ମୁଣ୍ଡରେ ହାତ ବୁଲାଇ ଦେଇ ଦେଉ ଦେଉ ବେଳ ଗଡ଼ି ଚାଲିଲା···ବାରଟା, ଗୋଟେ, ଦି'ଟା···ଚାକର ପୂଜାହାରୀ ସମସ୍ତେ ଉପାସ ବସିଛନ୍ତି···ମମତା ସ୍ନାନଦିନ ହେଲା କିଛି ଖାଇ ନାହିଁ କହିଲେ ଚଳେ···ମନ୍ଦିରେ ମଜିଲେ ବୁଲ୍ ବୁଲ୍ ଆଖି ପିଟାଇ ଚାହୁଁଛି···ଲାଳ ଉଠୁଛି···ପୁଣି ଜଡ଼ପ୍ରାୟ ହୋଇ ଯାଇଛି, ବନ୍ଧୁ ଏକାଦୃଷ୍ଟିରେ ତା'ର ଅଡ଼େ ଚାହିଁ ବସିଛନ୍ତି···ଅନ୍ଧାର,

ସ୍ନାୟୁ ଓ ଶିରେ ପଡ଼ୁଛି ଏ ଧକ୍କାରେ ତାଙ୍କର ସମସ୍ତ ଦେହ ଥର ଥର ହୋଇ କମ୍ପୁଛି, ମୁଣ୍ଡ ବୁଲୁଛି……

କ୍ରମେ କ୍ରମେ ଦେଖାଗଲା ବୁଲ୍‌ବୁଲ୍‌ର ଟାଇଫଏଡ୍——ଡାକ୍ତର, ନର୍ସ । ଭକ୍ତ ଓ ମମତା ଏକାନ୍ତ ଚିତ୍ତରେ ମନ ପ୍ରାଣ ଢାଳି ବୁଲ୍‌ବୁଲ୍‌ର ସେବାରେ ଲାଗିଛନ୍ତି… ରାତି ସାରା ସବୁବେଳେ ବୁଲ୍‌ବୁଲ୍‌ର ମୁଣ୍ଡ ଉପରେ ବସି ସେଇ ଏକ ଦୃଷ୍ଟିରେ ଚାହିଁ ଚାହିଁ ବନ୍ଧୁଙ୍କର ଅଶ୍ରୁ ସିକ୍ତ ହୋଇ ଉଠେ । "ବୁଲ୍‌ବୁଲ୍" "ବୁଲ୍‌ବୁଲ୍" ମୁହଁ ପାଖରେ ମୁହଁ ଲଗାଇ ସେ ଅତୁଳ ଗଳାରେ କେତେ ନଥିଲାବେଳେ ଡାକନ୍ତି…… ବୁଲ୍‌ବୁଲ୍ ଶୁଣେ ନାହିଁ—କେବଳେ କେବଳେ ଭାଇ, ଆଈ ଫିଟିଯାଏ… ବନ୍ଧୁଙ୍କୁ ଯାଇଁ ସେ ଆଖି ବନ୍ଧୁଙ୍କ ମୁହଁ ଉପରେ ଘୂରି ଆସି ପୁଣି ବନ୍ଦ ହୋଇଯାଏ… ଭକ୍ତ ହୋ ହୋ କରି କାନ୍ଦି ଉଠନ୍ତି… ମମତା ପାଖ ଘରୁ ଦୌଡ଼ି ଆସେ… ସିଭିଲ୍‌ସର୍ଜନ ପାଖକୁ ଫୋନ୍ ହୁଏ… ସିଭିଲ୍‌ସର୍ଜନ ଆସନ୍ତି… ସବୁ ପରୀକ୍ଷା କଲାପରେ ତାଙ୍କର ମୁଖ ଅପ୍ରସନ୍ନ ଦେଖାଯାଏ… ସିଭିଲ୍‌ସର୍ଜନ ଯିବାବେଳେ କହିଗଲେ, "ଅନ୍ତ ରାତିଟା ଖୁବ୍ ସାବଧାନରେ ଥିବେ—" ସେତ ବାହାରିଗଲେ…… ମମତା ଓ ବନ୍ଧୁ ବୁଲ୍‌ବୁଲ୍‌ର ଶେଯରେ ବସି ରହିଛନ୍ତି… ବୁଲ୍‌ବୁଲ୍ ପ୍ରଲାପ କରି ଉଠୁଛି… "ବାବା, ବାବା… ତୁ ଏତେ ଦୂର ଯାଇଥିଲୁ… ମୁଁ କେତେ ଖୋଜିଲି… ମୋତେ ଆଉ ଭୁଲି ଯିବ ନାହିଁ… କହ, ବାବା, ବାବା" ବୁଲ୍‌ବୁଲ୍ ନୀରବ ହୋଇଯାଏ ।"

ଭକ୍ତବନ୍ଧୁଙ୍କର ବାକ୍ ରୁଦ୍ଧ ହେଲା । ସେ ଝରକା ଖୋଲି ବସି ରହିଲେ । ପଶ୍ଚିମ ଆକାଶରେ ଚନ୍ଦ୍ର ଢଳି ପଡ଼ୁଛି… ଆମ୍ବତୋଟା ପଛପଟ ଗଛ ଡାଳରେ ପେଚା ଉଡ଼ୁଛି… ବଗଲାଭ ଘର କ୍ରମେ ଦୀର୍ଘ ହେଉ ଆସୁଛି… ସେତ ଆଉ ଦେଖି ହେଉ ନାହିଁ……

କାନରେ ବାଜିଲା ସେଇ ଡକ୍ଟର' ଶ୍ୱାସ ଧ୍ୱନି… ଯେ ଏପରି ନୀରବରେ ଥର ଥର କାନ୍ଦୁଛି… କ୍ରମେ କ୍ରମେ ତା' ସ୍ପଷ୍ଟ ହୋଇ ଉଠୁଛି

···ଭକ୍ତସେବକଙ୍କ ଆଡ଼େ ଚାହିଁଲ···ଭକ୍ତସେବକ ସଙ୍ଗେ ସଙ୍ଗେ ଗୁଳି ଆରମ୍ଭ କଲେ ।

"ସେ ଥିଲା ବଡ଼ ଭୟଙ୍କର ରାତି, ବାହାରେ ଝଡ଼ ଉଠିଛି, ଆକାଶରେ କଳା ମେଘର ଗାଢ଼ ସ୍ତର···ବୁଲ୍‌ବୁଲ୍‌ର ଚେତନା ଫେରୁନାହିଁ···ପ୍ରଳାପ ଅସ୍ପଷ୍ଟ ହୋଇ ଆସୁଛି···ବନ୍ଧୁ ଜୀବନର ଚକ୍ଷୁରେ ମମତା ଅଶ୍ରୁ ଝରୁଛି, ମମତାର ଦୁଇ ଆଖି ଜଳ ଲୁହ ଝରି ପଡ଼ୁଛି। ସ୍ୱାମୀଙ୍କର, ଏବଂ ଜୀବନର କରୁଣ ଶୁଶ୍ରୂଷାରେ ଆଉ ହୃଦୟ ଫାଟି ପଡ଼ିଲା ଯେପରି···କହୁଛ—

"ତୁମେ ଯଦି ଆଉ କିଛି ଦିନ ଆଗରୁ ଆସିଥାନ୍ତ, ବୁଲ୍‌ବୁଲ୍ ମୋର ଏମିତି ହୋଇ ନଥାନ୍ତା···କେବେ ଭୁଲିବନି ସେ···ବାବା ବାବା କହି···" ମମତା ଆଉ କହି ପାରିଲା ନାହିଁ । ବୁଲ୍‌ବୁଲ୍‌ର କପାଳ ଉପରେ ଜୀବନର ହାତ ଅଟକିଗଲା···ମୁହଁରେ କଥା ନାହିଁ···ବାହାରେ ଝଡ଼ର ଗର୍ଜନ ତଳେ କାହାର ଯେପରି କ୍ଷୀଣ ପଦଧ୍ୱନି···ଝଡ଼ର ପ୍ରବାହ ତଳେ କାହାର କଣ୍ଠସ୍ୱର ବାଜିଉଠୁଛି···ଅନ୍ଧକାର ଭିତରୁ କା'ର ଇଙ୍ଗିତର ସଂକେତ·····

ମାତୃଋଣ ପରିଶୋଧ କରୁଛ ଏଇ ସନ୍ତାନ···ମାତୃଅପମାନର ପ୍ରତିଶୋଧ ନେଉଛ ଜୀବନର ରକ୍ତବିନ୍ଦୁ ଦେଇ···ତଥାପି ସମୟ ଅଛି···ଫେରିବାର, ଫେରାଇବାର ତଥାପି ସମୟ ଅଛି·····

ବନ୍ଧୁ ଚିତ୍କାର କରି ଉଠିଲେ "ଭଗବାନ, ଭଗବାନ ଏ ଘୋର ମୁହୂର୍ତ୍ତରେ ମମତାର କୋଳରେ କେଉଁଠୁ ଗାଁ ବୋଲଇ ···କାନ୍ଦି କାନ୍ଦି ହୋଇ ଡାକ ଛାଡ଼ିଲେ···ଭଉଣୀ ମମତା, ଭୁଲ ଭୁଲ ମୋତେ କ୍ଷମା କରିବ, ତୁମେ ମୋତେ କ୍ଷମା କରିବ···ମୋର ଭୁଲ ଭୁଲିକି ଡାକ, ତାକୁ ବଞ୍ଚାଅ···"

"ରାତି ଶେଷ ବେଳକୁ ବୁଲ୍‌ବୁଲ୍‌ର ଚେତନା ଫେରି ଆସିଲା… ସେ ପାଟି କରି ଉଠିଲା, "ବାବା, ବାବା", ବନ୍ଧୁ ଉଠିଯାଇ ବୁଲବୁଲକୁ କୋଳରେ ନେଇ କହି ଉଠିଲେ, "ଏଇଯେ ମା, ମୁଁ ଏଇଠି… ବୁଲ ବୁଲ…ମୋର ସୁନାର ବୁଲ୍‌ବୁଲ୍‌…କେମିତି ଲାଗୁଛି ମା…ମୁଁ ତୋ ପାଇଁ କେତେ ଖେଳନା ଆଣିଛି…ସକାଳ ହେଉ, ଦେଖିବୁ…" ବୁଲ ବୁଲ ହାତ ବଢ଼ାଇ ବନ୍ଧୁଙ୍କ ମୁହଁରେ ହାତରଖି କହିଲା ଭଙ୍ଗା ଭଙ୍ଗା କଣ୍ଠରେ, "ମୁଁ ଏବେ ଭଲ ହୋଇ ଯିବି ଯେ…ତୁମେ ଆସିଲଣି…ମୋତେ ଆଉ କେବେ ଛାଡ଼ି ଯିବନାହିଁ…କୁହ ବାବା…" ବନ୍ଧୁ କନ୍ୟାର ଚିବୁକ ଚୁମ୍ବନ କରି କହିଲେ, "ନାହିଁ ମା, ମୁଁ ମୋର ବୁଲ୍‌ବୁଲଣୀ ପାଖ ଛାଡ଼ି ଆଉ କେବେ ଯିବନାହିଁ ।" ମମତା ସ୍ନେହଚକ୍ଷୁରେ ଦେଖୁଛି—ମନେ ହେଉଛି ସ୍ୱାମୀଟି ଯେପରି ତାର କେଉଁ ଅତୀତ କାଳର ସନ୍ତାନ…ବାହାରେ ଝଡ଼ରବେଗ କମିଯାଇଛି…ଅଫିସ ଘରେ ଫୋନ ବାଜୁଛି…ବୋଧହୁଏ ବୃଦ୍ଧ ସିଭିଲ୍‌ସର୍ଜନ୍ । ନର୍ସ…ଯାଅତ କହିଦିଅ…ବୁଲ୍‌ବୁଲଣୀ ମୋର କଥା କହିଲଣି ହସିଲଣି… ।

× × × ×

"ତା'ପରର ଗପ ସଂକ୍ଷିପ୍ତ…ହଠାତ୍ ନଭିକାର ଏକ ଚିଠି ଆସି ପହଞ୍ଚିଲା…ଅଶ୍ରୁରେ ଲେଖା ସେଇ ଚିଠି—ପନ୍ଦର ଦିନ ହେଲା ଦେଖି ନାହିଁ…ଖିଆ ନାହିଁ, ଶୁଆ ନାହିଁ—ଅପଲକ ଆଖିରେ ସେ ଚାହିଁ ରହିଛି ବନ୍ଧୁଙ୍କର ଆସିବାର ପଥ…ମଟର ହର୍ଣ୍ଣ ଶୁଣିଲେ ସେ ଦାଣ୍ଡକୁ ଦୌଡ଼ି ଯାଉଛି…ଧୂଳି ଉଡ଼ାଇ କେତେ ମଟର ଚାଲିଯାଉଛି…କେହି ରହୁନାହିଁ…ଥରେ ଖାଲି ଆଖି ଭରି ଦେଖିବାକୁ ତାର ମନ ପ୍ରାଣ ବିକଳ ହୋଇଉଠୁଛି—ତାର ସବୁ ଦୋଷ କ୍ଷମା କରି ଥରେ ମାତ୍ର ତାକୁ ଦେଖା ଦେବାକୁ ସେ ଅନୁରୋଧ କରିଛି…ଆଉ ଅଧିକ ନୁହେଁ । ସେ ଅଟକାଇବ ନାହିଁ—ପଥ ଓଗାଳି ଠିଆ ହେବ ନାହିଁ…"

"ବନ୍ଧୁଙ୍କ ଆଖି ଆଗରେ **ଭାସି** ଉଠିଲା ଶକୁନ୍ତଳାର ସେଇ ଚିରନ୍ତନ ଦୀର୍ଘ ପ୍ରତୀକ୍ଷା···ତାରକା ଲୋକିତ କୋଣାର୍କ ଚୂଡ଼ାରେ ନୃତ୍ୟରତା ସେଇ ନର୍ତ୍ତକୀର ଅପାର୍ଥିବ ନିବେଦନ···ଦୂରରେ ନୀଳ ସମୁଦ୍ରର ତରଙ୍ଗଭଙ୍ଗ। ବନ୍ଧୁ ଅସ୍ଥିର ହୋଇ ଉଠିଲେ···ଘରକୁ ଫେରି ବୁଲବୁଲକୁ ଛାତ ଉପରେ ଯାଇ ଧରିଲେ···ମମତାର କାନ୍ଧରେ ମୁହଁ ଗୁଞ୍ଜି ମନେ ମନେ ସେମାନଙ୍କଠାରୁ କ୍ଷମାଭିକ୍ଷା କରିନେଲେ···ଥରକ ପାଇଁ ସେ ନର୍ତ୍ତକୀକୁ ଦେଖିବେ···ବାସ···ଆଉ ନୁହେଁ—ନର୍ତ୍ତକୀର ଡାକ ଆସିଛି···ତାକୁ ଏଡ଼ିବା ଭଳି ଶକ୍ତି ତାଙ୍କର ନାହିଁ—ତାଙ୍କୁ ଯିବାକୁ ହେବ···ଚନ୍ଦ୍ରର ନିମନ୍ତ୍ରଣରେ ତାଙ୍କର ରକ୍ତକଣା ଢେଉ ତୋଳି ନାଚି ଉଠୁଛି—ପ୍ରକୃତିର ଧର୍ମ···ଅବଶ୍ୟମ୍ଭାବୀର ନିର୍ଦ୍ଦେଶ ଭବିତବ୍ୟର ସଂକେତ ଧ୍ୱନି···ଥରକ ପାଇଁ, କେବଳ ଥରକ ପାଇଁ ସେ ଆଖି ଭରି ନର୍ତ୍ତକୀକୁ ଦେଖିନେବେ—ନିଜର ବକ୍ଷଉପରେ ତାର ବକ୍ଷର ଧ୍ୱନି କାନ ପାରି ଶୁଣିବେ—ବାସ···"

"ବନ୍ଧୁଙ୍କର ଗାଡ଼ି ଛୁଟିଲା···ନର୍ତ୍ତକୀ ଦ୍ୱାରପ୍ରାନ୍ତରେ ଯୁଗ ଯୁଗ ଧରି ଯେପରି ଅନାଗତ ପ୍ରେମିକର ପ୍ରତୀକ୍ଷାରେ ଚାହିଁପରି ଛିଡ଼ାହୋଇ ରହିଛି···ବନ୍ଧୁଙ୍କ ପଦତଳେ ଲୋଟି ପଡ଼ି ସେ ସଂଜ୍ଞାଶୂନ୍ୟ ହୋଇ ପଡ଼ିଲା···ତା' ପରେ ସାରାଦିନ ଧରି ଗଭୀର ଜଙ୍ଗଲ ଓ ଅଜଣା ନଦୀର କୂଳେ କୂଳେ ବୁଲିଲେ ଧନ୍ଦି ବୁଲିଲେ—

ନର୍ତ୍ତକୀ ହାତରେ ଷ୍ଟିଅରିଂ—ବନ୍ଧୁ, ତାର କାନ୍ଧରେ ମୁଣ୍ଡ ରଖି ଆଖି ବୁଜିଛନ୍ତି, ନର୍ତ୍ତକୀର କଣ୍ଠରେ ସଙ୍ଗୀତ। ଆକାଶର ନୀଳ ଚକ୍ଷୁରେ ଆନନ୍ଦ—

ଆଗରେ ରାସ୍ତା ଉପରକୁ ଉପରକୁ ଚଢ଼ି ଯାଇଛି—ଘାଟି—ନର୍ତ୍ତକୀ ହାତରୁ ଷ୍ଟିଅରିଂ ନେଇ ବନ୍ଧୁ ଘାଟି ପାର ହେଲେ—ଆଗରେ ବାଁକଟେ ଗୋଟାଏ ବଙ୍ଗଳା—ସେଇଠି ସେମାନେ ଆଶ୍ରୟ ନେଲେ···ସନ୍ଧ୍ୟା ଏ ମାତ୍ର

ବାଜି···ଗାଡ଼ି ଶେଷରେ ତାଙ୍କୁ ଫେରି ଯିବାକୁ ହେବ···ମମତାଠାରୁ ବୁଲ୍‌ବୁଲ୍‌ଠାରୁ ସେ କେବଳ ଘଣ୍ଟାକର ଅନୁଚ୍ଚାରିତ ଅନୁମତି ଆସି-ଛନ୍ତି—ତାଙ୍କୁ ଫେରିଯିବାକୁ ହେବ—ବୁଲ୍‌ବୁଲ୍ ରାଣୀର ଚିବୁକ ଚୁମ୍ବନ କରି ସେ ଯେଉଁ ଶପଥ କରିଛନ୍ତି, ମମତାଙ୍କ କୋଳରେ ଶୋଇ ସେ ଭଗବାନଙ୍କ ନିକଟରେ ଯେଉଁ ଅଙ୍ଗୀକାର କରିଛନ୍ତି, ସେ ତାକୁ ତାଙ୍କର ଜୀବନର ଶେଷ ରକ୍ତବିନ୍ଦୁ ଦେଇ ରକ୍ଷା କରିବେ···ଗାଡ଼ି ଅଗ୍ରସର ହେଉଛି···ବନ୍ଧୁଙ୍କ ଚକ୍ଷୁରେ ନିଦ ନାହିଁ···ଉଣ୍ଠିକାରୁ ସେ କିଛି କହି ନ ହାରି···ଧନସାରା ଘୂରି ଘୂରି କ୍ଲାନ୍ତ ହୋଇ ସେ ଯେ ଅଧା ଅଠରେ ଶୋଇ ପଡ଼ିଛି, ତାର ନିଦ ଭାଙ୍ଗିନାହିଁ···ତାକୁ ନିଦରୁ ଉଠାଇବାର ମାନସ ବନ୍ଧୁ ପାଖ ନାହାନ୍ତି । ଗାଡ଼ି ଅଗ୍ରସର ହେବା ସଙ୍ଗେ ସଙ୍ଗେ ତାଙ୍କ ସ୍ନାୟୁରେ ଓ ରକ୍ତରେ ସେ ଯେପରି ମୃତ୍ୟୁର ଶୀତଳତା ଅନୁଭବ କରୁଛନ୍ତି—ନଣ୍ଠିକାକୁ ଜଗାଇଲାଭଳି ଶକ୍ତି ତାଙ୍କ ସ୍ପର୍ଶରେ ଆଉ ଯେପରି ନାହିଁ—କରତଳ ଶୀତଳ···ପ୍ରାଣରେ ଉତ୍ତାପ ମରି ଆସୁଛି···ଆକାଶରେ ଚନ୍ଦ୍ର ନିଷ୍ପ୍ରଭ ହୋଇ ଆସୁଛି···ବନ୍ଧୁଙ୍କର ଅବସନ୍ନ ଚକ୍ଷୁ ମୁଦି ଆସେ······ ଗାଡ଼ି ଆଉ ଅଧଘଣ୍ଟା ବାକି······ × × ×”

ଭଦ୍ରଲୋକ ନୀରବ ହେଲେ । ଟେବୁଲ ଉପରେ ଗୋଡ଼ଥୋଇ ସେ ଚେୟାରର ଗଦିରେ ନିଜକୁ ବିସ୍ତୃତ କରି ଆଖି ବୁଜିଲେ······ପାହାନ୍ତି ଥଣ୍ଡା ପବନରେ ଆଖିପତା ଲାଗି ଆସୁଛି ...ଆକାଶରୁ ଜହ୍ନ ଲିଭିଗଲାଣି ।

କେତେବେଳେ ଏହିପରି କଟିଲା ଜାଣି ପାରିନାହିଁ···ଆଖି ଲାଗି-ଯାଇଥିଲା ବୋଧହୁଏ······ନିଦ ଭିତରେ ଭିତରେ ଯେପରି ଗୋଟାଏ ମୋଟର ଷ୍ଟାର୍ଟ ହେବାର ଆବାଜ ଶୁଣିଲି—ପୁଣି ସବୁ ଗୋଳେଇ ହୋଇ-ଗଲା···ତା’ପରେ ଆଉ କିଛି ଜାଣେନାହିଁ···ପୁଣି ତନ୍ଦ୍ରାଭାବ କଟିଗଲା—କିଏ ଠିଆହୋଇ ଡାକୁଛି, “ହଜୁର, ହଜୁର ।” ଭଦ୍ରଲୋକ ବଳି-ବଳେଇ ଉଠିଲେ ଓ ତାପରେ ଚମକିଲା ପରି ପାଟି କରି ଉଠିଲେ, “କ୍ୟା ? ଓ ରହମନ, କ୍ୟା, କ୍ୟା ବାତ୍ ?” ରହମନ କହିଲା, “ହଜୁର,

ଓ ସେ। ମିସି ସାହେବ ଅପେକ୍ଷେଥ ଓ ମୋଟର ନେଇକେ କହାଁ ଚାଲିଗେଲି ।" ଭଦ୍ରଲୋକ ଚେୟାରରୁ ଛିଟିକି ପଡ଼ିଲେ "କାବ" "ଅଭ, ହଜୁର" ରହମାନ ଉତ୍ତରଦେଲା । ଭଦ୍ରଲୋକ ବୁଲିପଡ଼ି ମୋ ଆଡ଼କୁ ହାତ ବଢ଼ାଇ କହି ଉଠିଲେ "ଆପଣଙ୍କର ଗାଡ଼ି ଚାବି !" "ଏଇ ଯେ" କହି ମୁଁ ମୋଟର ଚାବି ଭଦ୍ରଲୋକଙ୍କ ହାତରେ ଦେଲି । ଭଦ୍ରଲୋକ ଦୌଡ଼ି ଦୌଡ଼ି ଯାଇ ଗାଡ଼ିରେ ଷ୍ଟାର୍ଟ ଦେଲେ—ଗର୍ଜନକରି ଗାଡ଼ି ବାହାରି ଗଲା ।

ରହମାନ ଚାଲି ଯାଇଛି···ଜିନ୍ ବୋତଲ, ଗ୍ଲାସ ଚୁରମାର ହୋଇ ତଳେ ପଡ଼ିଛି···ମଟରର ଗର୍ଜନ ଦୂରରେ ମିଳି ଯାଉଛି···ପୂର୍ବ ଆକାଶରେ ଶୁକ୍ର ଦପ୍ ଦପ୍ କରି ଜଳୁଛି ଗଛ ଡାଳରେ କେଉଁ ସାଥିହରା ଚଢ଼େଇ ଡେଣା ଫଡ଼୍ ଫଡ଼୍ କରି ଉଠୁଛି···ଦୂରରେ ଦିଗ୍‌ବଳୟ କ୍ରମେ ସ୍ପଷ୍ଟ ହୋଇ ଆସୁଛି ।

ଯନ୍ତ୍ରଚାଳିତ ପରି ମୁଁ ବି ବଙ୍ଗଳାର ଫାଟକ ପାରହୋଇ ରାସ୍ତାରେ ଚାଲିଛି···ଚକିଆ ତଳୁ କେତେବେଳେ ଟର୍ଚ୍ଚ ହାତରେ ନେଇଛି···ଚାଲିଛି ରାସ୍ତାର ପଥର ଉପରେ ଚପ୍ପଲ ବାଜୁଛି···କେତେ ସମୟ ଏମିତି ଚାଲିଥିଲି ଜାଣେ ନାହିଁ—ଅନ୍ଧାର, ଜିନ ଓ କଡ଼ା ଚଳୁଛି ମୁଣ୍ଡରେ କାମ କରୁଛି···ଖିଆଲ ହେଲା କେତେବେଳେ ବୁଝିଲି ଗୋଡ଼ ଆଉ ସମତଳ ଭୂମିରେ ପଡ଼ୁନାହିଁ—ରାସ୍ତା ତଳରୁ ଉପରକୁ ଚଢ଼ି ଯାଇଛି···ମନେ ପଡ଼ିଲା ଘାଟିଟି ଆସି ପହଞ୍ଚିଲିଣି । ଥୋଡ଼ାଏ ଉପରକୁ ଚଢ଼ିଛି, ଚମକି ପଡ଼ିଲି ।

ଆଗରେ ମୋ ଗାଡ଼ି···ଭଦ୍ରଲୋକ ନାହାନ୍ତି······ଅନ୍ଧାର ଉପରକୁ ଚଢ଼ିଲି······ଚାରିଆଡ଼ ଉଜ୍ଜ୍ୱଳ ହୋଇ ଉଠିଲାଣି······ଆଖିମଳି ଚାହିଁ ଦେଖିଲି ଘାଟର ରାସ୍ତା ଧାରରେ ଭଦ୍ରଲୋକ ଗୋଟାଏ ଗଛରେ ଭରାଦେଇ ଠିଆ ହୋଇଛନ୍ତି······ଗଣ୍ଡି ଉପରେ ହାତ ଛନ ହୋଇ ରହିଛି··· ।

କପାଳରେ ଶିରା ଧକ୍ ଧକ୍ କରୁଛି···ଆଖି ଘାଟର ନିମ୍ନ ଦେଶରେ ନିବଦ୍ଧ । ତାଙ୍କର ଦୃଷ୍ଟି ଅନୁସରଣ କରି ଘାଟ ଧାର ଉପରୁ ଝୁଙ୍କିପଡ଼ି ଚାହିଁଲି··········

ଦୂରରେ···ପ୍ରାୟ ପଚାଶ ଫୁଟ ତଳେ ଗୋଟାଏ କାର୍ ଭାଙ୍ଗି ଚୁର୍ମାର୍ ହୋଇ ପଡ଼ିଛି ଓ ଅଦୂରରେ ଛିଟିକି ହୋଇ ପଡ଼ିଛି—ଏକ ରମଣୀମୂର୍ତ୍ତି । ରକ୍ତର ସୁଅ ବୋହି ଯାଉଛି—ଗାଡ଼ିର ଭଗ୍ନ ସ୍ତୂପରୁ ବାଙ୍କି ବାଙ୍କି ଉଠୁଛି ଧୂଆଁର କୁଣ୍ଡଳୀ······

ପୂର୍ବପଟର ଆକାଶ ଅଦ୍ଭୁତ ଭାବରେ ଲାଲ ହୋଇ ଉଠିଛି ।

ମୁଦ୍ରାକର—ଶ୍ରୀ ନୀଳମଣି ରାଉତରାୟ, ପ୍ରଜାତନ୍ତ୍ର ପ୍ରେସ, କଟକ—୧୯୫୧